AUGUST 19, 2026
WEDNESDAY, BHUBANESWAR

ଅଗଷ୍ଟ ୧୯, ୨୦୨୬
ବୁଧବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 342 ବର୍ଷ- ୧ ● ସଂଖ୍ୟା- ୩୪୨ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

# ବନ୍ୟା ପ୍ରଭାବିତଙ୍କ ପାଇଁ ୧୦୦୦ କୋଟି ପ୍ୟାକେଜ୍

## କ୍ଷତିଗ୍ରସ୍ତ ଅଞ୍ଚଳରେ ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ଅର୍ଥ ପ୍ରତିବନ୍ଧକ ହେବ ନାହିଁ : ମୁଖ୍ୟମନ୍ତ୍ରୀ

- ପ୍ରଭାବିତ ଚାଷୀମାନଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ କୃଷି ଇନପୁଟ୍ ସବସିଡି ସହାୟତା
- କ୍ଷତିଗ୍ରସ୍ତ DBT ମାଧ୍ୟମରେ ସହାୟତା ପ୍ରଦାନ କରାଯିବ
- କ୍ଷତିଗ୍ରସ୍ତ ରାସ୍ତାଘାଟକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବ
- ଯେକୌଣସି ବିପର୍ଯ୍ୟୟ ଆସୁନା କାହିଁକି ଆମେ ଲୋକଙ୍କସହ ଅଛୁ ଓ ରହିବୁ
- ଚଳିତ ବର୍ଷ ସ୍ୱାଭାବିକ ଠାରୁ ୩୪ ପ୍ରତିଶତ ଅଧିକ ବର୍ଷା



ଭୁବନେଶ୍ୱର, ୧୮/୦୮ : ଗତ କିଛି ଦିନ ହେବ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ଓ ଭଦ୍ରକ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳକୁ ସଡ଼କ ଓ ଜଳପଥରେ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ । ଏହାପରେଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବନ୍ୟା ସ୍ଥିତିର ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ରାଜ୍ୟର ବନ୍ୟା ପ୍ରଭାବିତ ଜନସାଧାରଣଙ୍କ ପାଇଁ ୧୦୦୦ କୋଟି ଟଙ୍କାର ପ୍ରାରମ୍ଭିକ ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ଚଳିତ ବର୍ଷ ଜୁନ୍, ଜୁଲାଇ ଓ ଅଗଷ୍ଟଏହି ତିନି ମାସ ମଧ୍ୟରେ ୧୧୦୦ ମିଲିମିଟରରୁ ଅଧିକ ବର୍ଷା ହୋଇଛି, ଯାହାକି ସ୍ୱାଭାବିକ ବର୍ଷା ପରିମାଣଠାରୁ ୩୪ ପ୍ରତିଶତ ଅଧିକ । ଗତ ୨୫ ବର୍ଷ ମଧ୍ୟରେ ଏଭଳି ଅସ୍ୱାଭାବିକ ପରିସ୍ଥିତି କେବେବି ଦେଖିବାକୁ ମିଳି ନଥିଲା ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ କାଲି ସେ ସଡକ ମାର୍ଗରେ ଯାଇ ପ୍ରଭାବିତ ଅଞ୍ଚଳରେ ବୋଟ୍ ଯୋଗେ ଓ ପାଦରେ ଚାଲି ଚାଲି ଗାଁ ଗାଁ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହିତ କ୍ଷତିଗ୍ରସ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲେ । ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର କସପା ଓ ତରପଦା ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗ୍ରାମ ଓ ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକମାନଙ୍କୁ ଭେଟି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଯାଜପୁର ଜିଲ୍ଲା ରାମଚନ୍ଦ୍ରପୁର ସ୍କୁଲରେ ପ୍ରସ୍ତୁତ ହେଉଥିବା ରନ୍ଧା ଖାଦ୍ୟର ମାନ ଯାଞ୍ଚ କରିଥିଲେ । ଏହା ସହିତ ଭଦ୍ରକ ଜିଲ୍ଲାର ଦପାନାଆକାଣି ସ୍କୁଲ ସ୍ଥିତ ଆଶ୍ରୟସ୍ଥଳ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସୁବିଧା ଅସୁବିଧା, ବିଶେଷକରି ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ ।

ଗଣମାଧ୍ୟମକୁ ଏହି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାରଙ୍କ ରିଲିଫ୍ ଓ ଅନ୍ୟାନ୍ୟ ସହାୟତା ବାବଦରେ ଜନସାଧାରଣ ସନ୍ତୁଷ୍ଟ ଅଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ହେଉଛି ଲୋକଙ୍କ ସରକାର । ଯେକୌଣସି ବିପର୍ଯ୍ୟୟ ଆସୁନା କାହିଁକି, ଆମେ ଲୋକଙ୍କ ସୁଖ ଦୁଃଖରେ ଅଛୁ ଓ ରହିବୁ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭଦ୍ରକ ଓ ଯାଜପୁର ସହିତ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ୍ୟ ବନ୍ୟାସ୍ଥିତି ଉପୁଜିଛି । ଏହି ୬ ଟି ଜିଲ୍ଲାର ସ୍ଥିତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଜିଲ୍ଲା ଗୁଡ଼ିକର ୭୪ଟି ବ୍ଲକର ୧୩୮୧ଟି ଗାଁ'ର ୯.୪୦ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୩.୭୦ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇଛି । ୫୫୦ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇ ପ୍ରଭାବିତ ଲୋକଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି । ୬ ଟି ଜିଲ୍ଲାରେ ସମୁଦାୟ ୪୫ଟି ODRAF, ୮ଟି NDRF ଏବଂ ୬୫ଟି ଅଗ୍ନିଶମ ସେବା ଦଳ ନିୟୋଜିତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା ହୋଇଥିବା ୧୦୦୦ କୋଟି ଟଙ୍କାର ପ୍ୟାକେଜ୍ ମଧ୍ୟରେ ବନ୍ୟା ପ୍ରଭାବିତ ଚାଷୀମାନଙ୍କ ପାଇଁ କୃଷି ଇନପୁଟ୍ ସବସିଡି ସହିତ ବିଭିନ୍ନ ପ୍ରକାରର ସହାୟତା ବ୍ୟବସ୍ଥା କରାଯାଇଛି । ଏହା ହେଲା-ବନ୍ୟା ପ୍ରଭାବିତ ଚାଷୀମାନଙ୍କୁ କୃଷି ଇନପୁଟ୍ ସବ୍‌ସିଡି ☞ପୃଷ୍ଠା-୨

## ନିଶାମୁକ୍ତ ଓଡ଼ିଶା ଏକ ନୂତନ ସଂକଳ୍ପ

# ନିଶାଠାରୁ ଦୂରେଇ ରହିବା ଏବଂ ଅନ୍ୟମାନଙ୍କୁ ସଚେତନ କରିବା




ଭୁବନେଶ୍ୱର, ୧୮/୮: ଭୁବନେଶ୍ୱରର ସୂଚନା ଓ ଲୋକସମ୍ପର୍କ ବିଭାଗର ସଭାଗୃହରେ ଏକ ସ୍ୱତନ୍ତ୍ର ପରିବେଶ ଦେଖିବାକୁ ପାଇଥିଲା । ସକାଳର ସୂର୍ଯ୍ୟୋଦୟ ସାଥେ ସାଥେ କର୍ମଚାରୀମାନେ ନିୟମିତ କାମଠାରୁ କିଛିଟା ଭିନ୍ନ ଉଦ୍ଦେଶ୍ୟରେ ଏକାଠି ହୋଇଥିଲେତାହା ଥିଲା ଏକ ସୁସ୍ଥ, ସବଳ ଏବଂ ନିଶାମୁକ୍ତ ଓଡ଼ିଶା ଗଠନର ସଂକଳ୍ପ, ସଭାପତିତ୍ୱ କରୁଥିଲେ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଏବଂ ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ । ସମସ୍ତଙ୍କ ମୁହଁରେ ଗୋଟିଏ କଥାନିଶା କେବଳ ବ୍ୟକ୍ତିର ଜୀବନ ନୁହେଁ, ପୂରା ପରିବାର ଓ ସମାଜକୁ ଧ୍ୱଂସ କରିଦିଏ । ଏହି କୁପ୍ରଭାବରୁ ସମାଜକୁ ରକ୍ଷା କରିବା ପାଇଁ ସମସ୍ତେ ଦୃଢ଼ପ୍ରତିଜ୍ଞ ଥିଲେ । ଏହି ଶପଥ କେବଳ ଗୋଟିଏ ବିଭାଗ ମଧ୍ୟରେ ସୀମିତ ନଥିଲା । ସାରା ରାଜ୍ୟରେ ଏହି ଅଭିଯାନ ଏକ ଗଣଆନ୍ଦୋଳନର ରୂପ ନେଇଥିଲା । ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ, ପଞ୍ଚାୟତ ଠାରୁ ଆରମ୍ଭ କରି ବିଭିନ୍ନ ସାମାଜିକ ସଂଗଠନ ପର୍ଯ୍ୟନ୍ତ ସମସ୍ତେ ଏଥିରେ ସାମିଲ ହୋଇଥିଲେ । ରାଜ୍ୟର ଅତିକମରେ ୧୦ ପ୍ରତିଶତ ଲୋକଙ୍କୁ ଏହି ଅଭିଯାନରେ ଯୋଡିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା । ସୂଚନା ବିଭାଗର ଏହି ସାମୂହିକ ପଦକ୍ଷେପ ପ୍ରମାଣ କରୁଥିଲା ଯେ ଯଦି ପ୍ରତ୍ୟେକ ନାଗରିକ ନିଜ ଭିତରେ ପରିବର୍ତ୍ତନ ଆଣିବାକୁ ସଂକଳ୍ପ ନିଏ, ତେବେ ଆମ ସମାଜରୁ କୁସଂସ୍କାର ଏବଂ ନିଶା ଭଳି ଅଭିଶାପ ନିଶ୍ଚୟ ଦୂର ହୋଇପାରିବ ।

## ରଘୁରାଜପୁରରେ ୨୩ କୋଟିର ସମନ୍ୱିତ ପର୍ଯ୍ୟଟନ ବିକାଶ ପ୍ରକଳ୍ପ

# ଐତିହ୍ୟଗ୍ରାମକୁ ମିଳିବ ବିଶ୍ୱସ୍ତରୀୟ ପରିଚୟ



- ରଘୁରାଜପୁର ଓଡ଼ିଶାର କଳା ଓ ସଂସ୍କୃତିର ପ୍ରାଣକେନ୍ଦ୍ର
- ଗୋଟିପୁଅ ନୃତ୍ୟ, କାଠଖୋଦେଇ ଓ ମୃଣ୍ମୟ ଶିଳ୍ପକୁ ମିଳିବ ଅଧିକ ପ୍ରୋତ୍ସାହନ
- ସ୍ଥାନୀୟ କଳାକାରଙ୍କୁ ମିଳିବ ଆର୍ଥିକ ସଶକ୍ତୀକରଣ ।

ପୁରୀ, ୧୮/୦୮: ରାଜ୍ୟର ପ୍ରସିଦ୍ଧ ଐତିହ୍ୟଗ୍ରାମ ରଘୁରାଜପୁରର ରୂପ ବଦଳାଇବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି । କଳା ଓ ସଂସ୍କୃତିର ଏହି ପ୍ରାଣକେନ୍ଦ୍ରରେ ୨୩ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ସମନ୍ୱିତ ପର୍ଯ୍ୟଟନ ବିକାଶ ପ୍ରକଳ୍ପର ଭିତ୍ତିପ୍ରସ୍ତର ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ସ୍ଥାପନ କରିଛନ୍ତି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ପ୍ରକଳ୍ପ ମାଧ୍ୟମରେ ଗ୍ରାମର ପର୍ଯ୍ୟଟନ ଭିତ୍ତିଭୂମିକୁ ସୁଦୃଢ଼ କରାଯିବ । ଏହାସହ ଓଡ଼ିଶାର ଗର୍ବ ପଟ୍ଟଚିତ୍ର, ଗୋଟିପୁଅ ନୃତ୍ୟ, କାଠଖୋଦେଇ ଏବଂ ମୃଣ୍ମୟ ଶିଳ୍ପକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଉଛନ୍ତି । ଗ୍ରାମର ଭିତ୍ତିଭୂମି ବିକାଶ ସହିତ କଳାକାରଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଏବଂ ଦେଶବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଉନ୍ନତ ସେବା ପ୍ରଦାନ କରାଯିବ ।

ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦ୍ୱାରା ଦେଶବିଦେଶର ପର୍ଯ୍ୟଟକମାନେ ଅଧିକରୁ ଅଧିକ ଆକୃଷ୍ଟ ହେବେ, ଯାହାକି ସ୍ଥାନୀୟ କଳାକାରମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବାରେ ବଡ଼ ଭୂମିକା ଗ୍ରହଣ କରିବ । ଏହାଦ୍ୱାରା କଳାକାରଙ୍କ ଆର୍ଥିକ ସଶକ୍ତୀକରଣରେ ମଧ୍ୟ ସହାୟତା ମିଳିବ । ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ସରୋଜ କୁମାର ପ୍ରଧାନଙ୍କ ସମେତ ବିଭାଗୀୟ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି, କଳାକାର ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ୧୪ ଗେଟ୍ ଖୋଲା, ହୀରାକୁଦରୁ ବିପୁଳ ପାଣି ନିଷ୍କାସନ

ସମ୍ବଲପୁର, ୧୮/୦୮ : ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ପୁଣି ବଢ଼ିବାରେ ଲାଗିଛି । ମଙ୍ଗଳବାରର ସଦ୍ୟତମ ୩ ଘଣ୍ଟିଆ ରିଜର୍ଭୟାର ରିପୋର୍ଟ ଅନୁଯାୟୀ, ହୀରାକୁଦର ଜଳସ୍ତର ୬୨୦.୦୨ ଫୁଟ୍‌ରେ ପହଞ୍ଚିଛି । ଜଳପ୍ରବେଶ ବଢୁଥିବାରୁ ଜଳଭଣ୍ଡାରର ୧୪ଟି ସ୍ଲୁଇସ୍ ଗେଟ୍ ଖୋଲା ରଖାଯାଇଛି । ଖୋଲା ଥିବା ୧୪ଟି ଗେଟ୍ ମଧ୍ୟରୁ ବାମ ପାର୍ଶ୍ୱରେ ୯ଟି ଏବଂ ଡାହାଣ ପାର୍ଶ୍ୱରେ ୫ଟି ଗେଟ୍ ରହିଛି । ଜଳଭଣ୍ଡାରକୁ ହାରାହାରି ୨,୨୪,୬୧୪ କ୍ୟୁସେକ୍ ପାଣି ପ୍ରବେଶ କରୁଥିବା ବେଳେ ହାରାହାରି ୧,୯୯,୨୬୪ କ୍ୟୁସେକ୍ ପାଣି ନିଷ୍କାସିତ ହେଉଛି ।ନିଷ୍କାସିତ ପାଣି ମଧ୍ୟରୁ ସ୍ପିଲୱେ ଦେଇ ୧,୬୪,୫୩୫ କ୍ୟୁସେକ୍ ଏବଂ ପାୱାର ଚ୍ୟାନେଲ ଦେଇ ୩୧,୭୫୬ କ୍ୟୁସେକ୍ ପାଣି ଛଡ଼ାଯାଉଛି । ଶିଳ୍ପ ବ୍ୟବହାର ପାଇଁ ପ୍ରାୟ ୨୨୯ କ୍ୟୁସେକ୍ ଏବଂ କେନାଲ ଦେଇ ୨,୭୪୪ କ୍ୟୁସେକ୍ ପାଣି ନିଷ୍କାସନ ହେଉଛି । ଏପଟେ ହୀରାକୁଦରୁ ଅଧିକ ପରିମାଣରେ ପାଣି ଛଡ଼ାଯିବା ପରେ ତଳମୁଣ୍ଡର ବିଭିନ୍ନ ନଦୀ ଗେଜ୍‌ରେ ମଧ୍ୟ ଜଳପ୍ରବାହ ବଢୁଥିବା ଦେଖାଯାଇଛି । ଖଇରମାଳରେ ଜଳପ୍ରବାହ ୨,୬୪,୦୦୦ କ୍ୟୁସେକ୍ ରେକର୍ଡ ହୋଇଥିବା ବେଳେ ବରମୂଳରେ ୧,୪୪,୦୦୦ କ୍ୟୁସେକ୍ ରହିଛି । ମୁଣ୍ଡଳୀରେ ୧,୬୦,୯୩୮ କ୍ୟୁସେକ୍ ପାଣି ପ୍ରବାହିତ ହେଉଛି ଏବଂ ☞ପୃଷ୍ଠା-୨

## ତେଜ୍ ହେଲା ଜଳ ନିଷ୍କାସନ



## ଓଡ଼ିଶା ଡିଜିପି ନିଯୁକ୍ତି ମାମଲା

# ସେପ୍ଟେମ୍ବର ୨ରେ ପରବର୍ତ୍ତୀ ଶୁଣାଣି



- ସୁପ୍ରିମକୋର୍ଟରେ ନିଜ ପକ୍ଷରଖିଲେ ରାଜ୍ୟ ସରକାର
- ନିୟମିତ ଡିଜିପି ନିଯୁକ୍ତି ପର୍ଯ୍ୟନ୍ତ ବିନୟତୋଷ ମିଶ୍ରଙ୍କୁ ଅନ୍ତରୀଣ ଡିଜିପି ଦାୟିତ୍ୱ

ଭୁବନେଶ୍ୱର, ୧୮/୦୮ : ଓଡିଶା ଡିଜିପି ନିଯୁକ୍ତି ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ପିଆଇଏଲ ପ୍ରସଙ୍ଗ ମାମଲାରେ ଘୁଞ୍ଚିଲା ଶୁଣାଣି । ସୁପ୍ରିମକୋର୍ଟରେ ନିଜ ପକ୍ଷ ରଖିଲେ ରାଜ୍ୟ ସରକାର । ଆସନ୍ତା ସେପ୍ଟେମ୍ବର ୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରିଛନ୍ତି । ଡିଜିପି ଚୟନ ବେଳେ ଓଡିଶା ସରକାର ସୁପ୍ରିମକୋର୍ଟଙ୍କର ଗାଇଡଲାଇନ ଉଲ୍ଲଙ୍ଘନ କରିଥିବା ଅଭିଯୋଗରେ ପିଆଇଏଲ ଦାୟର ହୋଇଛି । ଗତ ୧୩ ତାରିଖରେ ଶୁଣାଣି କରି ସର୍ବୋଚ୍ଚ କୋର୍ଟ ରାଜ୍ୟରେ ଡିଜିପି ଚୟନ ପ୍ରକ୍ରିୟା ଉପରେ ବ୍ରେକ ଲଗାଇଥିଲେ । ବିଶେଷ କରି ପ୍ରକାଶ ସିଂହ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ଅନୁଯାୟୀ, ଡିଜିପି ଚୟନ ହେଉଛି କି ନାହିଁ ସେନେଇ ପ୍ରଶ୍ନ ଉଠିଛି । ସେପଟେ ବର୍ତ୍ତମାନ ନିୟମିତ ଡିଜିପି ନିଯୁକ୍ତି ନ ହେବା ଯାଏ ରାଜ୍ୟ ସରକାର ଆଇପିଏସ ଅଧିକାରୀ ବିନୟତୋଷ ମିଶ୍ରଙ୍କୁ ଅନ୍ତରୀଣ ଡିଜିପି ଭାବେ ନିଯୁକ୍ତି ଦେଇଛନ୍ତି । ଆଇପିଏସ ଯୋଗେଶ ବାହାଦୁର ଖୁରାନିଆ ଗତ ଅଗଷ୍ଟ ୧୬ ତାରିଖରେ ଅବସର ନେଇଛନ୍ତି । ତେବେ ଯୋଗେଶ ବାହାଦୂର ଖୁରାନିଆଙ୍କ ପୂର୍ବରୁ ଅରୁଣ କୁମାର ଷଡ଼ଙ୍ଗୀ ୭ ମାସ ଧରି ଇନ-ଚାର୍ଜ୍ ଡିଜିପି ରହିଥିଲେ । ବରିଷ୍ଠତା ଦୃଷ୍ଟିରୁ କ୍ରାଇମବ୍ରାଞ୍ଚ ଡିଜି ଥିବା ୧୯୯୩ ବ୍ୟାଚର ଆଇପିଏସ ଅଫିସର ବିନୟତୋଷ ମିଶ୍ରଙ୍କୁ ସରକାର ଇନ ଚାର୍ଜ୍ ଡିଜିପି ଦାୟିତ୍ୱ ଦେଇଛନ୍ତି ।

# ବିରଜା ଶଙ୍କର ମିଶ୍ର ହେଲେ ରାଜ୍ୟ ମାନବାଧିକାର କମିସନ ସଦସ୍ୟ

ଭୁବନେଶ୍ୱର, ୧୮/୦୮ : ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ରାଜ୍ୟ ମାନବାଧିକାର ଆୟୁକ୍ତ (କମିସନ) ସଦସ୍ୟ ଭାବେ ବରିଷ୍ଠ ଆଇନଜୀବୀ ବିରଜା ଶଙ୍କର ମିଶ୍ରଙ୍କୁ ନିଯୁକ୍ତ କରାଯାଇଛି । ଏନେଇ ଆଇନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି (୧୧୫୪୫/୧୮ ଅଗଷ୍ଟ ୨୦୨୬) ଅନୁସାରେ ମାନବାଧିକାର ଆଇନ ୧୯୯୩ର ଧାରା ୧ ଓ ଉପଧାରା ୨୨ ଅନୁସାରେ ଶ୍ରୀ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି । ସେ କାର୍ଯ୍ୟଭାର ଗ୍ରହଣ କରିବା ଠାରୁ ଏହା କାର୍ଯ୍ୟକାରୀ ହେବ ବୋଲି ଦର୍ଶାଯାଇଛି । ସୂଚନାଯୋଗ୍ୟ, ବିରଜା ମିଶ୍ର, କେନ୍ଦୁଝରର ନାରାୟଣ ମିଶ୍ରଙ୍କ ପୁତ୍ର ଅଟନ୍ତି ।




## ବ୍ୟଙ୍ଗ ବିଚାର

### ଡ.ଗିରୀଶ ରଂଜନ

ବରଷା ପଡ଼ିଲା ଟୁପୁରୁ ଟୁପୁରୁ
ବନ୍ୟାରେ ଭାସୁଛି ଓଡ଼ିଶା
ରିଲିଫ ଆସିଲେ ଅନ୍ନ ମିଳିବ
ଚାହିଁଛନ୍ତି ସାଇ ପଡ଼ିଶା
କହୁଥିଲେ ଆମ ମଉସା
ପିଅନ୍ତି ଗୋଟିଏ ମଦ ବୋତଲ
ମୁଖ୍ୟମନ୍ତ୍ରୀ ଦେଲେ ପଇସା

## ବ୍ରିଜ ଭାରତ ସମ୍ମିଳନୀ-୨୦୨୬ | ଜଳବାୟୁ ସହନଶୀଳତା ଓ ଗୋଷ୍ଠୀ କଲ୍ୟାଣକୁ ଗୁରୁତ୍ୱ

# ଅଧିକ ପ୍ରଭାବଶାଳୀ ସିଏସ୍‌ଆର୍ ପାଇଁ ରାଜ୍ୟପାଳଙ୍କ ଆହ୍ୱାନ




- କର୍ପୋରେଟ ସଂସ୍ଥାଗୁଡିକ ଓଡ଼ିଶାର ବିକାଶରେ ସହଯୋଗୀ ଭାବେ କାର୍ଯ୍ୟ କରନ୍ତୁ
- ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲରେ ସିଏସଆରର ଗୁରୁତ୍ୱପୂର୍ଣ୍ଣ ଭୂମିକା
- ସ୍ୱାସ୍ଥ୍ୟ, ଶିକ୍ଷା, ଓ ମହିଳା ସଶକ୍ତିକରଣ ଭଳି କ୍ଷେତ୍ରରେ ସମ୍ବଳ ବିନିଯୋଗ

ଭୁବନେଶ୍ୱର, ୧୮/୦୮ : କେବଳ ଆଇନଗତ ଅନୁପାଳନ ମଧ୍ୟରେ ସୀମିତ ନରହି କର୍ପୋରେଟ ସଂସ୍ଥାଗୁଡିକ ଓଡ଼ିଶାର ବିକାଶରେ ଦାୟିତ୍ୱବାନ ସହଯୋଗୀ ଭାବେ କାର୍ଯ୍ୟ କରିବା ସହ ସିଏସଆର (କର୍ପୋରେଟ୍ ସୋସିଆଲ୍ ରେସ୍ପନସିବିଲିଟି)କୁ ଅଧିକ ପ୍ରଭାବଶାଳୀ କରନ୍ତୁ ବୋଲି ମଙ୍ଗଳବାର ଭୁବନେଶ୍ୱରରେ ଓଡ଼ିଶା ସରକାରଙ୍କ ସାଧାରଣ ଉଦ୍ୟୋଗ (ପବ୍ଲିକ ଏଣ୍ଟରପ୍ରାଇଜେସ) ବିଭାଗ ସହଯୋଗରେ ଏବଂ ଓଡ଼ିଶା କର୍ପୋରେଟ ଫାଉଣ୍ଡେସନ ଓ ଫ୍ରିଡମ ଏଡୁର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ବ୍ରିଜ ଭାରତ ସମ୍ମିଳନୀ ୨୦୨୬ ଓ 'କର୍ପୋରେଟ ସାମାଜିକ ଦାୟିତ୍ୱ: ଦେଖାଯାଉଥିବା ସମସ୍ୟା ଓ ଚାଲେଞ୍ଜ' ଶୀର୍ଷକ ଜାତୀୟ ସେମିନାରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଡ଼ ହରିବାବୁ କମ୍ଭମପଟି କହିଛନ୍ତି ।

ରାଜ୍ୟପାଳ କହିଥିଲେ, କମ୍ପାନି ଆଇନ ୨୦୧୩ ଅଧୀନରେ ଭାରତର ସିଏସଆର ଢାଞ୍ଚା କର୍ପୋରେଟମାନଙ୍କ ପାଇଁ ସାମାଜିକ ବିକାଶରେ ଅଂଶଗ୍ରହଣର ଏକ ସଂରଚିତ ବ୍ୟବସ୍ଥା ସୃଷ୍ଟି କରିଛି । ଏହା ମାଧ୍ୟମରେ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ମହିଳା ସଶକ୍ତିକରଣ, ପରିବେଶ ସ୍ଥିରତା, ଗ୍ରାମୀଣ ବିକାଶ ଓ ବିପର୍ଯ୍ୟୟ ପରିଚାଳନା ଭଳି କ୍ଷେତ୍ରକୁ ସମ୍ବଳ ଯୋଗାଇ ଦିଆ ଯାଇପାରୁଛି । ଇସ୍ପାତ, ବିଦ୍ୟୁତ, ଖଣି ଓ ଉତ୍ପାଦନ ଭଳି କ୍ଷେତ୍ରରେ ଦ୍ରୁତ ଶିଳ୍ପାୟନ ସହ ପରିବେଶ ପ୍ରତି ଦାୟିତ୍ୱ, ଜଳବାୟୁ ସହନଶୀଳତା ଓ ଗୋଷ୍ଠୀ କଲ୍ୟାଣକୁ ଗୁରୁତ୍ୱ ଦେବା ଉଚିତ ବୋଲି ରାଜ୍ୟପାଳ କହିଥିଲେ । ସିଏସଆର ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ପୁଷ୍ଟି, ଜୀବିକା, ଦକ୍ଷତା ବିକାଶ, କ୍ରୀଡ଼ା, ଗ୍ରାମୀଣ ବିକାଶ ଓ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତିକୁ ପ୍ରାଥମିକତା ଦେବାକୁ ଶିଳ୍ପମାନଙ୍କୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ଶିକ୍ଷାକୁ ଏକ ପ୍ରାଥମିକ କ୍ଷେତ୍ର ଭାବେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ, ଶିକ୍ଷକଙ୍କ ଦକ୍ଷତା ବିକାଶ, ଡିଜିଟାଲ ଶିକ୍ଷା, ଛାତ୍ରବୃତ୍ତି ଓ ମେଣ୍ଟରସିପରେ ବିନିଯୋଗ ବିଶେଷ କରି ଆଦିବାସୀ ଓ ପଛୁଆ ଜିଲ୍ଲାର ପ୍ରଥମ ପିଢ଼ିର ଛାତ୍ରଛାତ୍ରୀଙ୍କ ଜୀବନକୁ ପରିବର୍ତ୍ତନ କରିପାରେ । ଏତଦ୍‌ବ୍ୟତୀତ ☞ପୃଷ୍ଠା-୨

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବନ୍ୟା ପ୍ରଭାବିତଙ୍କ ପାଇଁ...

ବାବଦକୁ ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯିବ । ଏଥିରେ ୩୩ ପ୍ରତିଶତ ଓ ତାହାଠାରୁ ଅଧିକ ଫସଲ କ୍ଷତି ହୋଇଥିବା ଚାଷୀମାନଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ ଅଣଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୮,୫୦୦, ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୧୭,୦୦୦ ଏବଂ ସମସ୍ତ ପ୍ରକାର ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ କୃଷି ଇନପୁଟ୍ ସବସିଡି ପ୍ରଦାନ କରାଯିବ।

କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ବିଭିନ୍ନ ପ୍ରଜାତିର ଧାନ ଓ ଅଣଧାନ (ଯଥା-ବିରି) ବିହନ କିଣିବା ନିମନ୍ତେ ଆର୍ଥିକ ସହାୟତା DBT ମାଧ୍ୟମରେ ପ୍ରଦାନ କରାଯିବ । ସରକାରଙ୍କ ତରଫରୁ ସରକାରୀ ଓ ଘରୋଇ ବ୍ୟବସ୍ଥା ମାଧ୍ୟମରେ ଆବଶ୍ୟକୀୟ ବିହନ ଚାଷୀମାନଙ୍କୁ କିଣିବା ପାଇଁ ଉପଲବ୍ଧ କରାଯିବ । କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ମାଗଣାରେ ପନିପରିବା ମିନିକିଟ୍ ପ୍ରଦାନ କରାଯିବ । ବନ୍ୟା ପରବର୍ତ୍ତୀ ରୋଗ ପୋକ ପରିଚାଳନା ପାଇଁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ୭୫% ସବ୍‌ସିଡି ପ୍ରଦାନ କରାଯିବ । କ୍ଷତିଗ୍ରସ୍ତ ଉଠା ଜଳସେଚନ ପଏଣ୍ଟ ଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ପ୍ରାଣିସମ୍ପଦ କ୍ଷତିର ଭରଣା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏହାବ୍ୟତୀତ ନଷ୍ଟ ହୋଇଯାଇଥିବା ଡଙ୍ଗା, ଜାଲ, ପୋଖରୀ ଇତ୍ୟାଦି ପାଇଁ ଆର୍ଥିକ ସହାୟତା ଦିଆଯିବ ।ଇଚ୍ଛୁକ ଚାଷୀଙ୍କ ସ୍ୱଳ୍ପ ମିଆଦୀ ଖରିଫ୍ କୃଷି ଋଣକୁ ମଧ୍ୟମ ଅବଧି କୃଷି ଋଣରେ ପରିଣତ କରାଯିବ । ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ କ୍ଷତିଗ୍ରସ୍ତ ଉପକରଣ/ଯନ୍ତ୍ରପାତି କିଣିବା ପାଇଁ ୫ ହଜାର ଟଙ୍କା ଏବଂ କଞ୍ଚାମାଲ/ପ୍ରସ୍ତୁତ ସାମଗ୍ରୀ କ୍ଷତି ପାଇଁ ୫ ହଜାର ଟଙ୍କା ସହାୟତା ଦିଆଯିବ । ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାଘାଟ, କେନାଲବନ୍ଧର ସାମୟିକ ମରାମତି ଯୁଦ୍ଧକାଳୀନ ଭିତ୍ତିରେ କରାଯିବ। ସମସ୍ତ କ୍ଷତିଗ୍ରସ୍ତ ଭିତ୍ତିଭୂମି କ୍ଷତିର ଆକଳନ ପରେ ସ୍ଥାୟୀ ମରାମତି ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ/ଶୁଖିଲା ଖାଦ୍ୟ ଯୋଗାଣ ଜାରି ରହିବ। ଏହା ସହିତ ଅତିରିକ୍ତ ଭାବରେ ଆବଶ୍ୟକୀୟ ରିଲିଫ୍ ଚାଉଳ ଯୋଗାଇ ଦିଆଯିବ ।- ବନ୍ୟା ପ୍ରଭାବିତ ବ୍ୟକ୍ତି ବିଶେଷଙ୍କୁ ବାସନ-କୁସନ ଓ ବସ୍ତ୍ର ନିମନ୍ତେ ଆବଶ୍ୟକୀୟ ଅର୍ଥ ପ୍ରଦାନ କରାଯିବ । ଗଣମାଧ୍ୟମକୁ ବିବୃତ୍ତି ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟସଭା ସାଂସଦ ମନମୋହନ ସାମଲଙ୍କ ସହିତ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର ଉପସ୍ଥିତ ଥିଲେ ।

### ୧୪ ଗେଟ୍ ଖୋଲା...

ଏଠାରେ ସ୍ଥିତି ସ୍ଥିର ରହିଛି । ସେହିପରି ବେଲଗାଁରେ ୧୯,୦୦୦ କ୍ୟୁସେକ୍ ଏବଂ ପଥର୍ଲାରେ ୪୮,୭୩୬ କ୍ୟୁସେକ୍ ଜଳପ୍ରବାହ ରେକର୍ଡ ହୋଇଛି ।ସନ୍ଧ୍ୟା ୫ଟା ସୁଦ୍ଧା ହୀରାକୁଦରୁ ମୋଟ ୨,୫୩,୯୮୭ କ୍ୟୁସେକ୍ ପାଣି ଛଡ଼ାଯାଉଥିବା ସୂଚନା ମିଳିଛି। ଏଥିରୁ ୨,୧୯,୪୦୮ କ୍ୟୁସେକ୍ ପାଣି ସ୍ପିଲୱେ ଦେଇ ନିଷ୍କାସିତ ହେଉଛି ।ଜଳଭଣ୍ଡାରର ଜଳସ୍ତର ବଢୁଥିବା ଏବଂ ତଳମୁଣ୍ଡକୁ ବିପୁଳ ପରିମାଣର ପାଣି ଛଡ଼ାଯାଉଥିବାରୁ ମହାନଦୀ ଅବବାହିକାର ସ୍ଥିତି ଉପରେ କର୍ତ୍ତୃପକ୍ଷ ନଜର ରଖିଛନ୍ତି। ବିଶେଷକରି ତଳମୁଣ୍ଡର ଅଞ୍ଚଳଗୁଡ଼ିକରେ ଜଳପ୍ରବାହ ଓ ନଦୀର ଜଳସ୍ତରକୁ ନିରନ୍ତର ମନିଟରିଂ କରାଯାଉଛି।

### ଅଧିକ ପ୍ରଭାବଶାଳୀ ସିଏସ୍ଆର୍...

ସୁପରିକଳ୍ପିତ ସିଏସଆର ପଦକ୍ଷେପଗୁଡ଼ିକ ବିକଶିତ ଓଡ଼ିଶା ୨୦୩୬ର ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ଏବଂ ବିକଶିତ ଭାରତ ୨୦୪୭ର ବୃହତ୍ତର ଜାତୀୟ ଲକ୍ଷ୍ୟରେ ଯୋଗଦାନ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ବୋଲି ରାଜ୍ୟପାଳ କହିଥିଲେ। ଏହି ଅବସରରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଯାଜପୁର ଯୋଗ ଦେଇ ଡ ରବୀନ୍ଦ୍ର ନାରାୟଣ ବେହେରା, ସାଧାରଣ ଉଦ୍ୟୋଗ ବିଭାଗର କମିଶନର-ତଥା-ଶାସନ ସଚିବ ମହମ୍ମଦ ସାଦିକ୍ ଆଲାମ ଏବଂ ଆଇଆର୍‌ଇଡିଏ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ବିଜୟ କୁମାର ମହାନ୍ତି ବକ୍ତବ୍ୟ ପ୍ରଦାନ କରିଥିଲେ। ବ୍ରିଜ ଭାରତ ସମ୍ମିଳନୀ ୨୦୨୬ର ଅଧ୍ୟକ୍ଷ ଏବଂ ଆଇଆଇଏମ ନାଗପୁରର ଭିଜିଟିଙ୍ଗ ପ୍ରଫେସର ଅରୁଣ କୁମାର ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଫ୍ରିଡମ୍ ଏଡୁ ସର୍ଭିସ ପ୍ରାଇଭେଟ ଲିମିଟେଡର ସିଇଓ ନିଖିଲ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି, ୪୬ ଅଭିଯୋଗ ଶୁଣିଲେ

ଫିରିଙ୍ଗିଆ, ୧୮/୮ (ମନୋଜ ସାହୁ) : ଫିରିଙ୍ଗିଆ ବ୍ଲକ କେଳାପଡା ପଞ୍ଚାୟତ ରେ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । କେଳା ପଡା ପଞ୍ଚାୟତ ସରପଞ୍ଚ ସ୍ୱର୍ଣ୍ଣଲତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆ, ସହକାରୀ କୃଷି ଅଧିକାରୀ ସଞ୍ଜୟ କୁମାର ବାରିକ, ସହ ବିଭିନ୍ନ ବିଭାଗର ଅଧିକାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ଦିଗାଲ, ନାଏବ ସରପଞ୍ଚ ଶ୍ରୀକାନ୍ତ ଦିଗାଲ, ଏ ଡି ଇ ଅଞ୍ଜଳି ନାୟକ ଓ ଉପସ୍ଥିତ ଥିଲେ । ବିଭିନ୍ନ



ସମସ୍ୟା ନେଇଁ କେଳା ପଡା ପଞ୍ଚାୟତ ର ୪୬ ଟି ଅଭିଯୋଗ ଆସିଥିଲା । ସମସ୍ତ ଅଭିଯୋଗକୁ ଗୁରୁତ୍ୱ ସହ ଗ୍ରହଣ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଅତି ଶୀଘ୍ର ତଦନ୍ତ କରି ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସରକାରୀ ଯୋଜନାର ସୁଫଳ ପ୍ରତ୍ୟେକ ଯୋଗ୍ୟ ଲୋକଙ୍କ ପାଖରେ ପହଞ୍ଚାଇବା ଓ ଗ୍ରାମାଞ୍ଚଳର ସମସ୍ୟାକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରାଯିବ ବୋଲି କହିଛନ୍ତି। ଶିବିରରେ ସ୍ଥାନୀୟ ଜନସାଧାରଣ ସହ ବହୁ ସଂଖ୍ୟକ ନିଜ ନିଜ ସମସ୍ୟା ଉପସ୍ଥାପନ କରିଥିଲେ । ପଞ୍ଚାୟତ ସ୍ତରରେ ଏପରି ଜନଶୁଣାଣୀ କାର୍ଯ୍ୟକ୍ରମ ହେବା ଫଳରେ ସାଧାରଣ ଲୋକମାନେ ସରକାରୀ ଅଧିକାରୀଙ୍କ ସମ୍ମୁଖରେ ସିଧାସଳଖ ଭାବେ ନିଜ ଅଭିଯୋଗ ଜଣାଇଥିବାରୁ ଏହାକୁ ଅଞ୍ଚଳ ଜନସାଧାରଣ ସ୍ୱାଗତ ଜଣେଇଛନ୍ତି ।

## ସ୍ୱାଧୀନତା ଦିବସ ପାଳନରେ ପରିଚାଳନା କମିଟିକୁ ଅଣଦେଖା ଅଭିଯୋଗ

ନୂଆପଡା, ୧୮/୦୮ (ଅକ୍ଷର ଓଡିଶା) ଖଡ଼ିଆଳ ବ୍ଲକ୍ ଦାବରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦାବରୀ ବୁଢ଼ାଦେଓ ଉଚ୍ଚ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳନକୁ ନେଇ ବିଦ୍ୟାଳୟ ପରିଚାଳନା କମିଟିକୁ ଅଣଦେଖା କରାଯାଇଥିବା ନେଇ ଅଭିଯୋଗ ଉଠିଛି। ଅଭିଯୋଗ ଅନୁସାରେ, ସ୍ୱାଧୀନତା ଦିବସ ଭଳି ଜାତୀୟ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ-ସଭ୍ୟା ଓ ସଭାପତିଙ୍କୁ ଯଥୋଚିତ ସମ୍ମାନ ଏବଂ ଭୂମିକା ଦିଆଯାଇନଥିବା ଅଭିଯୋଗ ହୋଇଛି। ଏନେଇ ପ୍ରଧାନଶିକ୍ଷକ ପହଲ୍ଲାଦ ବେହେରାଙ୍କ ବିରୋଧରେ ଅଭିଯୋଗ ଉଠିଥିବା ବେଳେ ଘଟଣାକୁ ନେଇ ଅଭିଭାବକ, ଗ୍ରାମବାସୀ ଓ ଶିକ୍ଷାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣା କେବଳ ସମ୍ମାନ ଓ ଅଣଦେଖାର ପ୍ରସଙ୍ଗ ନା ବିଦ୍ୟାଳୟ ପରିଚାଳନା ସମ୍ବନ୍ଧୀୟ ଅନ୍ୟ କୌଣସି ବିଷୟ ରହିଛି, ତାହା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଘଟଣାର ସ୍ୱଚ୍ଛ ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଆଣିବା ସହ ବିଦ୍ୟାଳୟର ସମସ୍ତ କାର୍ଯ୍ୟକ୍ରମରେ ପରିଚାଳନା କମିଟିକୁ ଯଥୋଚିତ ସମ୍ମାନ ଓ ଭୂମିକା ପ୍ରଦାନ କରିବାକୁ ସମ୍ପୃକ୍ତ ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀଙ୍କ ହସ୍ତକ୍ଷେପ ଦାବି ହୋଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡୋଳାମଣୀ ଜଗତ, ଭକ୍ତବନ୍ଧୁ ବଛା, ତୁଳସୀରାମ ଜଗତ, ଡମେନ ମାଝୀ, ଉଗ୍ରେଶ୍ୱର ହଂସ, ହେମକାନ୍ତି ମାଝୀ, ଦେବାର୍ଚ୍ଚନ ମାଝୀଙ୍କ ସମେତ ଅନ୍ୟ ଅଭିଭାବକ ଓ ଗ୍ରାମବାସୀ ଘଟଣାର ତଦନ୍ତ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।ଅନ୍ୟପକ୍ଷରେ ଏନେଇ ପ୍ରଧାନଶିକ୍ଷକ ଶ୍ରୀ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଅଗଷ୍ଟ ୧୪ ତାରିଖରେ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ରେଜିଷ୍ଟର ଦିଆଯାଇ ସମସ୍ତଙ୍କୁ ସ୍ୱାଧୀନତା ଦିବସରେ ଯୋଗଦେବାକୁ ଜଣାଇବାକୁ କୁହାଯାଇଥିଲା। ସମ୍ପୃକ୍ତ ବ୍ୟକ୍ତିମାନେ ରେଜିଷ୍ଟରରେ ଦସ୍ତଖତ କଲେ କି ନାହିଁ, ସେଥିପାଇଁ ସେ ଦାୟୀ ନୁହନ୍ତି ବୋଲି ପ୍ରଧାନଶିକ୍ଷକ ପ୍ରକାଶ କରିଥିଲେ।

## ପୁଅର ଛୁରାମାଡ଼ରେ ବାପା-ମାଆ ଆହତ

ଗୋପ, ୧୮/୦୮ (ସନ୍ତୋଷ କୁମାର ଭୋଳ): ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ଗଣେଶ୍ୱରପୁର ଗାଁରେ ଆଜି ସକାଳେ ଏକ ଅଭାବନୀୟ ଓ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ନିଜ ଜନ୍ମଦାତା ବାପା ଓ ମାଆଙ୍କୁ ଜଣେ ଉଚ୍ଚଶିକ୍ଷିତ ଯୁବକ ଛୁରାରେ ଆକ୍ରମଣ କରି ଗୁରୁତର ଆହତ କରିଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ, ଖବର ପାଇ ଘଟଣାସ୍ଥଳରେ

**ବୁଝାସୁଝା କରିବାକୁ ଯାଇ ପୋଲିସ ଆକ୍ରମଣର ଶିକାର**

ପହଞ୍ଚିଥିବା ଗୋପ ଥାନାର ପୋଲିସ କର୍ମଚାରୀଙ୍କୁ ମଧ୍ୟ ସେ ନିର୍ମମ ଭାବେ ଆକ୍ରମଣ କରିଛନ୍ତି।ସୂଚନା ଅନୁଯାୟୀ, ଗଣେଶ୍ୱରପୁର ଗ୍ରାମର ରାମଚନ୍ଦ୍ର ରଥଙ୍କ ପୁଅ ବିକ୍ରମ କେଶରୀ ରଥ (ବିଚିତ୍ର) ସକାଳେ କୌଣସି କାରଣରୁ ଉତ୍ତ୍ୟକ୍ତ ହୋଇ ନିଜ ବାପା ରାମଚନ୍ଦ୍ର ରଥ ଓ ମାଆଙ୍କୁ ଛୁରାରେ ଆକ୍ରମଣ କରିଥିଲେ। ଘର ଭିତରୁ ପାଟିଶୁଣି ସ୍ଥାନୀୟ ଲୋକେ ଓ ପୋଲିସକୁ ଖବର ଦିଆଯାଇଥିଲା ।ଖବର ପାଇ ଗୋପ ଥାନାରୁ ଦୁଇଜଣ ଏଏସଆଇ (ରବୀନ୍ଦ୍ର ସାମନ୍ତରାୟ ଓ ଶିବରାମ ଶତପଥି) ଏବଂ କନଷ୍ଟେବଳ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ଉତ୍ତ୍ୟକ୍ତ ଯୁବକ ଜଣକ ସେମାନଙ୍କୁ ମଧ୍ୟ ଛୁରାରେ ଆକ୍ରମଣ କରିଥିଲେ ।ଆହତ ବାପା ରାମଚନ୍ଦ୍ର ରଥ, ମାଆ ଏବଂ ଆକ୍ରମଣର ଶିକାର ହୋଇଥିବା ପୋଲିସ କର୍ମଚାରୀଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି ।ଅନ୍ୟପଟେ, ଆକ୍ରମଣ ପରେ ଅଭିଯୁକ୍ତ ଯୁବକ ଜଣକ ନିଜକୁ ଏକ କୋଠରୀ ଭିତରେ ବନ୍ଦ କରି ରଖିଥିଲେ। ତାଙ୍କୁ ସୁରକ୍ଷିତ ଭାବେ ବାହାରକୁ ଆଣିବା ପାଇଁ ପୋଲିସ, ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଯୁବକମାନଙ୍କୁ କାଠିକର ପାଠ ହୋଇଥିଲା।

## ନିଶା ନିବାରଣ ଓ ଭୋଟର ସଚେତନତା କାର୍ଯ୍ୟକ୍ରମ




ପଦ୍ମପୁର, ୧୮/୦୮ (ଅକ୍ଷର ଓଡିଶା ) ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଲୋହିତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ନବାଗତ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଏକ 'ପ୍ରବେଶ ଉତ୍ସବ ' ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ସଭାରେ ଅଧ୍ୟକ୍ଷ ଶ୍ରୀ ବାରିକ ନବାଗତ ଛାତ୍ରଛାତ୍ରୀଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ ଜଣାଇ ମହାବିଦ୍ୟାଳୟର ଶୃଙ୍ଖଳିତ ପରିବେଶ ସଂପର୍କରେ ସୂଚନା ଦେଇଥିଲେ । ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ସାହୁ ନବାଗତ ଛାତ୍ରଛାତ୍ରୀଙ୍କୁ ଜାତୀୟ ଶିକ୍ଷାନୀତି -୨୦୨୦ ଅନୁଯାୟୀ ନିର୍ଦ୍ଧାରିତ ପାଠ୍ୟକ୍ରମ ସଂପର୍କରେ ଅବଗତ କରାଇଥିଲେ । ପ୍ରାଧ୍ୟାପକ ପ୍ରଭାତ କୁମାର ବିଶ୍ୱାଳ ମହାବିଦ୍ୟାଳୟର ଶୈକ୍ଷିକ ପରିବେଶ ସଂପର୍କରେ ଆଲୋଚନା କରିଥିବା ବେଳେ ଅଧ୍ୟାପକ ପ୍ରଦୀପ କୁମାର ଦେୱାନ ଛାତ୍ର ଜୀବନରେ ଶୃଙ୍ଖଳା ଓ ସଂସ୍କାର ତଥା କଠିନ ପରିଶ୍ରମର ଗୁରୁତ୍ୱକୁ ଦର୍ଶାଇଥିଲେ । ଏହା ବ୍ୟତୀତ ନିଶାନିବାରଣ ଓ ଭୋଟର ସଚେତନତା ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା । ପାଇକମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲ କୁମାର ଉଦୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମତଦାନ କରି ଦେଶ ଗଠନରେ ସାମିଲ ହେବା ପାଇଁ ପ୍ରେରଣା ଦେଇଥିଲେ ।

## ନୂଆପଡ଼ାରେ ଡୁଡା ସମୀକ୍ଷା ବୈଠକ

### ସହରାଞ୍ଚଳ ବିକାଶରେ ସ୍ୱଚ୍ଛତା, ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱ

ନୂଆପଡ଼ା, ୧୮/୦୮( ଅକ୍ଷର ଓଡିଶା ) ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା (ଡୁଡା)ର ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପିଡି, ଡୁଡା ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ସ୍ୱାଗତ ଜଣାଇବା ସହ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ ।ବୈଠକରେ ନୂଆପଡ଼ା, ଖଡ଼ିଆଳ ଓ ଖରିଆର ରୋଡ୍ ଏନ୍‌ଏସିର ବିଭିନ୍ନ ଉନ୍ନୟନମୂଳକ ଯୋଜନା, ଆର୍ଥିକ ସ୍ଥିତି, ରାଜସ୍ୱ ଆଦାୟ, ସହରାଞ୍ଚଳ ଭିତ୍ତିଭୂମି, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଓ ଅନ୍ୟାନ୍ୟ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ୨୦୨୬-୨୭ ବର୍ଷର ରାଜସ୍ୱ ଆଦାୟ ସମ୍ପର୍କରେ ସମୀକ୍ଷା ବେଳେ ଖଡ଼ିଆଳ ଏନ୍‌ଏସିରେ ୫୧.୯୧ ଲକ୍ଷ ଟଙ୍କା, ନୂଆପଡ଼ା ଏନ୍‌ଏସିରେ ୪୧.୨୯ ଲକ୍ଷ ଟଙ୍କା ଏବଂ ଖରିଆର ରୋଡ୍ ଏନ୍‌ଏସିରେ ୫୮.୭୧ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ଉପସ୍ଥାପିତ ହୋଇଥିଲା। ରାଜସ୍ୱ ଆଦାୟକୁ ଆହୁରି ତ୍ୱରାନ୍ୱିତ କରି ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପିଏମ୍‌ଏୱାଇ-୨.୦ ଅଧୀନରେ ନୂଆପଡ଼ା ଏନ୍‌ଏସିରେ ୧୦୧ଟି ଏବଂ ଖରିଆର ରୋଡ୍ ଏନ୍‌ଏସିରେ ୩୧ଟି ନିର୍ମିତ ଗୃହର ଗୃହ ପ୍ରବେଶ କାର୍ଯ୍ୟକ୍ରମ ଅଗଷ୍ଟ ୧୫ ତାରିଖରେ ଅନୁଷ୍ଠିତ ହୋଇଥିବା ଅବଗତ କରାଯାଇଥିଲା ।ପ୍ଲାଷ୍ଟିକ ନିଷେଧ ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମର କଡ଼ାକଡ଼ି ପାଳନ ସହ ଆବଶ୍ୟକ ଏନ୍‌ଫୋର୍ସମେଣ୍ଟ ଜାରି ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ନୂଆପଡ଼ା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାର, ଖଡ଼ିଆଳ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସାଧୀନ ମହାରଣା, ଖରିଆର ରୋଡ୍ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାଏକଙ୍କ ସମେତ ଡୁଡାର ଅଧିକାରୀ ଓ କର୍ମଚାରୀ, ମ୍ୟୁନିସିପାଲ ଇଞ୍ଜିନିୟର, ଏମ୍‌ଆଇଏସ୍ କର୍ମଚାରୀ ଏବଂ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

**ସୁବର୍ଣ୍ଣପୁର ସିନିଅର ଫୁଟବଲ ଲିଗ୍-୨୦୨୬**

## ଫାଇନାଲରେ ଲାତୁରପେଟକୁ ହରାଇ ଭଗବତୀ କ୍ଲବ ଚାମ୍ପିଅନ

ସୁବର୍ଣ୍ଣପୁର, ୧୮/୮(ସଂଗ୍ରାମ ମହାପାତ୍ର) ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ହେଉଥିବା ସୁବର୍ଣ୍ଣପୁର ସିନିଅର ଫୁଟବଲ ଲିଗ୍ -୨୦୨୬ର ଫାଇନାଲରେ ଲାତୁରପେଟକୁ ହରାଇ ଭଗବତୀ କ୍ଲବ କୁଡ଼ାପଡ଼ା ଦଳ ଜୋନ ଚାମ୍ପିଅନ ହୋଇଛି । ଏହି ଲିଗ୍ ରେ ବୀରମହାରାଜପୁର ବ୍ଲକର କୁଡ଼ାପଡ଼ା, ଜଟେସିଂହା, ମର୍ନିଙ୍ଗ କ୍ଲବ ବୀରମହାରାଜପୁର, ଫୁଲଚରା,ଲାତୁରପେଟ,ସୁବଳୟା, ବୀରମହାରାଜପୁର ଆଦି ୮ ଟି ଦଳ ଅଂଶ ଗ୍ରହଣ କରିଥିଲେ। ସେମିଫାଇନାଲରେ କୁଡ଼ାପଡ଼ା, ଲାତୁରପେଟ,ବୀରମହାରାଜପୁର ଓ ଫୁଲଚରା ପ୍ରବେଶ କରିଥିଲେ। ଫାଇନାଲ ରେ କୁଡ଼ାପଡ଼ା ଓ ଲାତୁରପେଟ ମଧ୍ୟରେ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟରେ ଗୋଲଶୂନ୍ୟ ହୋଇଥିଲା। ଫଳରେ ପେନାଲଟି ସୁଟ୍ ଆଉଟ୍ ରେ କୁଡ଼ାପଡ଼ା ୪-୩ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ମ୍ୟାଚ୍ ଗୁଡିକରେ ଶ୍ରବଣ ବିଶ୍ୱାଳ, ଦୁର୍ଗା ବେହେରା,ସୂରଜ ପ୍ରଧାନ ଓ ରଞ୍ଜନ ସାହୁ ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି ଏବଂ ସୁବର୍ଣ୍ଣପୁର ଜିଲ୍ଲା ସ୍ପୋର୍ଟସ ସଂଘ ର ସାଧାରଣ ସମ୍ପାଦକ ପୀୟୁଷ ପଣ୍ଡା ଓ ଫୁଟବଲ ସମ୍ପାଦକ ରାଜୀବ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚମ୍ପେ ସେଠୀଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଓ ଉତ୍ତମ ସାହୁଙ୍କୁ ଶ୍ରେଷ୍ଠ ଗୋଲ କିପର ଭାବେ ଘୋଷଣା କରାଯିବା ସହିତ ଉଭୟ ଚାମ୍ପିୟନ୍ ଓ ରନର୍ସ ଅପ୍ ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।

## ବୋଲବମ୍ ଭକ୍ତମାନଙ୍କ ନିମନ୍ତେ ବିଶ୍ରାମ ସ୍ଥଳ ଓ ପ୍ରସାଦ ସେବନ ବ୍ୟବସ୍ଥା

କଟକ ସଦର(୧୮/୮): କଟକ ସଦର ବ୍ଳକ ବୟାଳିଶ ମୌଜା ଅନ୍ତର୍ଗତ ଗୋବିନ୍ଦପୁର ଛକ ଠାରେ କାଉଡିଆ ଭକ୍ତ ମାନଙ୍କ ନିମନ୍ତେ ସେବା ପ୍ରଦାନର ବ୍ୟବସ୍ଥା କରାଯାଇଥିଲା ।ବହୁ ସଂଖ୍ୟକ କାଉଡିଆ ଭକ୍ତ ମାନଙ୍କ ସମାଗମକୁ ଦୃଷ୍ଟିରେ ରଖି, ଗୋବିନ୍ଦପୁର ଯୁବ ଗୋଷ୍ଠୀ ଓ ଗୋବିନ୍ଦପୁର ମାର୍କେଟ କମ୍ପ୍ଲେକ୍ସ କମିଟି ର ମିଳିତ ଆନୁକୂଲ୍ୟରେ, ବୋଲବମ୍ ଭକ୍ତ ମାନଙ୍କ ଯାତ୍ରାକୁ ସୁଗମ ଓ କଷ୍ଟ ଲାଘବ କରିବା ନିମନ୍ତେ ବିଶ୍ରାମ ସ୍ଥଳୀ ଓ ପ୍ରସାଦ ସେବନ ସେବା ବ୍ୟବସ୍ଥା କରାଯାଇଥିଲା ।ସୂଚନା ଯୋଗ୍ୟ ଯେ, କାଉଡିଆ ଭକ୍ତ ମାନେ ବିଭିନ୍ନ ଶୈବପୀଠ ,ଯେପରିକି ଶ୍ରୀ ଶ୍ରୀ ପରମହଂସ ନାଥ, କଦମବେଶ୍ୱର, ଶ୍ରୀ ଶ୍ରୀ ନୀଳକଣ୍ଠ ନାଥ, ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ କୁ ଜଳ ଲାଗି ପାଇଁ ଆସିଥାନ୍ତି। ସେମାନଙ୍କ ଯାତ୍ରା ସମୟରେ ଖାଦ୍ୟ ପେୟ ତଥା ବିଶ୍ରାମ ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡ଼ିଥାନ୍ତି ।ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ କାଉଡିଆ ଭକ୍ତ ମାନଙ୍କ ପାଇଁ ସେବା ବ୍ୟବସ୍ଥା କରାଯାଇଥିଲା ବୋଲି ସ୍ଥାନୀୟ ଯୁବକ ମାନଙ୍କ ଠାରୁ ଜାଣିବାକୁ ମିଳିଥିଲା। ଏହି ଅବସରରେ, ସୁଶୀଲ ସାହାଣୀ, ଭାଗବାନ ପରିଡା, ଦେବୀ ପ୍ରସାଦ ରଥ, ଦିଲ୍ଲୀପ ବାରିକ, ଦୀପ୍ତି ମୁଦୁଲି, ସରୋଜ ପତି, ସଚିଆ ରାଉତ, ସନ୍ତୋଷ ସାହାଣୀ, ରାଜୁ, କ୍ଷିତିଶ, ବବୁଲ,ପଞ୍ଚୁଆ,ରିଙ୍କୁ, ଭିକି, ବୁବୁନା,ଲୁଲୁ ପ୍ରମୁଖ ଉପସ୍ଥିତ ରହି ସେବା ପ୍ରଦାନ କାର୍ଯ୍ୟରେ ସମସ୍ତ ପ୍ରକାର ସହଯୋଗ କରିଥିଲେ।

## ବନ୍ୟା ବିଭୀଷିକା ରାଜକନିକା

ରାଜକନିକା, ୧୮/୮/(ନୁରେଇ ଖାନ )ବନ୍ୟା ବିଭୀଷିକାରେ ତଳିଆ ଅଂଚଳ ଲୋକଙ୍କୁ ପ୍ରାୟ ଏକ ମାସ ହେବ ବୁଡାଇ ମରିଲାଣି କିଏ ଚାଷ ହରାଇଛି ତ କିଏ ବାସ ଆଉ କିଏ ଗୃହ ପାଳିତ ପଶୁ ମାନଙ୍କ ପାଇଁ ନାକେଦମ ଏମିତି ପାଣି ଘେରରେ କେନ୍ଦ୍ରାପଡ଼ା ଜିଲ୍ଲାର ନଦୀ କୁଳିଆ ଗାଁ ର ଲୋକେ ବୈତରଣୀ ନଦୀରେ ତୃତୀୟ ଥର ବନ୍ୟା ଆସିବାରୁ ବୈତରଣୀ ନଦୀ କୁଳିଆ ଗାଁ ପଙ୍କି,ଗୋପାଳପୁର ଦୈତାରୀପୁର, କନପୁର, ମାନପୁର ବଡ଼ହଲୁପଡା, ସାନହଲୁପଡା, ବାଲିସାହି, ଗହମପାଳ, ପ୍ରଧାନପଡା ଆଦି ଗାଁ ମାନଙ୍କରେ ପାଣି ମାଡି ଯିବାରୁ ଗାଁ ଗୁଡିକ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ପଡି ଥିବା ବେଳେ ସେହି ପରି ଖରୋସ୍ରୋତା ନଦୀରେ ଦ୍ୱିତୀୟ ଥର ବନ୍ୟା ଆସିବାରୁ ଖରୋସ୍ରୋତା ନଦୀ କୁଳିଆ ଗାଁ ପାରିନୂଆପଡା ହାବଳଗଣ୍ଡ ପଞ୍ଚାୟତ ଓ ବରୁଣା ଗ୍ରାମପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛନ୍ନ ହୋଇଥିବା ବେଳେ କାଟଣାବଣିଆ, ସିକୋ, ଭାରିଗଡା, ବରୁଣାଡିହା ପଞ୍ଚାୟତ ମାନଙ୍କର ନଦୀକୁଳିଆ ଗାଁ ବାହ୍ୟଜଗତରୁ ସମ୍ପୂର୍ଣ ରୂପେ ବିଚ୍ଛିନ୍ନ ହୋଇ ପଡିଛି ତେବେ ରାଜକନିକା ଅଂଚଳର ହଜାର ହଜାର ଲୋକେ ବନ୍ୟା ଆସିବା ଫଳରେ ଧନଜୀବନ ଧରାଶାୟୀ ହୋଇ ପଡ଼ିଛି । ବନ୍ୟା ଯୋଗୁଁ ବିଭିନ୍ନ ସ୍ଥାନ ଜଳମଗ୍ନ ହୋଇ ପଡ଼ିଥିବା ବେଳେ ପାଣି ଘେରରେ ଲୋକେ ବନ୍ଦୀ ହୋଇ ରହିଛନ୍ତି । ଜିଲ୍ଲାପାଳ ରାଜକନିକା ବ୍ଲକର ଗଙ୍ଗାଧରପ୍ରସାଦଡିହା,ବୁଲି ସମୀକ୍ଷା କରୁଛନ୍ତି ତେବେ ଏବେ କେବଳ ଦେଖିବାର କଥା ଲୋକେ ଦୁଇ ତିନିଟା ବନ୍ୟାର ଆଘାତ ପାଇବା ପରେ ଏ ପର୍ଯ୍ୟନ୍ତ ଲୋକେ ସରକାରୀ ସୁବିଧାରୁ ବଞ୍ଚିତ ହୋଇଥିବା ବେଳେ ରାଜ୍ୟସରକାର କେନ୍ଦ୍ରାପଡ଼ା ଜିଲ୍ଲାର ବନ୍ୟା ପ୍ରପଡିତ ମାନଙ୍କ ପାଇଁ କି ପଦକ୍ଷପ ନେଉଛନ୍ତି

## ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟନ

ପୁରୁଷୋତମପୁର ୧୮/୦୮ (ଅକ୍ଷର ଓଡିଶା ) ତାରାତାରିଣୀ ମହାବିଦ୍ୟାଳୟ, ପୁରୁଷୋତ୍ତମପୁର, ଗଞ୍ଜାମର ଶକ୍ତିଶ୍ରୀ ସଶକ୍ତିକରଣ ପ୍ରକୋଷ୍ଠ ପକ୍ଷରୁ ଛାତ୍ରୀମାନଙ୍କୁ



ଆତ୍ମରକ୍ଷା କୌଶଳ, ଆତ୍ମବିଶ୍ୱାସ ଓ ସୁରକ୍ଷା ସଚେତନତାରେ ସଶକ୍ତ କରିବା ଉଦ୍ଦେଶ୍ୟରେ ୧୮ ଅଗଷ୍ଟ ୨୦୨୬ ରେ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଘାଟନ କରାଯାଇଥିଲା ।ମହାବିଦ୍ୟାଳୟର ଅଧ୍ୟକ୍ଷ ଅରବିନ୍ଦ ଦାଶଙ୍କ ମାର୍ଗଦର୍ଶନରେ, ଶକ୍ତିଶ୍ରୀ ସଶକ୍ତିକରଣ ପ୍ରକୋଷ୍ଠର ସଂଯୋଜିକା ଶ୍ରୀମତୀ ନମ୍ରତା ମିଶ୍ର କାର୍ଯ୍ୟକ୍ରମଟି ଆରମ୍ଭ କରିଥିଲେ। IQACର ମୁଖ୍ୟ ଡ. ସୁବ୍ରତ କୁମାର ଷଡ଼ଙ୍ଗୀ ସମ୍ମାନିତ ବ୍ୟକ୍ତି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ଗୁରୁତ୍ୱ ବିଷୟରେ ସମ୍ବୋଧିତ କରିଥିଲେ। ମିସ୍ ସକମ୍ବରୀ ସାହୁ ଓ ମିସ୍ ସଙ୍ଗୀତା ନାହାକ ଦୁଇଜଣ ମାଷ୍ଟର ଟ୍ରେନର ଭାବେ ପ୍ରଶିକ୍ଷଣ ପ୍ରଦାନ କରିବେ। ସହ-ସଂଯୋଜିକା ଶ୍ରୀମତୀ ସୁଜାତା କୁମାରୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ହରପ୍ରିୟା ନାୟକ, ଶ୍ରୀମତୀ ମଞ୍ଜୁଲତା ଦାଶ, ମିସ୍ ମୀନାକ୍ଷୀ ଦାଶ ଓ ଶ୍ରୀମତୀ ରିତାଞ୍ଜଳି ସାହୁ ଉପସ୍ଥିତ ଥିଲେ। ପ୍ରାୟ ୧୫୦ ଜଣ ଛାତ୍ରୀ ଏହି ପ୍ରଶିକ୍ଷଣ ପାଇଁ ନାମ ପଞ୍ଜୀକରଣ

## ନଳବଣ୍ଠା ଗ୍ରାମରୁ ବେଆଇନ ବାଣ ଜବତ

ଆସିକା:୧୮/୦୮/(ଅକ୍ଷର ଓଡିଶା )ଆସିକା ପୋଲିସ ପକ୍ଷରୁ ନଳବଣ୍ଠା ଗ୍ରାମରେ ଚଢ଼ାଉ କରାଯାଇ ବିଭିନ୍ନ କିସମର ବେଆଇନ ବାଣ ଜବତ କରାଯାଇଛି। ଜବତ ବାଣର ଆନୁମାନିକ ମୂଲ୍ୟ ୬୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ ପକ୍ଷରୁ ଜଣାପଡ଼ିଛି ।ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଆସିକା-ବ୍ରହ୍ମପୁର ମୁଖ୍ୟ ରାସ୍ତା ନିକଟରେ ଥିବା ନଳବଣ୍ଠା ଗ୍ରାମରେ ଚଢ଼ାଉ କରିଥିଲେ। ବାଣ ତିଆରି ଓ ବିକ୍ରି ପାଇଁ ଦ୍ୱିତୀୟ ଶିବକାଶୀ ଭାବେ ପରିଚିତ ଏହି ଗ୍ରାମର ଏକ ଅଜ୍ଞାତ ସ୍ଥାନରେ ଗଚ୍ଛିତ ଥିବା ବିଭିନ୍ନ ପ୍ରକାରର ବେଆଇନ ବାଣ ପୋଲିସ ଜବତ କରିଥିବା ଜଣାପଡ଼ିଛି ।ଏହି ଘଟଣାରେ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇନାହିଁ। ଘଟଣା ସହ ସମ୍ପୃକ୍ତ ଆସାମୀ ଫେରାର ଥିବା ଜଣାପଡ଼ିଛି। ଆସାମୀଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ତଦନ୍ତ ଓ ଖୋଜାଖୋଜି ଜାରି ରହିଛି। ବେଆଇନ ଭାବେ ବାଣ ତିଆରି, ଗଚ୍ଛିତ ଓ ବିକ୍ରି ଉପରେ ଆସିକା ପୋଲିସ ପକ୍ଷରୁ ନଜରଦାରୀକୁ ଆହୁରି କଡ଼ାକଡ଼ି କରାଯାଇଥିବା ଜଣାପଡ଼ିଛି।

## ହାତୀପଲ ନଷ୍ଟ କଲା ୨ ଏକର କପା

### ୩୦ ହଜାର ଧାର ବୋଝରେ ଭାଙ୍ଗି ପଡ଼ିଲେ ଚାଷୀ

ବଲାଙ୍ଗିର ୧୮/୦୮ ( ଦେବେନ୍ଦ୍ର ପୋଡ଼):ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଇଛାପଡା ପଞ୍ଚାୟତ ରେଙ୍ଗାଲି ଗାଁର ଜଣେ ଗରିବ କପା ଚାଷୀଙ୍କ ସପ୍ନ ହାତୀପଲ ଗୋଟିଏ ରାତିରେ ଚୂର୍ଣ୍ଣ କରିଦେଇଛି। ଗାଁର ଥବିର ପଧାନ(୬୨)୩୦ ହଜାର ଟଙ୍କା ଧାର କରି ୨ ଏକରେ କପା ଚାଷ କରିଥିଲେ। ଟ୍ରେକ୍ଟର, ଲେବର, ବିହନ ଓ ସାର ବାବଦରେ ସେହି ଟଙ୍କା ଖର୍ଚ୍ଚ ହୋଇଥିଲା। ମାତ୍ର ୧୪ ତାରିଖ ରାତିରେ ହାତୀପଲ ଆସି ତାଙ୍କ ସମ୍ପୂର୍ଣ୍ଣ କପା ଫସଲ ଖାଇ ଉପାଡି ନଷ୍ଟ କରିଦେଇଥିବା ସେ ଅଭିଯୋଗ କରିଛନ୍ତି ।ବର୍ତ୍ତମାନ ଚିନ୍ତାରେ ଭାଙ୍ଗି ପଡିଥିବା ଚାଷୀ କହିଛନ୍ତି, 'କପା ନ ହେଲେ ଧାର ଆଣିଥିବା ଟଙ୍କା କେମିତି ଫେରସ୍ତ କରିବି ? ନ ସୁଝି ପାରିଲେ ଆତ୍ମହତ୍ୟା ଛଡା ଆଉ କିଛି ବିକଳ୍ପ ନାହିଁ।ସେ ପ୍ରଶାସନ ଓ ସରକାରଙ୍କୁ ତୁରନ୍ତ ସହାୟତା କରିବାକୁ ଗୁହାରି କରିଛନ୍ତି ।ସେହିପରି ଏହି ଗାଁର ଆଉ ୩ ଜଣ ଚାଷୀଙ୍କର ମଧ୍ୟ



ବ୍ୟାପକ କ୍ଷୟକ୍ଷତି ହୋଇଥିବା ଅଭିଯୋଗ ହୋଇଛି ।ଏ ସମ୍ପର୍କରେ ଫରେଷ୍ଟର ଧ୍ରୁବଚରଣ ବଗର୍ତ୍ତୀଙ୍କୁ ପଚାରିବାରୁ ଗୁଡିଘାଟ ଫରେଷ୍ଟର ହୃଷିକେଶ ଭୋଇ ଘଟଣାସ୍ଥଳକୁ ଯାଇ ଦେଖିବା ସହ ଚାଷୀଙ୍କୁ ମୋବାଇଲ ମାଧ୍ୟମରେ ପ୍ଲେଷ୍ଟୋରରୁ ଆପ୍ ଡାଉନଲୋଡ କରି କ୍ଷୟକ୍ଷତି ଦରଖାସ୍ତ କରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, 'ଏଥିରେ କୌଣସି ଟଙ୍କା ଖର୍ଚ୍ଚ ହେଉନାହିଁ। ହଜାର ହଜାର ଟଙ୍କା ଖର୍ଚ୍ଚ ହେଉଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଦରଖାସ୍ତ ଲୋଡ ହେବା ପରେ ବିଭାଗୀୟ ଅଧିକାରୀ ଯାଇ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ଦେବେ। ସରକାରଙ୍କ ନିୟମ ଅନୁସାରେ ଚାଷୀମାନେ ପ୍ରାପ୍ୟ ପାଇବେ।' ତେବେ ଧାର ବୋଝ ତଳେ ଚାପି ହୋଇଥିବା ଚାଷୀଙ୍କୁ ତୁରନ୍ତ ସହାୟତା ମିଳିବା ନେଇ ଗାଁରେ ଦାବି ଜୋର ଧରିଛି।

## ବନ୍ୟା ବିପନ୍ନଙ୍କ ସେବାରେ କୃଷକ ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ

ରାଜନଗର,୧୮/କ୍ଟ୮(ଅକ୍ଷର ଓଡ଼ିଶା) ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ଥର ସୃଷ୍ଟି ହୋଇଥିବା ବନ୍ୟା ରାଜନଗର ବ୍ଲକର ୪ ପଞ୍ଚାୟତ ବନ୍ଧପଡା, ଓସ୍ତିଆ, ବେଲପାଳ ଓ ରାଜପୁର ବାସୀଙ୍କ ଦୁର୍ଦ୍ଦଶା ବଢ଼େଇ ଦେଇଛି। ପୂର୍ବରୁ ଯେତେ ଗୁଡିଏ ବନ୍ୟା ଆସିଛି ତାହାର ସବୁ ରେକର୍ଡ ଭାଙ୍ଗି ଦେଇଛି ଚଳିତ ଦ୍ୱିତୀୟ ବନ୍ୟା। ବନ୍ୟା ଜଳ ଅଧିକରୁ ଅଧିକ ବଢିବା ସହିତ ଜଳ ବନ୍ଦି ଜୀବନ କାଟୁଛନ୍ତି ଲୋକେ। ଏମିତି କିଛି ପରିବାର ଅଛନ୍ତି ଯେଉଁ ପରିବାର ଗୋଟିଏ ସପ୍ତାହରୁ ଊର୍ଦ୍ଧ୍ୱ ଘରୁ ବାହାରକୁ ବାହାରି ପାରୁ ନାହାଁନ୍ତି,



ଶୁଖିଲା ଖାଦ୍ୟ, ରାସନ ଓ ଗାଇଗୋରୁ ପାଇଁ ଗୋଖାଦ୍ୟ ବାଜାରୁ ଆସି ନେବା କାଠିକାର ପାଠ ହୋଇଥିବା ବେଳେ ଉଦାର ପଣ ଦେଖାଇଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଧୀରେନ୍ଦ୍ର କୁମାର ପାତ୍ର। ଦିନମାନ ବନ୍ୟା ଜଳ ବନ୍ଦୀରେ ରହିଥିବା ପରିବାର ପାଖରେ କିଛି ଯୁବକ ଙ୍କୁ ସାଥିରେ ଧରି ବୋଟ ଯୋଗେ ଶୁଖିଲା ଖାଦ୍ୟ, ରାସନ ଓ ପିଇବା ପାଣି ପହଂଚାଇ ମାନବିକତାର ଏକ ଉଦାହରଣ ଦେଖାଇଛନ୍ତି। ଖାଲି ଏତିକି ନୁହେଁ ବନ୍ୟା ବିପନ୍ନଙ୍କ ପାଇଁ ସରକାର କରିଥିବା ସମସ୍ତ ବ୍ୟବସ୍ଥା କିପରି ଲୋକ ମାନଙ୍କ ପାଖରେ ପହଂଚି ପାରିବ ସେ ନେଇ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରିଛନ୍ତି। ଅନ୍ୟ ପଟେ ବନ୍ୟା ବିପନ୍ନ ପରିବାର ମଧ୍ୟ ଧୀରେନ୍ଦ୍ର ପାତ୍ର ଙ୍କ ଉପରେ ବଡ଼ ବିଶ୍ୱାସ ସୃଷ୍ଟି କରିଛନ୍ତି ଯେଉଁଠି ଯେଉଁଠି ବିନା ବୋଟ ରେ ବାହାରୁ ରାସନ ଓ ଶୁଖିଲା ଖାଦ୍ୟ ଆଣିବା ଅସମ୍ଭବ ହେଉଛି ସେଠାରେ ଲୋକେ ଧୀରେନ୍ଦ୍ର ପାତ୍ର ଙ୍କୁ କଲ କରି ଅନଲାଇନ ସେବା ପରି ବୋଟ ଯୋଗେ ସାହାଯ୍ୟ ମଧ୍ୟ ନେଉଛନ୍ତି। ଧୀରେନ୍ଦ୍ର ପାତ୍ର ଙ୍କ ଏଭଳି ମାନବ ସେବା ଦେଖି ସ୍ଥାନୀୟ ଅଞ୍ଚଳ ବାସି ତାଙ୍କୁ ପ୍ରଶଂସା କରିଛନ୍ତି।




**ଚୌଧୁରୀ ରମାକାନ୍ତ ଦାସ**
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧


## ମୁଖ୍ୟ ସମ୍ପାଦକଙ୍କ କଲମରୁ

# ଇନ୍ଧନ ମୂଲ୍ୟ ଆକାଶ ଛୁଆଁ

ପଶ୍ଚିମ ଏସିଆରେ ସଂଘର୍ଷ ସ୍ଥିତି କାରଣରୁ ବିଶ୍ୱରେ ଇନ୍ଧନ ମୂଲ୍ୟ ଆକାଶ ଛୁଆଁ ହୋଇଛି। ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ୍ ପିଛା ୧୨୦ ଡଲାରରେ ପହଞ୍ଚିଛି। ତେବେ ହୋର୍ମୁଜ୍ ପ୍ରଣାଳୀ ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ଯୁଦ୍ଧ କାରଣରୁ ଇନ୍ଧନ ପରିବହନ ଲାଗି ଉଦ୍ଦିଷ୍ଟ ଏହି ଗୁରୁତ୍ୱପୂର୍ଣ୍ଣ ମାର୍ଗ ଦେଇ ବିଶ୍ୱର ମାତ୍ର ଏକ ପଞ୍ଚମାଂଶ ଅଶୋଧିତ ତୈଳ ଆସିପାରୁଛି । ହୋର୍ମୁଜ୍ ପ୍ରଣାଳୀ ଭାରତର ଇନ୍ଧନ ଆମଦାନୀ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ବି ବର୍ତ୍ତମାନ ଦେଶରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି । ଗତ ୧୧ ବର୍ଷ ମଧ୍ୟରେ ଭାରତ ସକ୍ରିୟ ଭାବେ ନିଜର ଇନ୍ଧନ ଆମଦାନୀ ଉତ୍ସକୁ ବିବିଧ କରିବା ସହିତ ଘରୋଇ ଅକ୍ଷୟ ଶକ୍ତି କ୍ଷମତାକୁ ବ୍ୟାପକ ପ୍ରୋତ୍ସାହନ ଦେବା ଫଳରେ ସାମ୍ପ୍ରତିକ ସଂକଟ ମୁକାବିଲାରେ ସକ୍ଷମ ହୋଇପାରିଛି ।

ଏକ ଦଶନ୍ଧି ପୂର୍ବରୁ ଏପରି ସଂକଟ ଉପୁଜିଥିଲେ ସ୍ଥିତି ଭିନ୍ନ ହୋଇଥା'ନ୍ତା। କାରଣ ସେତେବେଳେ ଏହି ସଂକଟଗ୍ରସ୍ତ ମାର୍ଗକୁ ବାଦ୍ ଦେଲେ ଇନ୍ଧନ ଆମଦାନୀର ଅନ୍ୟ କୌଣସି ମାର୍ଗ ପ୍ରାୟ ନଥିଲା। ସୁତରାଂ, ଭାରତରେ ପେଟ୍ରୋଲ୍ ଓ ଡିଜେଲ୍ ଦର ଆକାଶଛୁଆଁ ବୃଦ୍ଧି ପାଇଥା'ନ୍ତା। ହେଲେ ବର୍ତ୍ତମାନ ଅନ୍ୟ ଦେଶ ତୁଳନାରେ ଭାରତ ଭଲ ସ୍ଥିତିରେ ରହିଛି। ଜାପାନ ଏବେ ଉଚ୍ଚ ଋଣ କାରଣରୁ ଚାପଗ୍ରସ୍ତ ରହିଛି। ଗ୍ୟାସ ଉପରେ ଅତ୍ୟଧିକ ନିର୍ଭରଶୀଳ ବ୍ରିଟେନରେ ଦରଦାମ ବୃଦ୍ଧି ପାଇଛି। ଇଜିପ୍ଟ ଓ ତୁର୍କୀ ମଧ୍ୟ ଦରବୃଦ୍ଧି ସମସ୍ୟାରେ ପଡ଼ିଛନ୍ତି। ସିଙ୍ଗାପୁରରେ ବିଦ୍ୟୁତ ଓ ପେଟ୍ରୋଲ ମୂଲ୍ୟ ବୃଦ୍ଧି ଘଟିଛି। ଦକ୍ଷିଣ କୋରିଆ ତିନି ଦଶନ୍ଧି ମଧ୍ୟରେ ପ୍ରଥମ ଥର ପାଇଁ ଆର୍ଥିକ ସ୍ଥିରତା ବଜାୟ ରଖିବା ଲାଗି ଇନ୍ଧନ ମୂଲ୍ୟ ସୀମା ନିର୍ଦ୍ଧାରଣ କରିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ଗତ ଏକ ଦଶନ୍ଧି ମଧ୍ୟରେ ଇନ୍ଧନ ଉତ୍ସକୁ ବିବିଧ କରିବା ସହିତ ଘରୋଇ କ୍ଷମତାକୁ ବ?ାଇବା ଲାଗି ନିରନ୍ତର ପ୍ରୟାସ କରି ଆସୁଛନ୍ତି। ବହୁପକ୍ଷୀୟ କୂଟନୀତି ମାଧ୍ୟମରେ ଭାରତ ନିଜର ଅଶୋଧିତ ତୈଳ ଆମଦାନୀ ଉତ୍ସର ନେଟୱାର୍କକୁ ୨୭ଟି ଦେଶରୁ ବ?ାଇ ୪୦ରେ ପହଞ୍ଚାଇଛି। ଫଳରେ ଗୋଟିଏ କ୍ଷେତ୍ର ଉପରେ ନିର୍ଭରଶୀଳତା ହ୍ରାସ ପାଇଛି। ଏହାଦ୍ୱାରା ଭାରତ ଭଲ ସ୍ଥିତିରେ ରହିଛି । ଏହାବ୍ୟତୀତ ଭାରତ ନିଜର ଘରୋଇ ଶକ୍ତି କ୍ଷମତାକୁ ମଧ୍ୟ ବ?ାଇଛି। ଗତ ୧୧ ବର୍ଷ ମଧ୍ୟରେ ଦେଶର ମୋଟ୍ ବିଦ୍ୟୁତ କ୍ଷମତା ଦୁଇଗୁଣରୁ ଅଧିକ ବୃଦ୍ଧି ପାଇ ୫୨୦ ଗିଗାୱାଟରେ ପହଞ୍ଚିଛି। ଅଣଜୀବାଶ୍ମ ଉତ୍ସରୁ ବିଦ୍ୟୁତ ଉତ୍ପାଦନ ମଧ୍ୟ ବ?ିଛି। ପିଏମ୍ ସୂର୍ଯ୍ୟ ଘର ମୁଫତ୍ ବିଜଳି ଯୋଜନାରେ ଏକ କୋଟି ପରିବାରକୁ ଛାତ ଉପରେ ସୌର ଶକ୍ତି ପ୍ୟାନେଲ୍ ସ୍ଥାପନ ପାଇଁ ସହାୟତା ଯୋଗାଇ ଦିଆଯାଉଛି। ଏହା ଲୋକଙ୍କ ବିଦ୍ୟୁତ ବିଲ୍ ସଞ୍ଚୟ କରିବା ସହିତ ଆର୍ଥିକ ଏବଂ ପରିବେଶଗତ ଲାଭ ମଧ୍ୟ ପହଞ୍ଚାଉଛି। ଏହି ଯୋଜନା ସରକାରଙ୍କର ବାର୍ଷିକ ପ୍ରାୟ ୭୫ ହଜାର କୋଟି ଟଙ୍କା ସଞ୍ଚୟ କରିବ ବୋଲି ଆଶା କରାଯାଉଛି। ସୌର ଶକ୍ତିର ସମ୍ପ୍ରସାରଣ ଏତେ ବିକେନ୍ଦ୍ରିକୃତ ହୋଇନଥିଲେ ଅଣଜୀବାଶ୍ମ ଇନ୍ଧନ ଉପରେ ଅତ୍ୟଧିକ ନିର୍ଭରଶୀଳତା ଦେଶକୁ ବିଶ୍ୱ ଇନ୍ଧନ ଯୋଗାଣ କ୍ଷେତ୍ରରେ ସୃଷ୍ଟି ହୋଇଥିବା ପ୍ରତିବନ୍ଧକର ସାମ୍ନା କରିବାକୁ ପ?ିଥା'ନ୍ତା। ସୌର ଶକ୍ତି ମାଧ୍ୟମରେ ବିଦ୍ୟୁତ ମିଳୁଥିବାରୁ ପରିବାରଗୁ?ିକ ଏବେ ରୋଷେଇ ପାଇଁ ଏଲପିଜି ଗ୍ୟାସ ପରିବର୍ତ୍ତେ ବିଦ୍ୟୁତ ସରଞ୍ଜାମ ଉପଯୋଗ କରିପାରୁଛନ୍ତି ।

ବିଦ୍ୟୁତଚାଳିତ ଗାଡ଼ି ସଂଖ୍ୟା ବଢ଼ିବା ଫଳରେ ପରିବହନ କ୍ଷେତ୍ରରେ ପେଟ୍ରୋଲ ଓ ଡିଜେଲ୍ ଉପରେ ନିର୍ଭରଶୀଳତା ହ୍ରାସ ପାଇଛି। ୨୦୧୪ରେ ଦେଶରେ ମାତ୍ର ୨୬ଶହ ବିଦ୍ୟୁତ ଚାଳିତ ଯାନ ଥିଲା। ୨୦୨୫ରେ ଇଭି ବିକ୍ରି ୧୬.୭୧ ଲକ୍ଷକୁ ବୃଦ୍ଧି ପାଇଛି। ଏହି ପରିବର୍ତ୍ତନ ପାଇଁ ସରକାରଙ୍କ ନୀତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ୨୦୧୫ରେ ଫେମ୍-୧ ଯୋଜନା ୨.୭୮ ଲକ୍ଷ ଇଭି କ୍ରୟକୁ ସମର୍ଥନ କରିଛି ଯାହା ପ୍ରାୟ ୫ କୋଟି ଲିଟର ଇନ୍ଧନ ସଞ୍ଚୟ କରିଛି । ସମୟ ଗ?ିବା ସହିତ, ବୈଦ୍ୟୁତିକ ପରିବହନର ଗ୍ରହଣୀୟତା ବୃଦ୍ଧି ପାଇଲେ ଆମଦାନୀ ତୈଳ ଉପରେ ଭାରତର ନିର୍ଭରଶୀଳତାକୁ ହ୍ରାସ ପାଇବ ଯାହାଫଳରେ ଦେଶ ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ବିଶ୍ୱ ସଂକଟ ଭଳି ପରିସ୍ଥିତିରେ ସୁରକ୍ଷିତ ରହିପାରିବ।

ଗତ ଏକ ଦଶନ୍ଧି ମଧ୍ୟରେ ଭାରତ ଭୂରାଜନୈତିକ ସଙ୍କଟ ସମୟରେ ଯୋଗାଣ ପ୍ରତିବନ୍ଧକର ସାମ୍ନା କରିବାକୁ ସକ୍ଷମ ହେବା ପାଇଁ ଏହାର ରଣନୀତିକ ପେଟ୍ରୋଲିୟମ୍ ରିଜର୍ଭ (ଏସପିଆର) କ୍ଷମତାକୁ ମଧ୍ୟ ସୁଦୃଢ଼ କରିଛି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱରେ, ଭାରତ ବିଶାଖାପାଟଣା, ମାଙ୍ଗାଲୁରୁ ଏବଂ ପାଦୁରରେ ରଣନୀତିକ ରିଜର୍ଭ ସହିତ ଏହାର ଜରୁରୀକାଳୀନ ତୈଳ ସଂରକ୍ଷଣ ଭିତ୍ତିଭୂମିକୁ ବିସ୍ତାର କରିଛି। ଓ?ିଶାର ଚଣ୍ଡିଖୋଲ ଏବଂ ପାଦୁର ପର୍ଯ୍ୟାୟ-୨ରେ ଅତିରିକ୍ତ ସୁବିଧା ଆରମ୍ଭ କରିଛି। ଫଳସ୍ୱରୂପ, ଆଜି ଭାରତରେ ଯଥେଷ୍ଟ ପରିମାଣରେ ତୈଳ ସଂରକ୍ଷିତ ରହିଛି । ବାଣିଜ୍ୟିକ ଇନଭେଣ୍ଟରୀ ସହିତ ରଣନୀତିକ ରିଜର୍ଭକୁ ମିଶାଇଲେ ପ୍ରାୟ ୭୪ ଦିନ ପାଇଁ ଦେଶରେ ତୈଳ ଗଚ୍ଛିତ ରହିଛି। କିନ୍ତୁ, ଏକ ଦଶନ୍ଧି ପୂର୍ବେ, ଭାରତର ଜରୁରୀକାଳୀନ ଅଶୋଧିତ ଭଣ୍ଡାର କେବଳ ୧୩ ଦିନର ଚାହିଦା ପୂରଣ କରିବା ଭଳି ସ୍ଥିତିରେ ଥିଲା।

# ଇଟା ନିଆଁ




**ଡ. ପ୍ରସନ୍ନ କୁମାର ଗନ୍ତାୟତ**
ଅବସରପ୍ରାପ୍ତ ଅଧ୍ୟକ୍ଷ
ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ
୮୨୪୯୪୨୫୫୫୧


ଇଟା ହେଉଛି ଏକ ଛୋଟ ଆୟତାକାର ଖଣ୍ଡ ଯାହା ମୁଖ୍ୟତଃ ନିର୍ମାଣ କାର୍ଯ୍ୟରେ ବହୁଦିନ ଧରି ବ୍ୟବହାର ହୋଇ ଆସୁଛି ଓ ଏଗୁଡ଼ିକୁ ଆକାର, ଆକୃତି, ଆଉ ରଙ୍ଗରେ ସମାନା ଯାହାକୁ ସଠିକ୍ ଭାବେ ସଜାଇଲେ ଗଠନକୁ ଶକ୍ତି, ସମାନତା ଏବଂ ସ୍ଥାୟୀତ୍ୱ ପ୍ରଦାନ କରେ ଓ ଇଟା ବିଶ୍ୱରେ ସର୍ବାଧିକ ବ୍ୟବହୃତ ମାନବ ନିର୍ମିତ ନିର୍ମାଣ ସାମଗ୍ରୀ ଓ ଏହି ସରଳ ଇଟା ଖଣ୍ଡ ଗୁଡ଼ିକର ଉତ୍ପତ୍ତି ନେଇ ଏକ ଇତିହାସ ଅଛି ଏବଂ ଆଜି ମଧ୍ୟ ଆଧୁନିକ ନିର୍ମାଣରେ ଏକ ପ୍ରାଥମିକ ସାମଗ୍ରୀ ଭାବରେ ବ୍ୟବହୃତ ହୁଏ। ଏହା ସବୁଠାରୁ ପୁରୁଣା ନିର୍ମିତ ନିର୍ମାଣ ସାମଗ୍ରୀ ମଧ୍ୟରୁ ଗୋଟାଏ।

ସିନ୍ଧୁ ସଭ୍ୟତା ପ୍ରାୟ ୭୦୦୦ ଖ୍ରୀଷ୍ଟପୂର୍ବରୁ ଇଟା ବ୍ୟବହାରର ସୂଚନା ଦିଏ ଓ ଏହାର ପ୍ରଥମ ଉତ୍ପତ୍ତି ପ୍ରାଚୀନ ଯିରିକୋ ସହର (ଆଧୁନିକ ତୁର୍କୀ / ପାଲେଷ୍ଟାଇନ) ଏହି ସମୟରେ ଭାରତୀୟ ଉପମହାଦେଶର ନବପ୍ରାଣିତ ବସତି ମେହେରଗଡ ରେ ଇଟା ଆବିଷ୍କୃତ ହୋଇଥିଲା ଓ ଏହି ପ୍ରାରମ୍ଭିକ ନିର୍ମାତାମାନେ କାଦୁଅରୁ ଇଟା ତିଆର କରି ସୂର୍ଯ୍ୟ କିରଣରେ ସୁଖାଇ ଇଟାକୁ ଶକ୍ତିଶାଳୀ କରୁଥିଲେ ଓ ପରବର୍ତ୍ତୀ ସମୟରେ ପ୍ରାୟ ୨୮୦୦ ଈଉର ରେ ଜଲିଲପୁର ରେ ପ୍ରଥମ ଥର ପାଇଁ ବେକିଂ ଇଟା ସୃଷ୍ଟି ହୋଇଥିଲା ଓ ତେବେ ପୋଡ଼ା ମାଟି ଇଟା ଏକ ପାରମ୍ପରିକ ନିର୍ମାଣ ସାମଗ୍ରୀ ଯାହା ହଜାର ହଜାର ବର୍ଷ ଧରି ସାରା ବିଶ୍ୱର ବ୍ୟବହୃତ ହୋଇ ଆସୁଛି ଓ ବର୍ଦ୍ଧିତ ଗୃହ ଚାହିଦା ଯୋଗୁଁ ଇଟାର ଚାହିଦା ଆହୁରି ବଢିବା ଆଶା କରାଯାଉଛି।

ଇଟା ହେଉଛି ସ୍ଥାୟୀ, ଅଗ୍ନି ପ୍ରତିରୋଧି ଏବଂ ସ୍ଥାୟୀ କୋଠା ୟୁନିଟ୍ ଯାହା ପୋଡ଼ା ମାଟିରୁ ତିଆରି । ଏଗୁଡ଼ିକ ଯେମିତି ସହଜରେ ଗୋଟିଏ ହାତରେ ଉଠାଇବା ଏବଂ ପରିଚାଳନା କରିବା ପାଇଁ ଆକାର ଦିଆଯାଇଛି । ନିର୍ମାଣ ବେଳେ ରାଜମିସ୍ତ୍ରୀ ମାନେ ନିର୍ଦ୍ଦିଷ୍ଟ ଓଭର ଲାପିଂ ପ୍ୟାଟର୍ଣ୍ଣନର ଇଟା ଗୁଡାକୁ ସନ୍ତ୍ୱାନ୍ତି ଏବଂ ସିମେଣ୍ଟ, ବାଲି ଦେଇ ସେଗୁଡ଼ିକୁ ଏକାଠି ବାନ୍ଧିଥାନ୍ତି। ପ୍ରତ୍ୟେକ ଇଟା ରେ ଉତ୍କୃଷ୍ଟ ଗୁଣାତ୍ମକ ଶକ୍ତି ଥାଏ ଯାହା ଉଚ୍ଚ ତାପଜ ବହନ ସହ ପାଗ ପରିବର୍ତ୍ତନ, କୀଟ ପତଙ୍ଗ ଏବଂ ଉଚ୍ଚତାପ ପ୍ରତି ପ୍ରତିରୋଧି । ପ୍ରାକୃତିକ ସାମଗ୍ରୀରେ ତିଆରି ହୋଇଥିବାରୁ ଏଗୁଡ଼ିକ ନିଷ୍କ୍ରିୟ, ପୁନଃ ଚକ୍ରଣୀୟ ଏବଂ ପ୍ରାୟତଃ ଅଗ୍ନି ପ୍ରତିରୋଧି ଏବଂ ଘର ଭିତର ର ତାପମାତ୍ରା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ।

ବୈଜ୍ଞାନିକ ଗବେଷଣା ଇଟା ପୋଡ଼ିବାରେ ଅନେକ ଗୁରୁତର ଅସୁବିଧା ଚିହ୍ନଟ କରେ ଯାହା ପରିବେଶଗତ ଅବକ୍ଷୟ, ଜନସ୍ୱାସ୍ଥ୍ୟ ସଙ୍କଟ ଏବଂ କୃଷି କ୍ଷତିକୁ ବ୍ୟାପିଥାଏ । ପାରମ୍ପରିକ ଇଟା ପୋଡି ଜଳବାୟୁ ପରିବର୍ତ୍ତନରେ ଗୁରୁତତ୍ୱପୂର୍ଣ୍ଣ ଭୂମିକା ରଖେ । ଏହି ଅସୁବିଧା ଗୁଡ଼ିକ ମୁଖ୍ୟତଃ ଉଚ୍ଚ ନିର୍ଗମନ, ବିଷାକ୍ତ ଧୂଳି ଉତ୍ପାଦନ ଏବଂ ଭୂମି ଅବକ୍ଷୟ ମାଧ୍ୟମରେ ଘଟେ। ଇଟା ପୋଡ଼ି ପାଇଁ କାଠ ବ୍ୟବହାର ଏକ ବିଶାଳ ପରିବେଶଗତ ଏବଂ ସ୍ୱାସ୍ଥ୍ୟ ଆହ୍ୱାନକୁ ପ୍ରତିନିଧିତ୍ୱ କରେ ଓ ପାରମ୍ପରିକ ଇଟା ଭାଟି ୯୦୦-୧୦୦୦ ଡିଗ୍ରୀ ତାପମାତ୍ରା ଆବଶ୍ୟକ କରେ ଯାହାପାଇଁ ବିପୁଳ ପରିମାଣର ଜାଳେଣୀ ବ୍ୟବହାର କରାଯାଏ। ଯାହାଫଳରେ ବାୟୁପ୍ରଦୂଷଣ, ଗ୍ରୀନହାଉସ୍ ଗ୍ୟାସ ନିର୍ଗମନ, ମାଟିର ଉପର ଅଂଶ ହ୍ରାସ ଏବଂ ସ୍ଥାନୀୟ ପାର୍ଶ୍ୱ ପ୍ରତିକ୍ରିୟା ଏବଂ ସ୍ୱାସ୍ଥ୍ୟ ବିପଦର କାରଣ ହୁଏ ଓ ଯେହେତୁ ଇଟା ଉତ୍ପାଦନ ଅଧିକ ପରିମାଣରେ ହୁଏ , ଏହା ସ୍ଥାନୀୟ କାଠ ଚାହିଦାକୁ ବୃଦ୍ଧି କରେ , ଯାହା ସିଧା ସଳଖ ଜଙ୍ଗଲ କ୍ଷୟ ଏବଂ ସ୍ଥାନୀୟ ସବୁଜ ଆବରଣ ନଷ୍ଟ କରିଥାଏ। ଆଉ ସମ୍ପୂର୍ଣ୍ଣ ଭାବେ ଆଞ୍ଚଳିକ ଜୈବ ବିବିଧତାକୁ ପ୍ରଭାବିତ କରିଥାଏ।

ଇଟା ତିଆରି ପାଇଁ ପ୍ରଚୁର ପରିମାଣର ପାଣିର ମଧ୍ୟ ଆବଶ୍ୟକତା ହୁଏ ଯାହା ପାଖ ପୋଖରି ବା ଭୁତଳ ଜଳରୁ ଉତ୍ତୋଳନ କରିବାକୁ ବାଧ କରେ ଓ ଯାହା ସ୍ଥାନୀୟ ଜଳସାରକୁ କ୍ରମାଗତ ଭାବରେ ହ୍ରାସ କରିଥାଏ। ବନ୍ୟ ଜନ୍ତୁ ଏଥିପାଇଁ ଘୋର ଅସୁବିଧାର ସମ୍ମୁଖୀନ ହୋଇ ଗାଁ ମୁହାଁ ହୁଅନ୍ତି ଓ ବର୍ଷା ସମୟରେ ଭୂଲ୍ ଭାବରେ ପରିଚାଳିତ ପାଉଁଶ ସ୍ଲାଗ୍ ସ୍ଥାନୀୟ ପୃଷ୍ଠ ଜଳଭଣ୍ଡାର ରେ ମିଶିଥାଏ ଓ ଯାହା ଜଳ ରାସାୟନକୁ ପରିବର୍ତ୍ତନ କରେ।

ଇଟା ପୋଡିବା ଦ୍ୱାରା ନିର୍ଗତ ତୀବ୍ର ଉତ୍ତାପ ଏବଂ ନିର୍ଗତ ଜଳ ପରିବେଶର ତାପମାତ୍ରାକୁ ବୃଦ୍ଧି କରିଥାଏ ଓ ପାଉଁଶ ପ୍ରଦୂଷଣ ଏବଂ ତାପ ବିଚ୍ଛିନ୍ନତା ନିକଟସ୍ଥ ପୋଖରୀ ଏବଂ ଝରଣା ଗୁଡିକର ତାପମାତ୍ରାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିପାରେ ଏବଂ ଦ୍ରାବାଭୁତ ଅମ୍ଳଜାନ ସ୍ତରକୁ ହ୍ରାସ କରିପାରେ, ଯାହା ଜଳଚର ଜୀବନକୁ ଗୁରୁତ୍ୱର ଭାବରେ କ୍ଷତି ପହଞ୍ଚାଏ।

ଇଟା ପୋଡ଼ିବା ଦ୍ୱାରା ଭାଟିରୁ ନିର୍ଗତ ହେଉଥିବା ନିର୍ଗମନରୁ ବହୁ ପରିମାଣରେ ବାୟୁ ପ୍ରଦୂଷଣ ନିର୍ଗତ ହୁଏ ଓ ସୁକ୍ଷ୍ମ କଣିକା ପଦାର୍ଥ (PM 2.5, PM 10), କାର୍ବନ ଡାଇଅକ୍ସାଇଡ୍, କାର୍ବନ ମନଅକ୍ସାଇଡୟ, ସଲଫର ଡାଇଅକ୍ସାଇଡ଼ ଏବଂ ନାଇଟ୍ରୋଜେନ ଅକ୍ସାଇଡ ନିର୍ଗତ କରେ ଓ ହାଇଡ୍ରୋଜେନ ଫ୍ଲୋରାଇଡ ପରି କ୍ଷତିକାରକ ଗ୍ୟାସର ଏକ ବିପଦଜନକ ମିଶ୍ରଣ ମଧ୍ୟ ଥାଏ।

ଇଟା ପୋଡ଼ିବା ଦ୍ୱାରା ବିପଦଜନକ ନିର୍ଗମନ ନିର୍ଗତ ହୋଇ ନିକଟବର୍ତ୍ତୀ ସମ୍ପ୍ରଦାୟ ଗୁଡିକ ଗୁରୁତ୍ୱର ସ୍ୱାସ୍ଥ୍ୟ ବିପଦର ସମ୍ମୁଖୀନ ହୁଅନ୍ତି, ଯେଉଁଥିରେ ଦୀର୍ଘକାଳୀନ ଶ୍ୱାସକ୍ରିୟା ରୋଗ, ହୃଦରୋଗ ସମସ୍ୟା, ଜ୍ୱାଳା, ଇତ୍ୟାଦି ଅନ୍ତର୍ଭୁକ୍ତ।

ଇଟା ଭାଟି ଚଲାଇବା ପ୍ରଦୂଷଣ ବୋର୍ଡ ଦ୍ୱାରା କଡ଼ା କଡ଼ି ଭାବରେ ନିୟନ୍ତ୍ରିତ ହୋଇଥାଏ ଓ ଏହା ପାଇଁ କିଛି ପରିବେଶଗତ ଏବଂ ଭୌଗଳିକ ନୀତିଗୁଡ଼ିକ ପାଳନ କରିବାକୁ ପଡେ ଓ ଇନ୍ଧନ ଏବଂ ପ୍ରଯୁକ୍ତିବିଦ୍ୟାର ମଧ୍ୟ ପ୍ରତିବନ୍ଧକ ରହିଅଛି। ଇଟା ପୋଡ଼ିବା ମଧ୍ୟ ଆଇନଗତ ଭାବରେ ପ୍ରତିବନ୍ଧିତ ଓ ନିର୍ଗମନ ହ୍ରାସ କରିବା ପାଇଁ ପାରମ୍ପରିକ ଫିକ୍ସଡ୍ ଚିମନି ବୁଲ୍ସ୍ ଟ୍ରେଞ୍ଚ୍ କିଲ୍ନସ୍ (FCBTK)ରୁ ଜିଗ୍-ଜାଗ୍ କିଲ୍ନସ୍ (ZZK) କିମ୍ବା ଭର୍ଟିକାଲ୍ ଶାଫ୍ଟ ବ୍ରିକ୍ କିଲ୍ନସ୍ (VSBK)କୁ ପରିବର୍ତ୍ତନ କରିବା ଦ୍ୱାରା ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ହ୍ରାସ ପାଇପାରିବ ଆଉ ନକରାତ୍ମକ ପାର୍ଶ୍ୱ ପ୍ରତିକ୍ରିୟା ଗୁଡ଼ିକୁ ହ୍ରାସ କରିବ। ପରିବେଶଗତ ଅସୁବିଧାକୁ କମ୍ କରିବା ପାଇଁ, ଶିଳ୍ପ ଜଳକୁ ପୁନଃ ଚକ୍ରିତ ଏବଂ ପୁନଃ ଉତ୍ପାଦନର ବ୍ୟବସ୍ଥା ଉପରେ ନିର୍ଭର କରାଯାଇପାରେ ।

ଏହାର ସର୍ବୋତ୍ତମ ବିକଳ୍ପ ହେଉଛି ଅଣନିଷ୍କାସନ କିମ୍ବା ରସାୟନିକ ଭାବରେ ଇଟା ତିଆରି । ଅନ୍ୟ ଏକ ପରିବେଶ ଅନୁକୂଳ, ଅତ୍ୟନ୍ତ ସ୍ଥାୟୀ ଇଟା ହେଉଛି 'ଫ୍ଲାଏ ଆସ୍ ଇଟା' । ଯାହା ବର୍ଜ୍ୟବସ୍ତୁ, ବାଲି, ପାଣି ଏବଂ ସିମେଣ୍ଟ ବା ଚୂନ ଭଳି ଏକ ବାନ୍ଧନକାରୀ ପଦାର୍ଥରୁ ତିଆରି ହୋଇଥାଏ । ଏହା ଚୁଲି ଇନ୍ଧନ ଆବଶ୍ୟକତାକୁ ଦୂର କରେ ଏବଂ ଗୁରୁତ୍ୱ ପୂର୍ଣ୍ଣ ଭାବରେ କ୍ଷତିକାରକ ନିର୍ଗମନକୁ ହ୍ରାସ କରେ। ତେବେ ପରିବର୍ତ୍ତନକୁ ଜରୁରୀ ମନେକରି ଇଟା ପୋଡିବା ପ୍ରକ୍ରିୟାର ଏକ ବୈଜ୍ଞାନିକ ଏବଂ ବ୍ୟବହାରିକ ବିଭାଜନ ଅନେକ ନିଶ୍ଚିତ ନିଷ୍କର୍ଷ ପ୍ରକାଶ କରିପାରିବ ।

# ବିଜ୍ଞାନକୁ ଦରକାର ରାଜନୈତିକ ସଂରକ୍ଷଣ, ନିୟନ୍ତ୍ରଣ ନୁହେଁ




**ଡା. ରାଜ କିଶୋର ପଣ୍ଡା**
ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର, ୮୧୪୦୪୨୯୯୭


''ବିଜ୍ଞାନ ସଂଗଠିତ ଜ୍ଞାନ ଥିବାବଳେ, ବୁଦ୍ଧି ହେଉଛି ସଙ୍ଗଠିତ ଜୀବନ।'' ଏହା ହେଉଛି ପ୍ରସିଦ୍ଧ ଜର୍ମାନ ଦାର୍ଶନିକ ଇମାନୁଏଲ୍ କାଣ୍ଟଙ୍କର ଉକ୍ତି। ଏହା ସ୍ପଷ୍ଟ କରେ କି ବିଜ୍ଞାନ କେବଳ ପ୍ରୟୋଗଶାଳାରେ ସୀମିତ ଗତିବିଧି ନୁହେଁ, ବରଂ ଏହା ହେଉଛି ସଭ୍ୟତାର ବିକାଶର ଆଧାର। ଅନ୍ୟ ପକ୍ଷରେ ''ରାଜନୀତି'' ସମାଜର ସାମୂହିକ ଆକାଂକ୍ଷାକୁ ନୀତି ନିୟମରେ ବଦଳାଇବାର କଳା ଅଟେ। ତେଣୁ ବିଜ୍ଞାନ ଓ ରାଜନୀତିର ସମ୍ପନ୍ଧ ସ୍ୱାଭାବିକ ଓ ଅପରିହାର୍ଯ୍ୟ। ଯେତବଳେ ରାଜନୀତି ବିଜ୍ଞାନର ସଂରକ୍ଷକ ହେବା ପରିବର୍ତ୍ତେ ଏହାର ନିୟନ୍ତ୍ରକ ହେବା ପାଇଁ ଚେଷ୍ଟା କରେ ସମସ୍ୟା ସେତବଳେ ଉପୁଜିଥାଏ। ଏହି ପରିସ୍ଥିତିରେ ବିଜ୍ଞାନଭିତ୍ତିକ ସତ୍ୟକୁ ରାଜନୈତିକ ଶକ୍ତି, ନିଜ ସୁବିଧା ଅନୁସାରେ ପରିବର୍ତ୍ତନ କରିବା ପାଇଁ ଉଦ୍ୟମ କରିଥାଏ ଓ ଚିରନ୍ତନ ଜ୍ଞାନର ସ୍ୱତନ୍ତ୍ରତା କ୍ଷମତାର ଅଧୀନକୁ ଚାଲିଆସେ। ଭାରତ ପରି ଗଣତାନ୍ତ୍ରିକ ରାଷ୍ଟ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି କି, ବିଜ୍ଞାନରେ ରାଜନୈତିକ ଦଖଲ କେଉ ପର୍ଯ୍ୟନ୍ତ ଆବଶ୍ୟକ ଓ କେଉଠାରୁ ଏହା ଜାତୀୟ ଲାଭ ପରିବର୍ତ୍ତେ ଜାତୀୟ କ୍ଷତି କରିଥାଏ।

ବିଜ୍ଞାନର ଇତିହାସ କହୁଛି, କୌଣସିଟି ବୈଜ୍ଞାନିକ କ୍ରାନ୍ତି, ରାଜନୈତିକ ଓ ସାମାଜିକ ସମର୍ଥନ ବିନା ସମ୍ଭବ ହୋଇନାହିଁ। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ ବୈଜ୍ଞାନିକ ଦୃଷ୍ଟିକୋଣକୁ ଦେଶର ଭିତ୍ତି ବୋଲି ମାନୁଥିଲେ। ଏହି ବିଷୟରେ ତାଙ୍କର ପ୍ରସିଦ୍ଧ ମନ୍ତବ୍ୟ ଥିଲା, ବୈଜ୍ଞାନିକ ଚିନ୍ତାଧାରା କେବଳ ଗବେଷଣାଗାରର ବସ୍ତୁ ନୁହେଁ, ବରଂ ଜୀବନଯାପନ କରିବାର ପଦ୍ଧତି ଅଟେ। ଏହାର ପରିଣାମ ସ୍ୱରୂପ ଦେଶରେ ଆଇ.ଆଇ.ଟି, ସି.ଏସ୍.ଆଇ.ଆର୍, ଇସ୍ରୋ ଭଳି ଗବେଷଣା ସଂସ୍ଥାନ ମାନ ସ୍ଥାପନ କରାଗଲା। ଆଜି ଭାରତର ଅନ୍ତରୀକ୍ଷ ପ୍ରଦର୍ଶନ ଯେପରିକି ଚନ୍ଦ୍ରଯାନ, ମଙ୍ଗଳଯାନର ସଫଳତା ପ୍ରମାଣ କରୁଛନ୍ତି କି, ଯେତବଳେ ରାଜନୀତି ଦୂରଦୃଷ୍ଟିକୁ ଆପଣାଇଥାଏ ଓ ବିଜ୍ଞାନକୁ ଗବେଷଣା ନିମନ୍ତେ ସଂସାଧନ ଯୋଗାଇଥାଏ, ସେତବଳେ ଦେଶରେ ବୈଜ୍ଞାନିକ ଉପଲବ୍ଧି ସାଙ୍ଗକୁ ରାଷ୍ଟ୍ରୀୟ ଆତ୍ମବିଶ୍ୱାସ ତଥା ମର୍ଯ୍ୟାଦାରେ ବୃଦ୍ଧି ଘଟେ।

ଏହିପରି ଅନ୍ୟ ଏକ ଉଦାହରଣ ହେଉଛି କୋଭିଡ୍ ମହାମାରୀ, ଯାହାକି ଦର୍ଶାଇଥିଲା ବିଜ୍ଞାନ ଓ ରାଜନୀତି ମଧ୍ୟରେ ସହଯୋଗ ସମାଜ ପାଇଁ କେତେ ଆବଶ୍ୟକ। ଭାରତୀୟ ବୈଜ୍ଞାନିକ ମାନେ ଅଳ୍ପ ସମୟ ମଧ୍ୟରେ ସ୍ୱଦେଶୀ କୋଭିଡ୍ ଟୀକା ବିକଶିତ କରିଥିଲେ ଓ ସରକାର ଏହାକୁ ବ୍ୟାପକ ଟୀକାକରଣ ମାଧ୍ୟମରେ ଘରେଘରେ ପହଞ୍ଚାଇ ଥିଲେ। ଯଦି ବୈଜ୍ଞାନିକ ଅନୁସନ୍ଧାନ ଓ ପ୍ରଶାସନିକ ଇଚ୍ଛାଶକ୍ତିର ଏହି ସମନ୍ୱୟ ହୋଇ ନଥାନ୍ତା ତେବେ କୋଭିଡ୍ ଯୋଗୁଁ ମାନବୀୟ ଓ ଆର୍ଥିକ୍ କ୍ଷତିର ପରିମାଣ ଆହୁରୀ ଅଧିକ ହୋଇଥାନ୍ତା। ଏଣୁ ଏହା ସ୍ପଷ୍ଟ ଯେ, ରାଜନୀତିର କର୍ତ୍ତବ୍ୟ, ବିଜ୍ଞାନର ଦିଗ ନିର୍ଣ୍ଣୟ ନୁହେଁ ବରଂ ବିଜ୍ଞାନକୁ ସମାଜ ନିକଟରେ ପହଞ୍ଚାଇବା।

ପ୍ରଖ୍ୟାତ ଆମେରିକୀୟ ମହାକାଶ ବିଜ୍ଞାନୀ କାର୍ଲ ସାଗାନ କହିଥିଲେ, ''ଯେତବଳେ ସମାଜ ବିଜ୍ଞାନକୁ ବୁଝିବା ବନ୍ଦ କରିଦିଏ, ସେତବଳେ ସେ ଅନ୍ଧବିଶ୍ୱାସ ଓ କ୍ଷମତା ଜନିତ ଛଳନାର ଶିକାର ହୁଏ।'' ଏହି ଚେତାବନୀ ଆଗ ଅପେକ୍ଷା ବର୍ତ୍ତମାନ ସମୟରେ ବେଶୀ ପ୍ରାସଙ୍ଗିକ ମନେ ହେଉଛି। ଯଦି ବୈଜ୍ଞାନିକ ନିଷ୍କର୍ଷର ମୂଲ୍ୟାଙ୍କନ କୌଣସି ଜନହିତକାରୀ ପ୍ରୟୋଗ ପରିବର୍ତ୍ତେ ରାଜନୈତିକ ଅଭିସନ୍ଧି ବା ଲାଭ ରଖି କରାଯାଏ, ତେବେ ବିଜ୍ଞାନର ଉଦ୍ଦେଶ୍ୟ ହିଁ ସମାପ୍ତ ହୋଇଯାଏ। ଲୋକତନ୍ତ୍ରରେ ସରକାର ବଦଳିଥାଏ, ବିଚାର ଧାରା ମଧ୍ୟ ବଦଳେ କିନ୍ତୁ ବୈଜ୍ଞାନିକ ସତ୍ୟ କେବେବି କୌଣସି ରାଜନୈତିକ ଦଳର ସମର୍ଥକ ହୋଇନଥାଏ। ଏହା କେବଳ ପ୍ରମାଣର ସମର୍ଥକ ହୋଇଥାଏ। ଭାରତରେ ସମୟ ସମୟରେ ବୈଜ୍ଞାନିକ ସଂସ୍ଥାନ ମାନଙ୍କର ସ୍ୱତନ୍ତ୍ରତା, ନିଯୁକ୍ତି ଓ ଗବେଷଣାର ପ୍ରାଥମିକତାକୁ ନେଇ ବିତର୍କ ହୋଇଥାଏ। ଏହି ବିତର୍କ କେବଳ ପ୍ରଶାସନିକ ନୁହେଁ, ଲୋକତାନ୍ତ୍ରିକ ମଧ୍ୟ। ଯଦି କୌଣସି ବୈଜ୍ଞାନିକ ସଂସ୍ଥାନର ନିଯୁକ୍ତି ତଥା ନେତୃତ୍ୱ ନିର୍ବାଚନ ଯୋଗ୍ୟତା ପରିବର୍ତ୍ତେ ରାଜନୈତିକ ନିକଟତା ହେତୁ ହେବାର ଜଣାପଡ଼େ ତେବେ ସର୍ବପ୍ରଥମେ ଜନସାଧାରଣଙ୍କର ବିଶ୍ୱାସ ଦୁର୍ବଳ ହୋଇପଡ଼େ। ବିଜ୍ଞାନର ଆଧାର ବିଶ୍ୱସନୀୟତା ଓ ବିଶ୍ୱସନୀୟତାର ଆଧାର ''ସ୍ୱତନ୍ତ୍ରତା''। ରାଜନୀତି ଓ ବିଜ୍ଞାନ ମଧ୍ୟରେ ସଂଘର୍ଷର ଏକ ଉତ୍କୃଷ୍ଟ ଦୃଷ୍ଟାନ୍ତ ହେଉଛି ''ପରିବେଶ ନୀତି''। ବୈଜ୍ଞାନିକମାନେ ଦୀର୍ଘ ବର୍ଷରୁ ଚେତାବନୀ ଦେଇ ଆସୁଛନ୍ତି କି, ଜଳବାୟୁ ପରିବର୍ତ୍ତନ, ବାୟୁ ପ୍ରଦୂଷଣ ଓ ଜୈବ ବିବିଧତାର ଧ୍ୱଂସ ମାନବ ସଭ୍ୟତା ପାଇଁ ଗମ୍ଭୀର ବିପଦ ଡାକି ଆଣିବ। ଏହା ସତ୍ତ୍ୱେ କିନ୍ତୁ ବିଭିନ୍ନ ଉନ୍ନତିମୂଳକ ପରିଯୋଜନାରେ ବୈଜ୍ଞାନିକ, ପରିବେଶବିତ୍ମାନଙ୍କର ମତ ଓ ରିପୋର୍ଟ ପରିବର୍ତ୍ତେ ରାଜନୈତିକ ତଥା ଆର୍ଥିକ୍ ହିତକୁ ପ୍ରାଥମିକତା ଦିଆଯାଉଛି।

ଏହିପରି ଏକ ରିପୋର୍ଟ ହେଉଛି ''ଗାଡ୍‌ଗିଲ୍ କମିଶନ୍ ରିପୋର୍ଟ।'' ବିଶିଷ୍ଟ ପରିବେଶବିତ୍ ମାଧବ ଗାଡ୍‌ଗିଲ ପଶ୍ଚିମଘାଟ ପର୍ବତମାଳାର ସଂରକ୍ଷଣକୁ ଗୁରୁତ୍ୱ ଦେଇ ଉପରୋକ୍ତ ରିପୋର୍ଟଟିକୁ ପ୍ରସ୍ତୁତ କରିଥିଲେ। କିନ୍ତୁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ହେତୁ ସଂପୃକ୍ତ ରିପୋର୍ଟଟି କାର୍ଯ୍ୟକାରୀ ହୋଇପାରିଲା ନାହିଁ।

ବିଜ୍ଞାନ ଓ ରାଜନୀତି ମଧ୍ୟରେ ସମ୍ପର୍କକୁ ବିଚାର କଲାବଳେ ପ୍ରସିଦ୍ଧ ଜୀବ ବିଜ୍ଞାନୀ ''ରିଚାର୍ଡ ଡକିନ୍‌ସଙ୍କ ଏହି ଉକ୍ତି ମଧ୍ୟ ଉଲ୍ଲେଖନୀୟ ଯେ,'' ବିଜ୍ଞାନର ସବୁଠାରୁ ବଡ଼ ଶକ୍ତି ହେଉଛି ପ୍ରମାଣ ବଦଳିବା ସହ ଏହାର ନିଷ୍କର୍ଷ ମଧ୍ୟ ବଦଳିଥାଏ। ଏହି ନମନୀୟତା କିନ୍ତୁ ରାଜନୀତିରେ ନଥାଏ। ଫଳସ୍ୱରୂପ ବୈଜ୍ଞାନିକ ତଥ୍ୟ ଓ ରାଜନୈତିକ ଆଗ୍ରହ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥାଏ। ଏହି କାରଣରୁ ହିଁ ବୈଜ୍ଞାନିକ ସଂସ୍ଥାନମାନଙ୍କୁ ସରକାରଙ୍କ ପ୍ରତି ଉତ୍ତରଦାୟୀ ହେବା ତ ଉଚିତ୍ ମାତ୍ର ରାଜନୈତିକ ଭାବରେ ଆଶ୍ରିତ ନୁହେଁ।

ଭାରତୀୟ ସମ୍ବିଧାନ ମଧ୍ୟ ଏହି ଦିଗରେ ସ୍ପଷ୍ଟ ସଂକେତ ଦେଉଅଛି। ଅନୁଚ୍ଛେଦ ୫୧(କ) ପ୍ରତ୍ୟେକ ନାଗରିକକୁ ବୈଜ୍ଞାନିକ ଦୃଷ୍ଟିକୋଣ, ମାନବତାବାଦ ଓ ଜ୍ଞାନାର୍ଜନର ଭାବନା ବିକଶିତ କରିବା ପାଇଁ ଆଗ୍ରହ କରିଥାଏ।

ବୈଜ୍ଞାନିକ ଚେତନାର ବିକାଶ ଓ ଏହାକୁ ପ୍ରୋତ୍ସାହିତ କରିବା ରାଜ୍ୟର ମଧ୍ୟ ଏକ ପ୍ରମୁଖ ଦାୟିତ୍ୱ। ଯଦି ଶାସନବ୍ୟବସ୍ଥା ବା ତନ୍ତ୍ର ନିଜେ ହିଁ ଅପ୍ରମାଣିତ ଦାବି, ଛଦ୍ମବିଜ୍ଞାନ ଓ ଭାବନାତ୍ମକ ପ୍ରସଙ୍ଗକୁ ବୈଜ୍ଞାନିକ ତଥ୍ୟର ସମକକ୍ଷ ଭାବେ ପ୍ରସ୍ତୁତ କରିବାରେ ଲାଗେ, ତାହାହଲେ ସମ୍ବିଧାନର ମୂଳ ଲକ୍ଷ୍ୟ ଦୁର୍ବଳ ହୋଇପଡ଼େ। ଏଥିପାଇଁ ବିଜ୍ଞାନରେ ରାଜନୀତିର ଭୂମିକା ସ୍ପଷ୍ଟ ଓ ସୀମିତ ରହିବା ନିତାନ୍ତ ଭାବରେ ଆବଶ୍ୟକ।

ସରକାର ଗବେଷଣା ପାଇଁ ପାଣ୍ଠିର ବ୍ୟବସ୍ଥା କରିବା ସହିତ ବୈଜ୍ଞାନିକ ଚିନ୍ତାଧାରାକୁ ପ୍ରୋତ୍ସାହନ ଦିଅନ୍ତୁ। ଗବେଷଣା ସଂସ୍ଥାମାନଙ୍କୁ ବିଶ୍ୱସ୍ତରର ସୁବିଧା ପ୍ରଦାନ କରନ୍ତୁ। ଏହାର ବିପରୀତରେ ବୈଜ୍ଞାନିକ ଫଳାଫଳର ମୂଲ୍ୟ ନିରୂପଣ, ଏହାର ବ୍ୟାଖ୍ୟା, ବୈଜ୍ଞାନିକ ସଂସ୍ଥାନମାନଙ୍କରେ ନିଯୁକ୍ତି ଓ ସଂସ୍ଥାନର ସ୍ୱତନ୍ତ୍ରତାରେ ସରକାରଙ୍କର ହସ୍ତକ୍ଷେପ କମ୍ ରହିବା ଉଚିତ୍।

ଅତୀତରେ ଶାସନତନ୍ତ୍ରର ଅଯଥା ହସ୍ତକ୍ଷେପ ହେତୁ ବୈଜ୍ଞାନିକ ମାନେ ଅକଥନୀୟ ନିର୍ଯ୍ୟାତନା ସହିବା ସହିତ ମୃତ୍ୟୁବରଣ ମଧ୍ୟ କରିଛନ୍ତି। ଉଦାହରଣ ସ୍ୱରୂପ ଗାଲିଲିଓ ଓ ବ୍ରୁନୋ।

# ଭଲ ମଣିଷ ହେବା ଏକ ବଡ଼ ସଫଳତା

**ଅନୁଚିନ୍ତା**

ଏଇ ମଣିଷ ହିଁ ଦେବତା ଏବଂ ଏଇ ମଣିଷ ହିଁ ରାକ୍ଷସ ବୋଲି ଆମେ ଜାଣିଛୁ। ସମାଜ ଆଖିରେ ଖୁବ ବଡ଼ ବୋଲାଉଥିବା ଜଣେ ମଣିଷ ବଡ଼ ପଦବୀରେ ଥାଇପାରେ। ବଡ଼ କୋଠାଘରେ ରହିପାରେ। ବହୁ ଟଙ୍କା ପଇସାର ଅଧିକାରୀ ହୋଇଥାଇପାରେ। କିନ୍ତୁ ତା' ଭିତରେ ଦେବ ଭାବ ହୁଏତ ନଥାଏ। ଆଉ ଜଣେ ସମାଜର ଖୁବ ତଳ ସ୍ତରରେ ଥାଇପାରେ। ଦରିଦ୍ର ଜୀବନ ବିତଉ ଥାଇପାରେ କିନ୍ତୁ। ତା' ଭିତରେ ଦେବ ଭାବ ଥାଇପାରେ। ଉପରକୁ ଖୁବ ସୁନ୍ଦର ଦେଖାଯାଉଥିବା ଜଣେ ଲୋକ ଭିତରେ ଅନେକ ମନ୍ଦ ଭାବନା ଥାଇପାରେ। କଦାକାର ବା ଅସୁନ୍ଦର ଦେଖାଯାଉଥିବା ଜଣେ ଲୋକ ଭିତରେ ଖୁବ ଭଲ ଭାବନା ଥାଇପାରେ। ତେଣୁ ଚେହେରାରେ ସୁନ୍ଦର ଦିଶିବା ବା ବଡ଼ ଘରେ ରହିବା, ବଡ଼ ପଦରେ ବସିବା, ବେଶ ଟଙ୍କା ପଇସାରେ ଆତଯାତ ହେବାଟା ଭଲ ଲୋକର ପରିଚୟ ସବୁବେଳେ ନୁହେଁ ବିଚାର ଏବଂ ଆଚାରର ଆଧାରରେ ଜଣେ ପ୍ରକୃତରେ ବଡ଼ ଲୋକ ବା ଭଲ ଲୋକ ହୁଏ। ଏଇ କଥାଟିକୁ ଭଲରେ ବୁଝିବା ପାଇଁ ଦୁଇଟି ଉଦାହରଣ ନେବା। ଗୋଟିଏ ବାହାଘର ହଉଥାଏ। ବରଘର କନ୍ୟାଘର ଭିତରେ କିଛି ଦିଆନିଆ ଚୁକ୍ତି ହେଇଥାଏ। ଝିଅ ଘର ପଟୁ ପୁଅ ଘରକୁ କିଛି ଟଙ୍କା ଦବା ବାକି ଥାଏ। କୌଣସି ଅସୁବିଧା ବଶତଃ ସେ ଟଙ୍କାତକ ଯୋଗାଡ଼ ହେଇନଥାଏ। ହାତ ଗଣ୍ଠି ପଡ଼ିବା ପୂର୍ବରୁ ଟଙ୍କା କଥା ଉଠିଲା। ଝିଅର ବାପା ଆସି ଅନୁନୟ କରି କହିଲେ ଅସୁବିଧା ବଶତଃ ଟଙ୍କାତକ ଯୋଗାଡ଼ ହୋଇପାରିନି। ଅଳ୍ପ କିଛି ଦିନ ପରେ ସେ ସେତିକି ଦେଇଦେବେ। ହାତଗଣ୍ଠି ସେଇଠି ଅଟକିଲା। ଉଭୟ ପକ୍ଷର କିଛି ଭଦ୍ରଲୋକ ମଧ୍ୟସ୍ଥତା କରି କଥାଟିକୁ ସୁଧାରିବାକୁ ଚେଷ୍ଟା କଲେ। ପୁଅର ବାପା ଜିଦ ଧରି ବସିଲେ ଟଙ୍କା ଦେବା ପାଇଁ ଜବାବ କରିଥିଲେ। ନ ଦେଲେ ବାହାଘର ହୋଇପାରିବ ନାହିଁ। ପରିସ୍ଥିତିଟା ଏକାବେଳେ ଖରାପ ହୋଇଗଲା। ବରଯାତ୍ରୀମାନେ ସବୁ ମେଳ ହୋଇଗଲେ। କଥା ଉଠିଲା ବାହାଘର ହୋଇପାରିବ ନାହିଁ। ବର ବରଯାତ୍ରୀ, ଉଭୟ ପକ୍ଷର ବନ୍ଧୁ । ବାନ୍ଧବ ସବୁ ଏକାଠି ହୋଇଥିବେ। କି ଭୟଙ୍କର ପରିସ୍ଥିତି ଦେଖନ୍ତୁ । କି ଶ୍ରଦ୍ଧା ଆଉ ସେ ବାହାଘରରେ ଥିବ ? ସମସ୍ତଙ୍କ ମୁହଁ ଶୁଖିଲା। ଉଭୟ ପକ୍ଷର କିଛି ଭଦ୍ରଲୋକ ମଧ୍ୟସ୍ଥତା କରିବାରୁ ବାହାଘରଟା ଭାଙ୍ଗୁ ଭାଙ୍ଗୁ ରହିଗଲା । ସାତ ପୁରୁଷଙ୍କୁ ବନ୍ଧୁ ବାନ୍ଧିବାକୁ ଗଲା ବେଳେ କେତେ ମାତ୍ର ଟଙ୍କା ପାଇଁ ମଣିଷ ସମ୍ପର୍କମାନଙ୍କୁ କେମିତି ଭାଙ୍ଗି ରୁଜି ନଷ୍ଟ କରୁଛି ଦେଖନ୍ତୁ । ଏମିତି ଗୋଟିଏ କଥା ନୁହେଁ କେତେ ଘଟଣା ଘଟୁଛି । ବରକନ୍ୟା ଉଭୟ ପକ୍ଷରେ କିଛି ଭଲ ଲୋକ ନିଜ ନିଜ ଭିତରେ କଥା ହେଲେ ପୁଅର ବାପା ଜଣକ ସତରେ କେଡ଼େ ଅମଣିଷ। ଝିଅର ବାପା ଟଙ୍କାତକ ଦବା ପାଇଁ ମାତ୍ର ପନ୍ଦରଦିନ ସମୟ ଅନୁନୟ କରି ମାଗୁଛନ୍ତି । ଏଡ଼େ ଅବିଶ୍?ାସ। ଇଏ କି ମଣିଷ। ଛି ଛି । ଇଏ ଗଲା ଗୋଟିଏ ବାହାଘର କଥା। ଆଉ ଗୋଟିଏ ବାହାଘରେ ସେଇମିତି କନ୍ୟା ପିତା ବରଘରକୁ କିଛି ଟଙ୍କା ଦବା ପାଇଁ କଥା ଦେଇଥାନ୍ତି। ବାହାଘର ଦିନ ତାହା ହେବା କଥା। ସେଥିରୁ ସବୁତକ ଟଙ୍କା ଯୋଗାଡ଼ ହୋଇପାରିନଥାଏ କିଛି ଟଙ୍କା ନିଅଣ୍ଟ ଥାଏ। କନ୍ୟା ପିତା ଖୁବ ବ୍ୟସ୍ତ ବିବ୍ରତ ହୋଇଥାନ୍ତି। କ'ଣ କରିବେ। ସବୁତକ ଟଙ୍କା ବହାଘର ଦିନ ଦେଇଦେବା ପାଇଁ ସେ ନିଜେ କହିଥିଲେ। ଟଙ୍କା ଯୋଗାଡ଼ ହୋଇପାରିଲା ନାହିଁ। ବାହାଘର କଥା। ବରପକ୍ଷ ଯଦି ଅଡ଼ିବସିବେ ତେବେ କଥା ସରିଲା। ବାହାଘର ଦିନ ଆସିଲା। ବର ଆସି ପହଞ୍ଚିଲା। ସବୁ କାମ ଚାଲିଥାଏ। କିନ୍ତୁ ଏଇ ଟଙ୍କା କଥା ମୁଣ୍ଡରେ ପଶି କନ୍ୟା ପିତାଙ୍କୁ ଚିନ୍ତା ହୋଇଯାଇଥାଏ। ବଡ଼ ବିକଳ ଦିଶୁଥାଏ ତାଙ୍କ ମୁହଁ। କ'ଣ କରିବେ। ଠିକ ବେଳ ଆସିଲେ କ'ଣ କହିବେ। ଏ କଷ୍ଟ କେବଳ ଏ ଅବସ୍ଥାରେ ପଡ଼ିଥିବା କନ୍ୟାପିତାମାନେ ଜାଣନ୍ତି । ତାଙ୍କ ସହ କଥାବାର୍ତ୍ତା ବେଳେ ବରର ବାପା କନ୍ୟା ପିତାଙ୍କ ଶୁଖିଲା ମୁହଁ ଦେଖି ପଚାରିଲେ ସମ୍ବନ୍ଧୀ ଆପଣଙ୍କ ମନ ସୁଖ ନାହିଁ କି ? ଏ ଆନନ୍ଦର ଦିନରେ ଆପଣ ନିସ୍ତେଜ ଦିଶୁଛନ୍ତି କାହିଁକି ? ଏଇତକ କଥା ଶୁଣି କନ୍ୟାପିତାଙ୍କ ଆଖି ଲୁହ ଛଳ ଛଳ ହୋଇଗଲା। ସେ କଥାଟାକୁ ଖୋଲି କହିଦେଲେ। ବରପିତା ସମ୍ବନ୍ଧିଙ୍କୁ କୁଣ୍ଢେଇ ଧରି ସାନ୍ତନା ଦେଇ କହିଲେ- ଏଇ ଛାର କଥା ପାଇଁ ଆପଣ ଏତେ ବିବ୍ରତ ହୋଇପଡିଛନ୍ତି । ଆମେ ପରା ସାତପୁରୁଷକୁ ବନ୍ଧୁ ହେଉଛେ । ଆଜିକରେ କଣ ସବୁ ସରିଯିବ ? ଆପଣ ଜମା ବ୍ୟସ୍ତ ହୁଅନ୍ତୁ ନାହିଁ। ମୁଁ ଆପଣଙ୍କଠାରୁ ଟଙ୍କା ନେବି କାରଣ ଆପଣ ନିଜେ ଦବା ପାଇଁ ଖୁସିରେ କହିଛନ୍ତି। କିନ୍ତୁ ଆପଣ ଯେବେ ସୁବିଧା ହେବ ଦେବେ। ଆଜି ଦବା ପାଇଁ ଯେଉଁ ଟଙ୍କା ରଖିଛନ୍ତି ତାକୁ ମଧ୍ୟ ମୁଁ ନେବି ନାହିଁ। ଆପଣ ଆଗେ କାମ ବଢ଼ାନ୍ତୁ।'' ଉପସ୍ଥିତ ଲୋକେ କହିଲେ ବର ବାପାଟି କେଡ଼େ ଭଲ ମଣିଷ ମ। ପାଠକବନ୍ଧୁ ମଣିଷ ଦେବତା ହେବା ତ ଦୂରର କଥା। ଭଲ ମଣିଷ ହବାଟା କମ୍ ବଡ଼ ସଫଳତା ନୁହେଁ।

# ଅବିସ୍ମରଣୀୟ କବି ପ୍ରଧାନମନ୍ତ୍ରୀ ଅଟଳ ବିହାରୀ

ମଣିଷର ଚରିତ୍ର କ'ଣ ହେବା ଉଚିତ୍ ଯଦି ପ୍ରଶ୍ନର କେବେ ଦିଆଯାଏ କେବଳ ଗୋଟିଏ ଉତ୍ତର ହେବା ଉଚିତ୍ - ଅପମାନିତ ହେବାଠାରୁ ଦୁଇଗୁଣ ନମ୍ର ହେବା । ଇତିହାସ ସାକ୍ଷ୍ୟ ଦିଏ ଯେ ରୁଦ୍ରତାର ପ୍ରତିକ୍ରିୟାରେ ରୁଦ୍ରତା ଏକ ସାମାଜିକ ଦ୍ୱନ୍ଦ ସୃଷ୍ଟି କରେ ଯାହାର କୌଣସି ମୂଳଦୁଆ ନାହିଁ କି ଭବିଷ୍ୟତ ନାହିଁ। ଅଟଳ ବିହାରୀ ବାଜପେୟୀ ହେଉଛନ୍ତି ସମସ୍ତଙ୍କର ମନର ବ୍ୟକ୍ତିତ୍ୱ, ଯିଏ ବ୍ୟଙ୍ଗାତ୍ମକ ଢଙ୍ଗରେ ଜୀବନ ବିତାଇଛନ୍ତି ଓ ଆଜି ଏକ ଉଜ୍ଜ୍ୱଳ ଚରିତ୍ର ପାଲଟିଛନ୍ତି । ସେ ଜାଣିଥିଲେ ଯେ ଯେତିକି ଉଜ୍ଜ୍ୱଳତା ଅଛି, ସେଥିରେ କାଦୁଅ ଫିଙ୍ଗି ଦିଆଯିବ । ତେଣୁ ଜବାହରଲାଲ ନେହେରୁଙ୍କ ଠାରୁ ତାବାରା ପର୍ଯ୍ୟନ୍ତ ନେତାମାନେ ତାଙ୍କୁ ଦମନ କରିବାକୁ ଚେଷ୍ଟା କଲେ ମଧ୍ୟ ସେ କବିତା ମାଧ୍ୟମରେ ଉତ୍ତର ଦେବେ। ଭାରତ ଏହାର ରାଜନୀତିରେ ଜଣେ ସମ୍ବେଦନଶୀଳ କବିଙ୍କ ନିର୍ମଳ ବ୍ୟକ୍ତିତ୍ୱ ପାଇଥିବାରୁ ଆଶୀର୍ବାଦ ପ୍ରାପ୍ତ, ଯାହାର ଉଜ୍ଜ୍ୱଳ ସାକ୍ଷର ଆଜି କେନ୍ଦ୍ରରେ ସରକାର ଶାସନ କରୁଛି। ଯେ ନିକଟରେ ରିଲିଜ୍ ହୋଇଥିବା 'ମାୟା ଅଟଲ୍ ହୁନ୍' ମୁଖ୍ୟ ଭୂମିକାରେ ପଙ୍କଜ ତ୍ରିପାଠୀଙ୍କ ଯାହା ସବୁ ଦେଖାଯାଇଛି ତାହା ଏକ ବଡ଼ ପ୍ରଭାବ ପକାଇଛି। ରାଷ୍ଟ୍ରିୟ ସ୍ୱୟଂସେବକ ସଂଗଠନ ସର୍ବଦା ଲୋକମାନଙ୍କ ସହିତ ପରିପୂର୍ଣ୍ଣ ଥିଲେ ।

ସେ ସ୍ୱରାଜଙ୍କ ବିଷୟରେ ଚିନ୍ତା କରୁଥିଲେ। ୧୯୪୨ ସୁଦ୍ଧା, ୧୬ ବର୍ଷ ବୟସରେ, ବାଜପେୟୀ ରାଷ୍ଟ୍ରିୟ ସ୍ୱୟଂସେବକ ଏକ ସଂଗଠନର (RSS) ଜଣେ ସକ୍ରିୟ ସଦସ୍ୟ ହୋଇଥିଲେ । ଯଦିଓ ଆରଏସଏସ ଭାରତ ଛାଡ ଆନ୍ଦୋଳନରେ ଭାଗ ନ ନେବାକୁ ନିଷ୍ପତ୍ତି ନେଇଥିଲା, ୧୯୪୨ ଅଗଷ୍ଟ ୬ ରେ ବାଜପେୟୀ ଏବଂ ତାଙ୍କ ବଡ଼ ଭାଇ ପ୍ରେମଙ୍କୁ ୨୪ ଦିନ ପାଇଁ ଭାରତ ଛାଡିବା ସମୟରେ ଗିରଫ କରାଯାଇଥିଲା । ସେ ଏକ ଲିଖିତ ବିବୃତ୍ତି ଦେବା ପରେ ତାଙ୍କୁ ମୁକ୍ତ କରାଯାଇଥିଲା ଯେ ସେ ମାଓବାଦୀଙ୍କ ଅଂଶ ହୋଇଥିବାବେଳେ ସେ ୨୭ ଅଗଷ୍ଟ ୧୯୪୨ ରେ ବେଟେଶ୍ୱର ଠାରେ ହୋଇଥିବା ସନ୍ତ୍ରାସବାଦୀ ଘଟଣାରେ ଭାଗ ନେଇନଥିଲେ । ପ୍ରଧାନମନ୍ତ୍ରୀ ହେବା ପରେ ତାଙ୍କ ଜୀବନସାରା ବାଜପେୟୀଙ୍କୁ ଏହି ଅଭିଯୋଗ ବିଷୟରେ ସ୍ମରଣ କରାଯାଇଛି । ଭାରତ ଛାଡ଼ିବା ଆନ୍ଦୋଳନରେ ଅଂଶଗ୍ରହଣ ଏକ ମିଥ୍ୟା ଗୁଜବ । କିନ୍ତୁ ଯେଉଁ ଦିନ ଦେଶକୁ ତିନି ଭାଗରେ ବିଭକ୍ତ କରାଯାଇଥିଲ। ସେହି ଦିନଠାରୁ ତାଙ୍କ ମନରେ ଅବିଚ୍ଛେଦ୍ୟ ଭାରତର ଶୈଳୀ ଅନ୍ତର୍ଭୁକ୍ତ ହୋଇଥିଲା ।

ବ୍ରିଟିଶମାନଙ୍କ ଦ୍ୱାରା ଭାରତର ବିଭାଜନ ତାଙ୍କୁ ଯନ୍ତ୍ରଣା ଦେଇଥିଲା କିନ୍ତୁ ସେହି ସମୟରେ ଅଟଳ ବିହାରୀ ବାଜପେୟୀ ମଧ୍ୟ ବୁଝିଥିଲେ ଯେ ତତ୍କାଳୀନ କଂଗ୍ରେସ ସରକାରଙ୍କ ଏକଚାଟିଆତା ଭାରତର ଲୋକଙ୍କ ପାଇଁ ବିପଦପୂର୍ଣ୍ଣ ଥିଲା । ଏହି ଆଇନକୁ ଅତିକ୍ରମ କରି ସେ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଲକ୍ଷ୍ୟ ରଖି ସିଧାସଳଖ ରାଜସ୍ଥାନ ସମ୍ବାଦପତ୍ର କାର୍ଯ୍ୟାଳୟରେ ଯୋଗ ଦେଇଥିଲେ । ଶ୍ୟାମପ୍ରସାଦ ମୁଖାର୍ଜୀ ନିଜେ ସେହି ଖବର ପଢି କଂଗ୍ରେସରୁ ଇସ୍ତଫା ଦେଇଥିଲେ। ରାଷ୍ଟ୍ରିୟ ସେବା ସଙ୍ଗଙ୍କ ପ୍ରେରଣା ଅନୁଯାୟୀ ରାଷ୍ଟ୍ରୀୟ ଜନତା ପାର୍ଟି ଗଠନ କରିଥିଲେ। ଦଳରେ ଅଟଳ ବିହାରୀ ବାଜପେୟୀ, ଦିନ୍ଦୟାଲ ଉପାଧ୍ୟାୟ ଏ ଅନ୍ୟମାନେ ଥିଲେ । ପରେ ଜାମ୍ମୁ କାଶ୍ମୀରରେ ଧାରା ୩୭୦ ରଦ୍ଦକୁ ଦୃଢ ବିରୋଧ କରୁଥିବାବେଳେ ଶ୍ୟାମା ପ୍ରସାଦଙ୍କ ହଠାତ୍ ଗିରଫ ଓ ଜେଲରେ ମୃତ୍ୟୁ ଅଟଳଜୀଙ୍କ ମାନସିକତାକୁ ଦୋହଲାଇ ଦେଇଥିଲା।

ପରେ ସେ ୧୯୫୭ ମସିହାରେ ବଳରାମପୁରରୁ ଜିତିଥିଲେ ଯେ ଯଦି ସେ ଲୋକରେ ପହଞ୍ଚି ନଥାନ୍ତେ ତେବେ ଦେଶ ତାଙ୍କ କଥା ଶୁଣିବ ନାହିଁ । ବିଧାନସଭା କଂଗ୍ରେସ ବିରୋଧରେ ଟିକିଏ ଲୋକସଭାରେ ପ୍ରବେଶ କଲାବେଳେ ଜୋରରେ ସ୍ୱର ଦେଖାଇବା ପରିବର୍ତ୍ତେ ସେ ସେମାନଙ୍କ ପ୍ରତି ଭଦ୍ର ବ୍ୟବହାର କରି ଭାଷଣ ଦେଇଥିଲେ । ଏଥିରେ ଜବାହରଲାଲ ନେହେରୁ ପ୍ରଭାବିତ ହୋଇଥିଲେ । ତା'ପରେ ୨୯୬୨ ମସିହାରେ ଚୀନ୍ ଭାରତ ଉପରେ ଆକ୍ରମଣ କରିଥିଲା ଓ ଅଟଳଜୀ ସୀମା ସୁରକ୍ଷା ପ୍ରସଙ୍ଗକୁ ବିରୋଧୀ ଭାବରେ ସ୍ୱର ଉଠାଇଥିଲେ । ଯାହା ଫଳରେ ନେହେରୁ ସରକାର ଅସୁବିଧାରେ ପଡ଼ିଥିଲେ । ତା'ପରେ ୨୯୬୫ ଭାରତ-ପାକ୍ ଯୁଦ୍ଧରେ ରାଷ୍ଟ୍ରୀୟ ଜନତା ପାର୍ଟି ଲାଲ ବାହାଦୂର ଶାସ୍ତ୍ରୀଙ୍କ ପାଖରେ ଠିଆ ହୋଇ ସରକାରଙ୍କ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ରାଜି ହୋଇଥିଲେ। କିନ୍ତୁ ସେଠାରେ ମଧ୍ୟ ବିପଦ ରହିଛି। ତାସକେଣ୍ଟରେ ଅସ୍ତ୍ରବିରତି ଚୁକ୍ତି ସାକ୍ଷର କଲାବେଳେ ଶାସ୍ତ୍ରୀଜୀଙ୍କ ମୃତ୍ୟୁ ହୋଇଥିଲା । ଇନ୍ଦିରା ଗାନ୍ଧୀ ଦାୟିତ୍ୱ ଗ୍ରହଣ କରିଥିଲେ । ସେହି ସମୟରେ ଦୁଇଟି କ୍ରମାଗତ ଯୁଦ୍ଧ ଦ୍ୱାରା ଭାରତର ଅର୍ଥନୀତି ପ୍ରାୟ ପଙ୍ଗୁ ହୋଇଯାଇଥିଲା, ଯେଉଁଠାରେ ସେ ମୂଲ୍ୟ ବୃଦ୍ଧି କରିଥିଲେ ।

ଇତି ମଧ୍ୟରେ, ଆହ୍ଲାବାଦ କୋର୍ଟରେ ହୋଇଥିବା ଏକ ରାୟରେ ଇନ୍ଦିରା ସରକାରଙ୍କ ପତନ ଅନିବାର୍ଯ୍ୟ ଥିଲା। ୧୯୭୫ ଜୁନ୍ ୨୫ରୁ ସାରା ଭାରତରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା। ଯେଉଁଠାରେ ଗଣମାଧ୍ୟମକୁ ଦମନ କରାଯାଇଥିଲା, ସେଠାରେ ଅଟଳଜୀଙ୍କ ପରି ବ୍ୟକ୍ତିବିଶେଷଙ୍କୁ ଗିରଫ କରାଯାଇ କାରାଗାରରେ ରଖାଯାଇଥିଲା ଓ ବାଳକମାନଙ୍କୁ ଜବରଦଖଲ ହଇରାଣ କରାଯାଇଥିଲା । ଏଥିରେ ଅନେକ ପୁଅ ସଂକ୍ରମଣରେ ମୃତ୍ୟୁ ବରଣ କରିଥିଲେ ! ଏହାର ନେତୃତ୍ୱ ନେଇଥିଲେ ଇନ୍ଦିରାଙ୍କ ସାନପୁଅ ସଞ୍ଜୟ ଗାନ୍ଧୀ । ଜରୁରୀକାଳୀନ ପରିସ୍ଥିତି ପରେ, ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଅଟଳଜୀଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଜନତା ପାର୍ଟିର ନାମ ଆଜିର ଭାରତୀୟ ଜନତା ଦଳ ଅର୍ଥାତ୍ ବିଜେପି।



ମରାର୍ଜୀ ଦେଶାଇଙ୍କ ୟୁନାଇଟେଡ୍ ଫ୍ରଣ୍ଟ ସରକାର କ୍ଷମତାସୀନ କେନ୍ଦ୍ର ବିରୋଧରେ ବହୁ ସଂଖ୍ୟକ ଆସନ ସହିତ ଗଠନ କରାଯାଇଥିଲା ।

ସେଠାରେ ମଧ୍ୟ ଇନ୍ଦିରା ଗାନ୍ଧୀ ସରକାରଙ୍କ ଭିତରୁ ଉଚ୍ଛେଦ ପ୍ରବର୍ତ୍ତାଇ ଚରଣ ସିଂଙ୍କୁ ପ୍ରଧାନମନ୍ତ୍ରୀ ହେବାକୁ ବାଧ କରିଥିଲେ । ଆଭ୍ୟନ୍ତରୀଣ ବିବାଦ ହେତୁ ୟୁନାଇଟେଡ୍ ଫ୍ରଣ୍ଟ ଭାଙ୍ଗି ପୁଣି ଇନ୍ଦିରା ସରକାର ଗଠନ ହେଲା । ଏହା ପରେ, 'ଅପରେସନ୍ ବ୍ଲୁ ଷ୍ଟାର୍' କାରଣରୁ ଇନ୍ଦିରାଙ୍କ ମୃତ୍ୟୁ, ରାଜୀବ ଗାନ୍ଧୀଙ୍କ ମୃତ୍ୟୁ ଓ ଆତଙ୍କବାଦୀଙ୍କୁ ଦମନ କରିବା ଭାରତୀୟ ରାଜନୀତିରେ ଅଶାନ୍ତ ସ୍ରୋତ ଆଣିଥିଲା । ଅଯୋଧ୍ୟାରେ ବାବ୍ରି ମସଜିଦ ଭାଙ୍ଗିବା ଘଟଣା ସହିତ ଅଟଳ ବିହାରୀ ବାଜପେୟୀ ଅତ୍ୟଧିକ ବିବ୍ରତ ହୋଇ ସକ୍ରିୟ ରାଜନୀତିରୁ ଓହରିଯିବାକୁ ଶପଥ ନେଇଥିଲେ ।

କିନ୍ତୁ ୧୯୯୬ ରେ ହର୍ଷଦ ମେହେଟ୍ଟା ଠକେଇରେ ନରସିଂହ ରାଓଙ୍କ ସରକାର ପତନ ପରେ ବିଜେପି ଓ ଏହାର ମିଳିତ ସହଯୋଗୀ ଯେତେବେଳେ ଅଟଳଜୀଙ୍କୁ ପ୍ରଧାନମନ୍ତ୍ରୀ ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା, ସେତେବେଳେ ସେ ତୁରନ୍ତ ଆଶ୍ଚର୍ଯ୍ୟଜନକ ଭାବରେ ଗ୍ରହଣ କଲେ । କାରଣ ତାଙ୍କ ବିନା ଦେଶରେ ଅନ୍ୟ କୌଣସି ବିକଳ୍ପ ନଥିଲା । ଜଣେ କାର୍ଯ୍ୟନିର୍ବାହୀ କଂଗ୍ରେସ ସରକାର ଅନୁସରଣ କରିବା ପରେ ଅଟଳଜୀ ୧୯୯୯ ରେ ପୁନର୍ବାର ପ୍ରଧାନମନ୍ତ୍ରୀ ହୋଇଥିଲେ। ଏଥର ବିଜେପି ଏକକ ଭାବରେ ୧୮୨ ଟି ଆସନ ଜିତିଥିଲା ।। ତାଙ୍କ କାର୍ଯ୍ୟକାଳ ମଧ୍ୟରେ, ପୋଖରାନରେ ସଫଳ ପରମାଣୁ ପରୀକ୍ଷଣ ଦ୍ୱାରା ବିଶ୍ୱ ଚକିତ ହୋଇଯାଇଥିଲା, ଯାହା ପ୍ରଥମ ଥର ପାଇଁ ଏପିଜେ ଅବଦୁଲ କଲାମଙ୍କ ନେତୃତ୍ୱରେ ଭାରତକୁ ଆଣବିକ ଶକ୍ତିରେ ପରିଣତ କରିଥିଲା।

ଭାରତର ଏହି ବିକାଶ ବୃଦ୍ଧି ଯୋଗୁଁ ଆମେରିକା, ୟୁରୋପ ଓ ଏସିଆ ମଧ୍ୟ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ତାଙ୍କ ଅଧୀନରେ ଇଣ୍ଡୋ-ପାକ୍ ଯାତ୍ରା ଆରମ୍ଭ ହୋଇଥିଲା । କିନ୍ତୁ କଥାରେ ଅଛି, ତୁମେ ଜଣେ ବନ୍ଧୁକୁ ଠିକ୍ କରିପାରିବ, କିନ୍ତୁ ତୁମେ ଯେତେ ଚେଷ୍ଟା କଲେ ମଧ୍ୟ ତୁମେ ଖରାପ ପଡ଼ୋଶୀକୁ ବଦଳାଇ ପାରିବ ନାହିଁ। କାର୍ଗିଲ ଯୁଦ୍ଧ ଆରମ୍ଭ ହେଲା । ଆମେରିକାର କଳଙ୍କ ସତ୍ତ୍ୱେ ଅଟଳ ବିହାରୀଙ୍କ ନେତୃତ୍ୱରେ ପାକିସ୍ତାନର ସୈନ୍ୟବାହିନୀକୁ ଦୃଢ ପ୍ରତିକ୍ରିୟା ଦେଇ ଭାରତ ଏହି ଯୁଦ୍ଧରେ ଜିତିଥିଲା । ବିଶ୍ୱ ରାଜନୀତିରେ ଭାରତ ଏକ ଷ୍ଟାଣ୍ଡଆଉଟ୍ ହୋଇଗଲା । ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଅନ୍ୟାନ୍ୟ କାର୍ଯ୍ୟକଳାପ ମଧ୍ୟରେ ଗୋଲଡେନ୍ ଚତୁର୍ଭୁଜ ପ୍ରକଳ୍ପ (ଇଂରାଜୀରେ ଏଛ ପ୍ରୋଜେକ୍ଟ) ଭାରତର ଚାରି କୋଣକୁ ରାସ୍ତା ଦେଇ ସଂଯୋଗ କରିବା ପାଇଁ ଆରମ୍ଭ କରାଯାଇଥିଲା। ବିଶେଷ କରି ଦିଲ୍ଲୀ, କୋଲକାତା, ଚେନ୍ନାଇ ଓ ମୁମ୍ବାଇ ରାଜପଥ ଦ୍ୱାରା ସଂଯୋଗ ହୋଇଥିଲା । ବିଶ୍ୱାସ କରାଯାଏ ଯେ ଶେର ଶାହ ସୁରିଙ୍କ ସମୟ ଅପେକ୍ଷା ଅଟଳଜୀଙ୍କ ଶାସନ କାଳରେ ଭାରତରେ ଅଧିକ ରାସ୍ତା ନିର୍ମାଣ କରାଯାଇଥିଲା ।

ଅଟଳ ବିହାରୀ ବାଜପେୟୀ କେବଳ ଜଣେ ରାଜନେତା ନୁହଁନ୍ତି ଜଣେ କବି ମଧ୍ୟ ଥିଲେ । 'ଅମର ଅନନତି କବିତା' ହେଉଛି ଅଟଳଜୀଙ୍କ ପ୍ରସିଦ୍ଧ କବିତା ସଂଗ୍ରହ। ବାଜପେୟୀ କବିତାର ସୃଜନଶୀଳତା ଓ ସ୍ୱାଦର ଗୁଣଗୁଡିକ ଉତ୍ତରାଧିକାରୀ ହୋଇଥିଲେ। ତାଙ୍କ ପିତା କୃଷ୍ଣ ବିହାରୀ ବାଜପେୟୀ ଗାଲିଅର୍ ରାଜ୍ୟରେ ତାଙ୍କ ସମୟର ଜଣେ ଜଣାଶୁଣା କବି ଥିଲେ । ସେ ବ୍ରଜଭଶା ଏବଂ ଖାରୀ ବଲିରେ କବିତା ରଚନା କରିଥିଲେ। ସାହିତ୍ୟିକ ଓ କବିତା ପାରିବାରିକ ପରିବେଶ ହେତୁ କବିତା ରକ୍ତ କ୍ରମାଗତ ଭାବରେ ତାଙ୍କ ଶିରାରେ ପ୍ରବାହିତ ହୁଏ ।

ତାଙ୍କର ପ୍ରଥମ କବିତା ହେଉଛି ତାଜମହଲ। 'ଜଣେ ସମ୍ରାଟ ସୁନ୍ଦର ତାଜମହଲ ନିର୍ମାଣ କରିଥିଲେ, ସେ ଆମର ଗରିବ ଲୋକଙ୍କ ପ୍ରେମକୁ ପରିହାସ କରିଥିଲେ' ଭଳି ରୋମାଣ୍ଟିକ ପ୍ରେମରେ ଲିପ୍ତ ରହିବା ପରିବର୍ତ୍ତେ ତାଜମହଲର କାରିଗରମାନଙ୍କ ଶୋଷଣ ଉପରେ ମଧ୍ୟ ଧ୍ୟାନ ଦେଇଥିଲେ। ବାସ୍ତବରେ ତାଙ୍କ କବିତା କାହାର ହୃଦୟରୁ ବଞ୍ଚିତ ହୋଇପାରିବ ନାହିଁ । ଖୁବ୍ ମନଛୁଆଁ ଓ ହୃଦୟସ୍ପର୍ଶୀ। ଅଟଳଜୀ କିଶୋର ଅବସ୍ଥାରେ ଏକ ଚମତ୍କାର କବିତା ଲେଖିଥିଲେ - 'ହିନ୍ଦୁ ଟାନ୍-ମ୍ୟାନ୍ ହିନ୍ଦୁ ଜିବାନ୍, ରାଗ୍-ରାଗ୍ ହିନ୍ଦୁ ମେରା ଧାନିଆ', ଯାହା ଦର୍ଶାଏ ଯେ ସେ ପିଲାଦିନରୁ ଦେଶ ପ୍ରେମୀ ଥିଲେ ଏଥିରୁ ସ୍ପଷ୍ଟ ହୁଏ। ଯିଏ ପୁରା ଦେଶର ଶବ୍ଦ ଦ୍ୱାରା ଆକର୍ଷିତ ହୋଇଥିଲେ, ସେହି ବ୍ୟକ୍ତି କାହାଠାରୁ ଏତେ ଶକ୍ତି ପାଇଲେ ଯଦିଓ ଆପଣ ଜାଣନ୍ତି, ଆପଣଙ୍କୁ ଆଶ୍ଚର୍ଯ୍ୟ ହେବାକୁ ପଡିବ - ଅବିରତ ଭକ୍ତ ପ୍ରେମରୁ।

କୁହାଯାଏ ସେ କଲେଜ ଜୀବନରେ ରାଜକୁମାରୀଙ୍କୁ ଭେଟିଥିଲେ ଯେତେବେଳେ ସେ ଛାତ୍ର ରାଜନୀତି କରୁଥିଲେ, ପରେ ସେହି ସାକ୍ଷାତ ତାଙ୍କ ହୃଦୟରେ ପ୍ରେମ ସୃଷ୍ଟି କରିଥିଲା। କିନ୍ତୁ ସେହି ସମ୍ପର୍କ ଅସମ୍ପୂର୍ଣ୍ଣ ରହିଥାଏ। ବୋଧହୁଏ ସେଇଥିପାଇଁ, ଆଉ ଜଣେ ଘର ମାଲିକ ନୁହଁନ୍ତି, ସେ ଦେଶ ପାଇଁ ସବୁକିଛି ନଷ୍ଟ କରିଦେଲେ। ସେ ଭାଗ୍ୟବାନ ଥିଲେ, ନଚେତ୍ ଦେଶର ଉତ୍ଥାନ କୌଣସି ସ୍ଥାନରେ ଅଟକି ଯାଇଥାନ୍ତେ । ଅଟଳ ମହାମେରୁ ଭଳି ଅଟଳଜୀ ସେ ଅତୀତରେ ଭାରତର ସମସ୍ତ ସଙ୍କଟର ସାକ୍ଷୀ ରହିଥିଲେ ଓ ସେଠାରୁ ସମସ୍ତ ଶକ୍ତି ଓ ଅଭିଜ୍ଞତା ପ୍ରଦାନ କରିଥିଲେ । ସେ ଶକ୍ତିଶାଳୀ ହେଲେ । ସେ ତାଙ୍କ ପୂର୍ବପୁରୁଷମାନଙ୍କୁ ସମ୍ମାନ କରୁଥିଲେ, ପ୍ରତ୍ୟେକ ଅଶ୍ଳୀଳତାକୁ ତାଙ୍କର ଅସ୍ତ୍ରଶସ୍ତ୍ର ଭାବରେ କେବେ ଗ୍ରହଣ କରିନଥିଲେ ।

ଦେଖିବାକୁ ଗଲେ ବର୍ତ୍ତମାନର ରାଜ୍ୟରେ ଜାତୀୟ କଂଗ୍ରେସର ସ୍ଥିତି ବୋଧହୁଏ ସେହି କାରଣରୁ ତାଙ୍କ ପ୍ରତିଭାକୁ ସଠିକ୍ ଭାବରେ ପ୍ରଶଂସା କରାଯାଇ ନ ଥିବାରୁ ସେ ତାଙ୍କ କଠୋର ପଥରେ ଲାଗି ରହି ପାରିନଥିଲେ । ଭାରତ ଇତିହାସରେସେ ଅବିସ୍ମରଣୀୟ ରହିବେ । କେବଳ ରାଜନୈତିକ ଦାର୍ଶନିକ ଦ୍ୱାରା ତାଙ୍କୁ ତାଙ୍କ ଜୀବନର ପରିପ୍ରେକ୍ଷୀରେ ମାପିବା ଠିକ୍ ନିଷ୍ପତ୍ତି ନୁହେଁ... !!!




**ଡକ୍ଟର ଲକ୍ଷ୍ମଣ ସାହୁ**
ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ-୪, ମୋ- ୯୦୪୦ ୧୫୧୪୭୫


# ନିତିନ ନବୀନଙ୍କ ନୂଆ ଦଳ: ଆଗାମୀ ରାଜନୀତିର ବଡ଼ ପରୀକ୍ଷା

ଭାରତୀୟ ରାଜନୀତିରେ ଏକ ବଡ଼ ଦଳର ନୂଆ ଜାତୀୟ ଦଳ ଘୋଷଣା କେବଳ ନେତାଙ୍କ ନାମ ବଦଳାଇବାର ପ୍ରକ୍ରିୟା ନୁହେଁ, ଏହା ଭବିଷ୍ୟତ ରାଜନୀତିର ଦିଗ ନିର୍ଦ୍ଦେଶ କରୁଥିବା ଏକ ଗଭୀର ସଂଗଠନୀୟ ପଦକ୍ଷେପ ମଧ୍ୟ ହୋଇଥାଏ। ଅଗଷ୍ଟ ୧୭, ୨୦୨୬ରେ ଭାରତୀୟ ଜନତା ପାର୍ଟିର ଜାତୀୟ ସଭାପତି ନିତିନ ନବୀନ ଘୋଷଣା କରିଥିବା ନୂଆ ଜାତୀୟ ପଦାଧିକାରୀ ଦଳକୁ ଏହି ବ୍ୟାପକ ପରିପ୍ରେକ୍ଷିତରେ ଦେଖିବା ଦରକାର। ଏହି ଦଳରେ ତେରଜଣ ଜାତୀୟ ଉପସଭାପତି, ଆଠଜଣ ଜାତୀୟ ମହାସଚିବ ଓ ଷୋହଳଜଣ ଜାତୀୟ ସଚିବଙ୍କୁ ସ୍ଥାନ ମିଳିଛି। ଏହା ସହିତ ପୀୟୂଷ ଗୋୟଲଙ୍କୁ ଜାତୀୟ କୋଷାଧ୍ୟକ୍ଷ ଏବଂ ବି.ଏଲ୍. ସନ୍ତୋଷଙ୍କୁ ସଂଗଠନର ଜାତୀୟ ମହାସଚିବ ଭାବେ ଦାୟିତ୍ୱରେ ରଖାଯାଇଛି। ପ୍ରଥମ ଦୃଷ୍ଟିରେ ଏହା ଏକ ପ୍ରଶାସନିକ ଘୋଷଣା ଭଳି ଲାଗିପାରେ, କିନ୍ତୁ ଏହାର ଭିତରେ ଅନେକ ରାଜନୈତିକ ସଙ୍କେତ ଲୁଚିଛି। ସବୁଠାରୁ ପ୍ରଥମ ସଙ୍କେତ ହେଉଛି ଅନୁଭବ ଓ ନୂଆ ଶକ୍ତିକୁ ଏକାଠି କରିବାର ଚେଷ୍ଟା। ବସୁନ୍ଧରା ରାଜେ ସିନ୍ଧିଆ, ରାମ ମାଧବ, ବୈଜୟନ୍ତ ପଣ୍ଡା, ଡି. ପୁରନ୍ଦେଶ୍ୱରୀ, ତୀରଥ ସିଂହ ରାୱତଙ୍କ ଭଳି ଅଭିଜ୍ଞ ନେତାଙ୍କୁ ଜାତୀୟ ଉପସଭାପତି ଭାବେ ରଖାଯାଇଥିବାରୁ ଏହା ସ୍ପଷ୍ଟ ହୁଏ ଯେ ଦଳ ଅଭିଜ୍ଞତାକୁ ପଛକୁ ଠେଲି ନୂଆ ମୁହଁ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିନାହିଁ। ଅନ୍ୟପଟେ ସ୍ମୃତି ଇରାନୀ ଓ ବିପ୍ଲବ କୁମାର ଦେବଙ୍କୁ ଜାତୀୟ ମହାସଚିବ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିବାରୁ ନେତୃତ୍ୱରେ ନୂଆ ଉର୍ଜା ଆଣିବାର ଚେଷ୍ଟା ମଧ୍ୟ ଦେଖାଯାଉଛି। ଏଠାରେ ଆଉ ଏକ ଦିଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣଦଳ ନିଜର ଜାତୀୟ ସଂଗଠନକୁ କେବଳ ଗୋଟିଏ ଅଞ୍ଚଳର ନେତାମାନଙ୍କ ଉପରେ ନିର୍ଭରଶୀଳ କରିନାହିଁ। ଭିନ୍ନ ରାଜ୍ୟ ଓ ଅଞ୍ଚଳର ନେତାମାନଙ୍କୁ ଏକାଠି କରାଯାଇଛି। ଉତ୍ତର ଭାରତରୁ ଦକ୍ଷିଣ, ପଶ୍ଚିମରୁ ପୂର୍ବ ଓ ଉତ୍ତରପୂର୍ବ ପର୍ଯ୍ୟନ୍ତ ବିଭିନ୍ନ ଭୌଗୋଳିକ ପ୍ରତିନିଧିତ୍ୱ ଦେଖାଯାଉଛି। ଏହାର ରାଜନୈତିକ ଅର୍ଥ ସରଳଜାତୀୟ ସଂଗଠନକୁ ଜାତୀୟ ଚରିତ୍ର ଦେବା। ଏକ ଦଳ ଯେତେବେଳେ ଦେଶର ପ୍ରାୟ ପ୍ରତ୍ୟେକ ଭୂଭାଗରେ ନିଜର ଉପସ୍ଥିତିକୁ ସୁଦୃଢ଼ କରିବାକୁ ଚାହେଁ, ସେତେବେଳେ ସ୍ଥାନୀୟ ଅନୁଭବ ଥିବା ନେତାଙ୍କୁ ଜାତୀୟ ଭୂମିକା ଦେବା ଏକ ସ୍ୱାଭାବିକ ସଂଗଠନୀୟ ପଦକ୍ଷେପ। ଏହି ନୂଆ ଦଳରେ ମହିଳା ଓ ଅଳ୍ପସଂଖ୍ୟକ ସମୁଦାୟର ପ୍ରତିନିଧିତ୍ୱ ମଧ୍ୟ ଉଲ୍ଲେଖନୀୟ ବୋଲି ରିପୋର୍ଟ ହୋଇଛି।

ଦଶଜଣ ମହିଳା ଓ ଛଅଜଣ ଅଳ୍ପସଂଖ୍ୟକ ସମୁଦାୟର ନେତାଙ୍କୁ ସ୍ଥାନ ଦିଆଯାଇଥିବା କଥା ରିପୋର୍ଟରେ ଆସିଛି। ଏହାକୁ କେବଳ ପ୍ରତିନିଧିତ୍ୱର ସଂଖ୍ୟା ଭାବେ ନଦେଖି ସଂଗଠନ ଭିତରେ ବିଭିନ୍ନ ସାମାଜିକ ଅନୁଭବକୁ ସାମିଲ କରିବାର ଚେଷ୍ଟା ଭାବେ ମଧ୍ୟ ଦେଖାଯାଇପାରେ। ଗଣତନ୍ତ୍ରରେ ଯେଉଁ ଦଳ ଯେତେ ବଡ଼ ହୁଏ, ତାହାର ସାମାଜିକ ପ୍ରତିନିଧିତ୍ୱର ପ୍ରଶ୍ନ ମଧ୍ୟ ସେତେ ବଡ଼ ହୁଏ। ତେଣୁ ନୂଆ ଦଳର ଗଠନରେ ମହିଳା, ଅଳ୍ପସଂଖ୍ୟକ, ଯୁବ ଓ ବିଭିନ୍ନ ଅଞ୍ଚଳର ନେତାଙ୍କ ଉପସ୍ଥିତି ଏକ ରାଜନୈତିକ ସନ୍ଦେଶ ବହନ କରୁଛି। କିନ୍ତୁ ଏଠାରେ ଏକ କଥା ମନେ ରଖିବା ଦରକାରସଂଗଠନର ଶକ୍ତି କେବଳ ନିଯୁକ୍ତିରେ ପ୍ରମାଣିତ ହୁଏନାହିଁ, କାର୍ଯ୍ୟରେ ପ୍ରମାଣିତ ହୁଏ। ନୂଆ ଦଳର ପ୍ରକୃତ ସଫଳତା ତାହାବେଳେ ଦେଖାଯିବ ଯେତେବେଳେ ଜାତୀୟ ସ୍ତରରେ ନିଆଯାଉଥିବା ନିଷ୍ପତ୍ତି ଗାଁ, ପଞ୍ଚାୟତ, ନଗର ଓ ଜିଲ୍ଲା ସ୍ତରର ସଂଗଠନ ପର୍ଯ୍ୟନ୍ତ ସଠିକ୍ ଭାବରେ ପହଞ୍ଚିବ। ଦଳର କର୍ମୀ ନେତୃତ୍ୱ ସହିତ କେତେ ଯୋଡ଼ିତ ଅନୁଭବ କରୁଛନ୍ତି, ସେଥି ମଧ୍ୟ ଏହି ନୂଆ ଦଳ ପାଇଁ ବଡ଼ ପରୀକ୍ଷା ହେବ। ରାଜନୈତିକ ଦଳର ଶୀର୍ଷ ନେତୃତ୍ୱ ଯେତେ ଶକ୍ତିଶାଳୀ ହେଉ, ତଳସ୍ତରର କର୍ମୀ ଯଦି ନିଷ୍କ୍ରିୟ ହୁଅନ୍ତି, ତେବେ ସଂଗଠନର ଶକ୍ତି କାଗଜରେ ସୀମିତ ରହିଯାଏ। ଏହି କାରଣରୁ ନୂଆ ଦଳ ଘୋଷଣା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂଗଠନୀୟ ଅନୁଭବ, ଉର୍ଜା ଓ ତଳସ୍ତର ସହିତ ସମ୍ପର୍କର ସମନ୍ୱୟକୁ ଗୁରୁତ୍ୱ ଦେଇଥିବା କଥା ଆକାଶବାଣୀ ଓ ଅନ୍ୟ ରିପୋର୍ଟରେ ପ୍ରକାଶ ପାଇଛି। ଏହି ମନ୍ତବ୍ୟର ରାଜନୈତିକ ମହତ୍ତ୍ୱ ହେଉଛିଦଳର ଭବିଷ୍ୟତ ସଂଗଠନ କେବଳ ଦିଲ୍ଲୀକେନ୍ଦ୍ରିକ ନହୋଇ ମାଟି ସହିତ ଯୋଡ଼ିତ ରହିବା ଆବଶ୍ୟକ। ଆଜିର ରାଜନୀତିରେ ଲୋକଙ୍କ ସହିତ ସିଧାସଳଖ ସମ୍ପର୍କ ଏକ ବଡ଼ ସମ୍ପଦ। ଜନସଭା, ସାଧାରଣ ସମ୍ପର୍କ, ସାମାଜିକ ମାଧ୍ୟମ, ସ୍ଥାନୀୟ ସମସ୍ୟା ଉପରେ ତୁରନ୍ତ ପ୍ରତିକ୍ରିୟା ଓ କର୍ମୀଙ୍କ ଅଭିଯୋଗ ଶୁଣିବାଏସବୁ ଏକ ସଂଗଠନକୁ ଜୀବନ୍ତ ରଖେ। ନୂଆ ଦଳରେ ସାମାଜିକ ମାଧ୍ୟମ ଓ ସଂଚାର ବ୍ୟବସ୍ଥାରେ ମଧ୍ୟ ପରିବର୍ତ୍ତନ ଆଣାଯାଇଛି। ଦୀର୍ଘ ସମୟ ଧରି ଦଳର ସୂଚନା ପ୍ରଯୁକ୍ତି ଓ ସାମାଜିକ ମାଧ୍ୟମ କାର୍ଯ୍ୟ ସହିତ ଜଡ଼ିଥିବା ଅମିତ ମାଲବୀୟଙ୍କ ସ୍ଥାନରେ ଦୀପକ ମହସ୍କେଙ୍କୁ ସାମାଜିକ ମାଧ୍ୟମ ସଂଯୋଜକ କରାଯାଇଥିବା ଖବର ମଧ୍ୟ ଆସିଛି। ଏହା ଦେଖାଉଛି ଯେ ଆଧୁନିକ ରାଜନୈତିକ ସଂଚାରକୁ ଦଳ ନୂଆ ଭାବରେ ସଜାଇବାକୁ ଚାହୁଁଛି। ଆଜିର ରାଜନୀତିରେ ଏକ ଖବର କେବଳ ଖବରକାଗଜ କିମ୍ବା ମଞ୍ଚ ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚେନାହିଁଙ୍ଗ କିଛି ମିନିଟ୍‌ରେ ତାହା ଲକ୍ଷଲକ୍ଷ ଲୋକଙ୍କ ହାତରେ ପହଞ୍ଚିପାରେ। ତେଣୁ ସୂଚନା ଓ ସଂଚାର ବ୍ୟବସ୍ଥା ଆଜି ଯେକୌଣସି ରାଜନୈତିକ ସଂଗଠନ ପାଇଁ ମୂଳ ଅସ୍ତ୍ର ସମାନ। କିନ୍ତୁ ଏହା ସହିତ ଦାୟିତ୍ୱ ମଧ୍ୟ ଅଛି। ଭୁଲ ଖବର, ଅପପ୍ରଚାର, କୃତ୍ରିମ ଭାବେ ତିଆରି ଚିତ୍ର କିମ୍ବା ଭିଡିଓ ଏବଂ ଅତିରଞ୍ଜିତ ଦାବି ଲୋକଙ୍କ ଆସ୍ଥାକୁ ନଷ୍ଟ କରିପାରେ। ତେଣୁ ନୂଆ ଦଳ ପାଇଁ ଆଗାମୀ ସଂଚାର ରଣନୀତିରେ ବିଶ୍ୱସନୀୟତା ଓ ତଥ୍ୟର ସତ୍ୟତା ଅତ୍ୟନ୍ତ ଆବଶ୍ୟକ ହେବ। ଏହି ନୂଆ ଦଳରେ ଯୁବ ନେତୃତ୍ୱକୁ ମଧ୍ୟ ଗୁରୁତ୍ୱ ମିଳିଛି। ଯୁବ ମୋର୍ଚ୍ଚାର ନୂଆ ଅଧ୍ୟକ୍ଷ ଭାବେ ଡାକ୍ତର ହେମାଙ୍ଗ ଯୋଶୀଙ୍କୁ ଦାୟିତ୍ୱ ଦିଆଯାଇଥିବା ଆକାଶବାଣୀର ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ନିଯୁକ୍ତିର ଅର୍ଥ ହେଉଛି ଯୁବପିଢ଼ିକୁ କେବଳ ନିର୍ବାଚନୀ ଭିଡ଼ର ଅଂଶ ଭାବେ ନୁହେଁ, ସଂଗଠନୀୟ ନେତୃତ୍ୱର ଅଂଶ ଭାବେ ଦେଖିବାର ପ୍ରୟାସ। ଭାରତର ଯୁବ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏହା ଯେକୌଣସି ଜାତୀୟ ଦଳ ପାଇଁ ଏକ ବଡ଼ ରାଜନୈତିକ ଆବଶ୍ୟକତା। ଯୁବକଙ୍କ ପ୍ରଶ୍ନ ଆଜି କେବଳ ଚାକିରି ନୁହେଁଙ୍ଗ ଶିକ୍ଷା, ଉଦ୍ୟମ, ପ୍ରଯୁକ୍ତି, କୌଶଳ, ନୂଆ ଅର୍ଥନୀତି, ଖେଳ, ସୃଜନଶୀଳତା ଓ ବିଶ୍ୱସ୍ତରୀୟ ସୁଯୋଗ ମଧ୍ୟ ସେମାନଙ୍କ ଚିନ୍ତାର ଅଂଶ। ତେଣୁ ଯୁବ ସଂଗଠନର ନେତୃତ୍ୱ ଯଦି ଏହି ବାସ୍ତବ ପ୍ରଶ୍ନଗୁଡ଼ିକୁ ବୁଝିପାରେ, ତେବେ ତାହାର ପ୍ରଭାବ କେବଳ ନିର୍ବାଚନରେ ସୀମିତ ରହିବ ନାହିଁ। କୃଷକ ମୋର୍ଚ୍ଚା, ମହିଳା ମୋର୍ଚ୍ଚା ଓ ଅନ୍ୟାନ୍ୟ ସଂଗଠନୀୟ ଶାଖାରେ ମଧ୍ୟ ନୂଆ ଦାୟିତ୍ୱ ଘୋଷଣା ହୋଇଛି। ଏହା ଦଳର ସାମାଜିକ ପ୍ରସାରକୁ ସୂଚିତ କରେ। କାରଣ ଭାରତୀୟ ରାଜନୀତିରେ କୌଣସି ଦଳ ଯଦି କୃଷକ, ମହିଳା, ଯୁବକ, ଶ୍ରମିକ, ଛୋଟ ବ୍ୟବସାୟୀ ଓ ବିଭିନ୍ନ ସାମାଜିକ ବର୍ଗ ସହିତ ସ୍ଥାୟୀ ସମ୍ପର୍କ ରଖିବାକୁ ଚାହେଁ, ତେବେ ଏପରି ମୋର୍ଚ୍ଚାଗୁଡ଼ିକର ସକ୍ରିୟତା ଅତ୍ୟନ୍ତ ଜରୁରୀ। ନିତିନ ନବୀନଙ୍କ ପାଇଁ ଆଉ ଏକ ବଡ଼ ପ୍ରଶ୍ନ ହେଉଛି ଆଗାମୀ ନିର୍ବାଚନୀ ଚ୍ୟାଲେଞ୍ଜ। ନୂଆ ଦଳ ଘୋଷଣାର ସମୟ ଆଗାମୀ ବିଭିନ୍ନ ରାଜ୍ୟ ନିର୍ବାଚନ ପୂର୍ବରୁ ହୋଇଥିବାରୁ ଏହାକୁ କେବଳ ସାଧାରଣ ସଂଗଠନୀୟ ପୁନର୍ଗଠନ ଭାବେ ଦେଖିବା କଷ୍ଟକର। ରାଜନୈତିକ ରିପୋର୍ଟଗୁଡ଼ିକ ମଧ୍ୟ ଆଗାମୀ ନିର୍ବାଚନୀ ପ୍ରସ୍ତୁତି ସହିତ ଏହି ପରିବର୍ତ୍ତନକୁ ଯୋଡ଼ିଛନ୍ତି।

ତେବେ ନିର୍ବାଚନ ଜିତିବା ପାଇଁ କେବଳ ଜାତୀୟ ନେତାଙ୍କ ଦଳ ଯଥେଷ୍ଟ ନୁହେଁ। ପ୍ରତ୍ୟେକ ରାଜ୍ୟର ରାଜନୈତିକ ମନୋଭାବ ଭିନ୍ନ। ପ୍ରତ୍ୟେକ ରାଜ୍ୟର ସାମାଜିକ ସମୀକରଣ ଭିନ୍ନ। ପ୍ରତ୍ୟେକ ଅଞ୍ଚଳର ଲୋକଙ୍କ ସମସ୍ୟା ଭିନ୍ନ। ତେଣୁ ଜାତୀୟ ଦଳକୁ ଏକ ମାତ୍ର ସୂତ୍ରରେ ସବୁ ରାଜ୍ୟକୁ ଦେଖିଲେ ଚାଲିବ ନାହିଁ। ନୂଆ ଜାତୀୟ ଦଳର ସଫଳତା ଏଥିରେ ମଧ୍ୟ ନିର୍ଭର କରିବ ଯେ ଏହା ରାଜ୍ୟଗୁଡ଼ିକର ସ୍ୱତନ୍ତ୍ର ରାଜନୈତିକ ବାସ୍ତବତାକୁ କେତେ ସମ୍ମାନ କରୁଛି। ଏଠାରେ ଓଡ଼ିଶାର ପ୍ରସଙ୍ଗ ମଧ୍ୟ ବିଶେଷ ଗୁରୁତ୍ୱ ରଖେ। ବୈଜୟନ୍ତ ପଣ୍ଡାଙ୍କୁ ଜାତୀୟ ଉପସଭାପତି ଭାବେ ରଖାଯାଇଥିବାରୁ ଓଡ଼ିଶାର ଜାତୀୟ ସଂଗଠନୀୟ ପ୍ରତିନିଧିତ୍ୱ ଜାରି ରହିଛି।

ଓଡ଼ିଶାର ରାଜନୀତିରେ ଗତ କିଛି ବର୍ଷରେ ଘଟିଥିବା ପରିବର୍ତ୍ତନ ଦେଶର ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏପରି ସମୟରେ ଜାତୀୟ ସଂଗଠନରେ ଓଡ଼ିଶାର ଜଣେ ପ୍ରଭାବଶାଳୀ ନେତାଙ୍କୁ ଗୁରୁତ୍ୱ ଦିଆଯିବାର ଅର୍ଥ ରାଜ୍ୟ ସଂଗଠନର ଅଭିଜ୍ଞତାକୁ ଜାତୀୟ ସ୍ତରରେ ବ୍ୟବହାର କରିବା ମଧ୍ୟ ହୋଇପାରେ। କିନ୍ତୁ ଓଡ଼ିଶାରେ ଏହାର ପ୍ରକୃତ ପ୍ରଭାବ କେତେ ହେବ, ତାହା ନିର୍ଭର କରିବ ରାଜ୍ୟ ନେତୃତ୍ୱ, ସଂଗଠନ ଓ କେନ୍ଦ୍ରୀୟ ନେତୃତ୍ୱ ମଧ୍ୟରେ ସମନ୍ୱୟ କେତେ ଦୃଢ଼ ରହୁଛି ତାହା ଉପରେ। ଓଡ଼ିଶାରେ ଲୋକଙ୍କ ମୁଖ୍ୟ ପ୍ରଶ୍ନ ହେଉଛି ବିକାଶ, ନିଯୁକ୍ତି, କୃଷି, ଶିଳ୍ପ, ଖଣିଜ ସମ୍ପଦର ସୁବିଚାରିତ ବ୍ୟବହାର, ବନ୍ୟା ଓ ବାତ୍ୟା ପରିଚାଳନା, ଯୁବକଙ୍କ ସୁଯୋଗ, ମହିଳା ସଶକ୍ତୀକରଣ ଏବଂ ସହରୀକରଣର ସମସ୍ୟା। ଏହି ପ୍ରଶ୍ନଗୁଡ଼ିକର ସହଜ ଓ ସ୍ୱଷ୍ଟ ଉତ୍ତର ଦେବାରେ ଯେକୌଣସି ରାଜନୈତିକ ସଂଗଠନର ପ୍ରକୃତ କ୍ଷମତା ପ୍ରମାଣିତ ହୁଏ। ତେଣୁ ନୂଆ ଜାତୀୟ ଦଳର ଘୋଷଣା ଓଡ଼ିଶା ପାଇଁ ମଧ୍ୟ ଏକ ନୂଆ ପର୍ଯ୍ୟାୟର ସଙ୍କେତ ହୋଇପାରେ, ଯଦି ଜାତୀୟ ନେତୃତ୍ୱ ରାଜ୍ୟର ବାସ୍ତବ ସମସ୍ୟାକୁ ନିଜ ରଣନୀତିରେ ଉଚିତ ସ୍ଥାନ ଦିଏ। ଏଠାରେ ନିତିନ ନବୀନଙ୍କ ନିଜସ୍ୱ ନେତୃତ୍ୱ ଶୈଳୀ ମଧ୍ୟ ପରୀକ୍ଷାରେ ପଡ଼ିବ। ଜାତୀୟ ସଭାପତି ଭାବେ ତାଙ୍କ ପାଇଁ ପ୍ରଥମ ଚ୍ୟାଲେଞ୍ଜ ହେଉଛି ଭିନ୍ନ ଭିନ୍ନ ମତ, ଭିନ୍ନ ଅଞ୍ଚଳ ଓ ଭିନ୍ନ ପିଢ଼ିର ନେତାଙ୍କୁ ଏକ ସଂଗଠନୀୟ ଲକ୍ଷ୍ୟରେ ଏକତ୍ର କରିବା। ଦ୍ୱିତୀୟ ଚ୍ୟାଲେଞ୍ଜ ହେଉଛି ଜାତୀୟ ନେତୃତ୍ୱର ନିଷ୍ପତ୍ତିକୁ ରାଜ୍ୟ ସଂଗଠନ ସହିତ ସମନ୍ୱୟ କରିବା। ତୃତୀୟ ଚ୍ୟାଲେଞ୍ଜ ହେଉଛି ନୂଆ ପିଢ଼ିର ଆଶାକୁ ଦଳର ରାଜନୈତିକ ଭାଷାରେ ସ୍ଥାନ ଦେବା। ଚତୁର୍ଥ ଚ୍ୟାଲେଞ୍ଜ ହେଉଛି ଦଳର ସାମାଜିକ ଭିତ୍ତିକୁ ଆହୁରି ବ୍ୟାପକ କରିବା। ପଞ୍ଚମ ଚ୍ୟାଲେଞ୍ଜ ହେଉଛି ନିର୍ବାଚନୀ ରାଜନୀତିରେ ପ୍ରତିଦ୍ୱନ୍ଦ୍ୱୀଙ୍କ ରଣନୀତିକୁ ମୁକାବିଲା କରିବା। ଏହି ପାଞ୍ଚଟି ପ୍ରଶ୍ନର ଉତ୍ତର ନୂଆ ଦଳର କାର୍ଯ୍ୟଶୈଳୀ ଦେବ। ଅନ୍ୟପଟେ ନୂଆ ଦଳରେ କିଛି ପୁରୁଣା ମୁହଁକୁ ରଖିବାର ନିଷ୍ପତ୍ତି ମଧ୍ୟ ଏକ ସଂଗଠନୀୟ ସ୍ଥିରତାର ସଙ୍କେତ। ସୁନୀଲ ବଂସଲ ଓ ବିନୋଦ ତାୱ୍ଡେ ଜାତୀୟ ମହାସଚିବ ଭାବେ ଜାରି ରହିଛନ୍ତି। ଏହାର ଅର୍ଥ ହେଉଛି ନୂଆ ନେତୃତ୍ୱ ସମ୍ପୂର୍ଣ୍ଣ ପୁରୁଣା ଢାଞ୍ଚାକୁ ଭାଙ୍ଗି ନୂଆ ଗଠନ ତିଆରି କରିବା ପରିବର୍ତ୍ତେ ଯେଉଁଠାରେ ଅଭିଜ୍ଞତା ଆବଶ୍ୟକ, ସେଠାରେ ତାହାକୁ ରଖିବାର ପଥ ନେଇଛି। ରାଜନୈତିକ ସଂଗଠନ ପାଇଁ ଏହା ଏକ ବ୍ୟବହାରିକ ପଦକ୍ଷେପ ହୋଇପାରେ। କାରଣ ଅନୁଭବୀ ନେତାମାନେ ନିର୍ବାଚନୀ ମାଟି, ସଂଗଠନୀୟ ସମସ୍ୟା, ରାଜ୍ୟର ରାଜନୈତିକ ସମୀକରଣ ଓ କର୍ମୀ ପରିଚାଳନାର ଅନେକ ଅନୁଭବ ନେଇ ଆସନ୍ତି। ସେହି ଅନୁଭବକୁ ହଠାତ୍ ବାହାର କରିଦେଲେ ସଂଗଠନର ଧାରାବାହିକତା କ୍ଷତିଗ୍ରସ୍ତ ହୋଇପାରେ। ତେଣୁ ନୂଆ ଓ ପୁରୁଣାର ସମନ୍ୱୟ ଏଠାରେ ଏକ ସମ୍ଭାବ୍ୟ ଶକ୍ତି। ସେହିପରି ପୀୟୂଷ ଗୋୟଲଙ୍କୁ ଜାତୀୟ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯିବା ମଧ୍ୟ ସଂଗଠନର ଆର୍ଥିକ ଓ ପ୍ରଶାସନିକ ପରିଚାଳନାକୁ ଅନୁଭବୀ ନେତୃତ୍ୱ ସହିତ ଯୋଡ଼ିବାର ନିଷ୍ପତ୍ତି ଭାବେ ଦେଖାଯାଇପାରେ। ଏହାର ଅନ୍ୟ ଏକ ଦିଗ ହେଉଛି ସଂଗଠନର ଆର୍ଥିକ ଶୃଙ୍ଖଳା। ଏକ ବଡ଼ ଜାତୀୟ ଦଳର କାର୍ଯ୍ୟକଳାପ ପାଇଁ ବିଶାଳ ପ୍ରଶାସନିକ ଓ ସଂଗଠନୀୟ ବ୍ୟବସ୍ଥା ଆବଶ୍ୟକ। ତେଣୁ ଏହି ପଦରେ ଦକ୍ଷ ନେତୃତ୍ୱ ଦେବା ଏକ ସାଧାରଣ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ସଂଗଠନୀୟ ଆବଶ୍ୟକତା। ଏବେ ପ୍ରଶ୍ନ ହେଉଛିଏହି ନୂଆ ଦଳ ଆଗାମୀ ଦିନରେ କେଉଁ ରାଜନୈତିକ ଭାଷା ଗ୍ରହଣ କରିବ ? ଭାରତୀୟ ରାଜନୀତି ଆଜି ଅତ୍ୟନ୍ତ ତୀବ୍ର ପ୍ରତିସ୍ପର୍ଦ୍ଧୀ। ଏକପଟେ ବିକାଶ, ଅର୍ଥନୀତି, ଜାତୀୟ ସୁରକ୍ଷା ଓ ପରିଚୟର ପ୍ରଶ୍ନ ରହିଛି, ଅନ୍ୟପଟେ ରୋଜଗାର, ମୂଲ୍ୟବୃଦ୍ଧି, କୃଷକ, ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ନ୍ୟାୟର ପ୍ରଶ୍ନ ମଧ୍ୟ ସମାନ ଗୁରୁତ୍ୱ ରଖୁଛି। ତେଣୁ ଯେକୌଣସି ଜାତୀୟ ଦଳକୁ ଏହି ସମସ୍ତ ପ୍ରଶ୍ନର ମଧ୍ୟରେ ସନ୍ତୁଳିତ ରାଜନୈତିକ ବାର୍ତ୍ତା ତିଆରି କରିବାକୁ ପଡ଼େ। ନିତିନ ନବୀନଙ୍କ ନୂଆ ଦଳ ପାଇଁ ମଧ୍ୟ ଏହା ଏକ ବଡ଼ ଦାୟିତ୍ୱ। ଯୁବକଙ୍କ ଆଶା, ମଧ୍ୟବର୍ଗର ଚିନ୍ତା, ଗ୍ରାମୀଣ ଭାରତର ଆବଶ୍ୟକତା ଓ ସହରୀ ଭାରତର ନୂଆ ଆକାଂକ୍ଷାକୁ ଏକାଠି ବୁଝିବାକୁ ହେବ।




**ସୌଭାଗ୍ୟ ରଞ୍ଜନ ମହାନ୍ତି**
ମୋ- ୯୪୩୭୯୯୪୩୭୯

## ଚମ୍ପତ ରାୟଙ୍କୁ କ୍ଲିନ୍‌ଚିଟ୍: ପ୍ରସାଦ ଚୋରି ଘଟଣାରେ ଆସିଲା SIT ରିପୋର୍ଟ



ନୂଆଦିଲ୍ଲୀ,୧୮।୮: ଅଯୋଧ୍ୟା ରାମ ମନ୍ଦିରରେ ପ୍ରସାଦ ଚୋରି ଘଟଣାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତ ଦଳ (SIT)ର ଚୂଡ଼ାନ୍ତ ରିପୋର୍ଟ ପ୍ରକାଶ ପାଇଛି। ପୂର୍ବତନ ମହାସଚିବ ଚମ୍ପତ ରାୟ ଏବଂ ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ପୂର୍ବତନ ସଦସ୍ୟ ଅନିଲ ମିଶ୍ରଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ଦେଇଛି। SIT ଉଭୟଙ୍କୁ କ୍ଲିନ ଚିଟ ଦେଇଛି।

SITର ଚୂଡ଼ାନ୍ତ ରିପୋର୍ଟ ପ୍ରଥମେ ୟୁପି ସରକାରଙ୍କୁ ଦିଆଯାଇଥିଲା। ବର୍ତ୍ତମାନ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ହସ୍ତାନ୍ତର କରାଯାଇଛି। ରିପୋର୍ଟରେ ଚମ୍ପତ ରାୟ ଏବଂ ଅନିଲ ମିଶ୍ରଙ୍କୁ ଦୋଷମୁକ୍ତ କରାଯାଇଥିବାବେଳେ ଏହି ମାମଲା ସହିତ ଜଡିତ ୮ ଜଣଙ୍କୁ ଏଥିରେ ଦୋଷୀ ସାବ୍ୟସ୍ତ କରାଯାଇଛି। ରାମ ମନ୍ଦିରରେ ପ୍ରସାଦ ଏବଂ ଦାନ ଚୋରି ସମ୍ପର୍କରେ ବିବାଦ ପରେ ତଦନ୍ତ SITକୁ ନ୍ୟସ୍ତ କରାଯାଇଥିଲା। ଦଳ ଅନେକ ବ୍ୟକ୍ତିଙ୍କୁ ପଚରାଉଚରା କରିଥିଲା ଏବଂ ଉପଲବ୍ଧ ପ୍ରମାଣ ଯାଞ୍ଚ କରିଥିଲା। ଚୂଡ଼ାନ୍ତ ରିପୋର୍ଟରେ ଏହି ଘଟଣାର ଦାୟିତ୍ୱ ଚମ୍ପତ ରାୟ କିମ୍ବା ଅନିଲ ମିଶ୍ରା ନୁହଁନ୍ତି ବୋଲି ନିର୍ଣ୍ଣୟ କରାଯାଇଛି। ଏହି ମାମଲାରେ ଭବିଷ୍ୟତର କାର୍ଯ୍ୟପନ୍ଥା SITର ନିଷ୍କର୍ଷ ଉପରେ ଆଧାରିତ ହେବ। ରିପୋର୍ଟରେ ଅଭିନାଶ ଶୁକ୍ଲା, ଅନୁକଳ୍ପ ମିଶ୍ର, ଲାଭକୁଶ ମିଶ୍ର, ମନୀଷ କୁମାର ଯାଦବ, କରୁଣେଶ ପାଣ୍ଡେ, ରାମଶଙ୍କର ମିଶ୍ର, ସୁଭାଷ ଶ୍ରୀବାସ୍ତବ ଏବଂ ରାମଶଙ୍କର ଯାଦବଙ୍କୁ ଅଭିଯୁକ୍ତ ଭାବରେ ଚିହ୍ନଟ କରାଯାଇଛି। ମାମଲାର ତଦନ୍ତ ଆରମ୍ଭ ହେବା ପରେ ଚମ୍ପତ ରାୟ ଏବଂ ଅନିଲ ମିଶ୍ର ସେମାନଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ଏହି ସମୟରେ, ମନ୍ଦିରର ଦାନ ଆତ୍ମସାତ ଅଭିଯୋଗ ପରେ, ଜଣେ ପୂର୍ଣ୍ଣକାଳୀନ ସିଇଓ ନିଯୁକ୍ତି ପାଇଁ ନିଷ୍ପତ୍ତି ନିଆଯାଇଥିଲା ଏବଂ ଆବେଦନ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ରାମ ଜନ୍ମଭୂମି ନ୍ୟାସ ଏହି ପଦବୀ ପାଇଁ ପ୍ରାପ୍ତ ପ୍ରାୟ ୫,୨୦୦ ଆବେଦନ ମଧ୍ୟରୁ ୧୮ ଜଣ ପ୍ରାର୍ଥୀଙ୍କୁ ସଂକ୍ଷିପ୍ତ ତାଲିକାରେ ରଖିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୯ରେ ସୁପ୍ରିମକୋର୍ଟଙ୍କ ରାୟ ପରେ ଚମ୍ପତ ରାୟଙ୍କୁ ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ଭାବରେ ନିଯୁକ୍ତ କରାଯାଇଥିଲା। ଟ୍ରଷ୍ଟରେ ୧୫ ଜଣ ସଦସ୍ୟ ଥିଲେ।

## ତୁର୍କୀ, ସାଉଦି ଆରବ କିମ୍ବା ପାକିସ୍ତାନ ଉପରେ ଆକ୍ରମଣ ହେଲେ ଆମେ ଏକାଠି ଲଢ଼ିବୁ: ଏର୍ଦୋଗାନ

ଅଙ୍କାରା : ପାକିସ୍ତାନ, ସାଉଦି ଆରବ ଓ ତୁର୍କୀ ମଧ୍ୟରେ ହୋଇଥିବା ମକ୍କା ଚୁକ୍ତିନାମାକୁ ନାଟୋର ଧାରା ୫ ସହିତ ତୁଳନା କହିଛନ୍ତି ତୁର୍କୀ ରାଷ୍ଟ୍ରପତି ରେସେପ୍ ତଇପ୍ ଏର୍ଦୋଗାନ। ସେ କହିଛନ୍ତି ଯେ ଚୁକ୍ତିନାମାରେ ସାମିଲ ଥିବା ଗୋଟିଏ ଦେଶ ଉପରେ ଆକ୍ରମଣକୁ ୩ଟି ଉପରେ ଆକ୍ରମଣ ବୋଲି ବିବେଚନା କରାଯିବ। ତେଣୁ, ଯଦି କୌଣସି ସମସ୍ୟା କିମ୍ବା ଆକ୍ରମଣ ହୁଏ, ତେବେ ଏହି ତିନି ଦେଶ ମିଳିତ ଭାବରେ ଆବଶ୍ୟକ ପଦକ୍ଷେପ ନେଇପାରିବେ। ତୁର୍କୀ, ସାଉଦି ଆରବ କିମ୍ବା ପାକିସ୍ତାନ ଉପରେ ଆକ୍ରମଣ ହେଲେ ଆମେ ମିଳିତ ପଦକ୍ଷେପ ନେବୁ। ଏହା ସହ ମକ୍କା ଚୁକ୍ତିରେ ଇଜିପ୍ଟରେ ଯୋଗ ଦେବାର ସମ୍ଭାବନା ରହିଥିବା ସେ କହିଛନ୍ତି। ସେ କହିଛନ୍ତି ଯେ କାଇରୋ ଏହି ମେଣ୍ଟର ଅଂଶ ହୋଇପାରିବ। ଅଲ୍ ଜଜିରା ସହିତ ଏକ ସାକ୍ଷାତକାରରେ ଏର୍ଦୋଗାନ ଇଜିପ୍ଟର ଯୋଗଦେବାକୁ ନେଇ ସେ ସବୁଜ ସଙ୍କେତ ଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାଉଦି ଆରବ-ତୁର୍କୀ-ପାକିସ୍ତାନ ପ୍ରତିରକ୍ଷା ଚୁକ୍ତିନାମାକୁ ଏକ ସାହସିକ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରଥମ ପଦକ୍ଷେପ ବୋଲି କହିଛନ୍ତି। ଟ୍ରମ୍ପଙ୍କ ଏହି ମନ୍ତବ୍ୟ ତିନି ରାଷ୍ଟ୍ର ମକ୍କା ମିଳିତ ପ୍ରତିରକ୍ଷା ଚୁକ୍ତିନାମାରେ ସ୍ୱାକ୍ଷର କରିବାର ୧୦ ଦିନ ପରେ ଆସିଛି। ଏର୍ଦୋଗାନ, ସାଉଦି ଯୁବରାଜ ମହମ୍ମଦ ବିନ୍ ସଲମାନ ଏବଂ ପାକିସ୍ତାନୀ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଅଗଷ୍ଟ ୭ ତାରିଖରେ ମକ୍କା ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ଏହି ଚୁକ୍ତିନାମା ଅନୁଯାୟୀ, ଯେକୌଣସି ଗୋଟିଏ ସଦସ୍ୟ ଉପରେ ସଶସ୍ତ୍ର ଆକ୍ରମଣକୁ ସମସ୍ତ ତିନି ଜଣଙ୍କ ଉପରେ ଆକ୍ରମଣ ବୋଲି ବିବେଚନା କରାଯିବ। ତୁର୍କୀର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଏହି ଚୁକ୍ତିନାମା ତିନି ଦେଶ ସାମରିକ ସହଯୋଗକୁ ଆହୁରି ବୃଦ୍ଧି କରିବେ। ଯୋଜନାରେ ପ୍ରତିରକ୍ଷା ଏବଂ ବୈଦେଶିକ ମନ୍ତ୍ରୀ ଏବଂ ସାମରିକ ମୁଖ୍ୟଙ୍କ ମଧ୍ୟରେ ବୈଠକ ଏବଂ ସେନା, ନୌସେନା ଓ ବାୟୁସେନାକୁ ନେଇ ମିଳିତ ଅଭ୍ୟାସ ଅନ୍ତର୍ଭୁକ୍ତ ରହିଛି।



ଦେଶଗୁଡ଼ିକ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏବଂ ମାନବହୀନ ବାୟୁ ଯାନ (ଡ୍ରୋନ୍) ସହିତ ଅଭ୍ୟାସ କରିବାକୁ ମଧ୍ୟ ଯୋଜନା କରୁଛନ୍ତି, ଯେତେବେଳେ ସେମାନଙ୍କର ପ୍ରତିରକ୍ଷା ଶିଳ୍ପଗୁଡ଼ିକ ପ୍ରଯୁକ୍ତିବିଦ୍ୟା, ଉତ୍ପାଦନ ଏବଂ ଲଜିଷ୍ଟିକ୍ସ ଉପରେ ଅଧିକ ନିକଟତର ହୋଇ କାମ କରିବେ। ଚୁକ୍ତି ଅନୁଯାୟୀ, ପ୍ରତିରକ୍ଷା ମନ୍ତ୍ରୀ, ବୈଦେଶିକ ମନ୍ତ୍ରୀ, ଜେନେରାଲ ଷ୍ଟାଫ୍ ମୁଖ୍ୟ ଏବଂ ସଶସ୍ତ୍ର ବାହିନୀର କମାଣ୍ଡରମାନଙ୍କୁ ନେଇ ଏକ ରଣନୈତିକ, ରାଜନୈତିକ ଏବଂ ସାମରିକ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ଯୋଜନା କରାଯାଇଛି ଏବଂ ତିନି ଦେଶ ମଧ୍ୟରେ ସମନ୍ୱୟ ସର୍ବୋଚ୍ଚ ସ୍ତରରେ କରାଯିବ। ଏର୍ଦୋଗାନ୍ ହର୍ମୁଜ୍ ପ୍ରଣାଳୀ ଏବଂ ସିରିଆ, ଗାଜା ଓ ଲେବାନନରେ ଚାଲିଥିବା ସଂଘର୍ଷ ସମ୍ପର୍କରେ କହିଥିଲେ ଯେ ଅଙ୍କାରା ପ୍ରଣାଳୀକୁ ପୁଣି ଥରେ ଖୋଲାଯିବା ଉଚିତ୍ କାରଣ ଏହା ବନ୍ଦ ହେବା ଦ୍ୱାରା କାହାରିକୁ ଲାଭ ମିଳିବ ନାହିଁ। ସେ ଆଞ୍ଚଳିକ ସଂଘର୍ଷର ଅନ୍ତ ପାଇଁ ପ୍ରୟାସରେ ମଧ୍ୟସ୍ଥତା କରିବାରେ କାତାରର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିଥିଲେ। ସେ ଆହୁରି କହିଥିଲେ ଯେ ବର୍ତ୍ତମାନର ଅସ୍ଥିରତା ସମୟରେ ତୁର୍କୀ ନିଜର ପଡ଼ୋଶୀମାନଙ୍କୁ ସମର୍ଥନ ଜାରି ରଖିବ। ସିରିଆ ସମ୍ପର୍କରେ ଏର୍ଦୋଗାନ୍ କହିଛନ୍ତି ଯେ ସ୍ଥିରତା ବଜାୟ ରଖିବା ପାଇଁ ତୁର୍କୀ ଯଥାସମ୍ଭବ ଚେଷ୍ଟା କରିବ। ସିରିଆର କୁର୍ଦ୍ଦିସ୍‌ଙ୍କର ଶାନ୍ତି ଏବଂ ସ୍ଥିରତା ପ୍ରତି ଦୃଷ୍ଟି ଦିଆଯିବ। ତୁର୍କୀ ଏହି ଅଞ୍ଚଳର କୁର୍ଦ୍ଦିସ୍ ସମ୍ପ୍ରଦାୟ ସହିତ ସମ୍ପର୍କକୁ ସୁଦୃଢ଼ କରିବା ସହିତ ସେମାନଙ୍କ ଅଧିକାରକୁ ସୁରକ୍ଷା ଦେବ।

## ଛାତ୍ର ଆନ୍ଦୋଳନ ଆଗରେ ମୁଣ୍ଡ ନୂଆଁଇଲେ ରାଜ୍ୟ ସରକାର

ରାଞ୍ଚି: ଝାଡ଼ଖଣ୍ଡରେ ଚାଲିଥିବା ଦୀର୍ଘ ଦିନର ଛାତ୍ର ଆନ୍ଦୋଳନ ଆଗରେ ଶେଷରେ ମୁଣ୍ଡ ନୁଆଁଇଛନ୍ତି ରାଜ୍ୟ ସରକାର। ରାଜ୍ୟର ଅତି ଚର୍ଚ୍ଚିତ ତଥା ପ୍ରତିଷ୍ଠିତ ପରୀକ୍ଷାକୁ ବାତିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ବଡ଼ ଘୋଷଣା କରିଛନ୍ତି। କେବଳ ସିଜିଏଲ୍ ନୁହେଁ, ବରଂ ଟିଡିପିଏଲ୍ ଦ୍ୱାରା ପରିଚାଳିତ ହୋଇଥିବା ସମସ୍ତ ନିଯୁକ୍ତି ପରୀକ୍ଷାକୁ ମଧ୍ୟ ସରକାର ରଦ୍ଦ କରିଦେଇଛନ୍ତି। ଏହି ନିଷ୍ପତ୍ତି ପରେ ରାଜ୍ୟରେ ନିଯୁକ୍ତି ଅପେକ୍ଷାରେ ଥିବା ହଜାର ହଜାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ପ୍ରକାର ଆଶ୍ୱସ୍ତି ଦେଖିବାକୁ ମିଳିଛି।

ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ସ୍ପଷ୍ଟ କରିଛନ୍ତି ଯେ, ଟିଡିପିଏଲ୍ ଅଧୀନରେ ହୋଇଥିବା ସମସ୍ତ ପରୀକ୍ଷା, ପରୀକ୍ଷାଫଳ ଏବଂ ସମ୍ବନ୍ଧିତ ସମସ୍ତ ନିଯୁକ୍ତି ପ୍ରକ୍ରିୟାକୁ ତୁରନ୍ତ ପ୍ରଭାବରୁ ବାତିଲ କରାଯାଇଛି। ସରକାରଙ୍କ ଏହି ପଦକ୍ଷେପ ରାଜ୍ୟରେ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଏଥିସହିତ ୨୦୧୪ ମସିହାରୁ ଝାଡ଼ଖଣ୍ଡରେ ହୋଇଥିବା ସମସ୍ତ ନିଯୁକ୍ତି ପରୀକ୍ଷାରେ ଅନିୟମିତତାକୁ ନେଇ ଯେଉଁ ସବୁ ଅଭିଯୋଗ ଆସିଥିଲା, ସେଗୁଡ଼ିକର ଏବେ ସିଆଇଡି (ଉଓଉ) ତଦନ୍ତ କରିବ। ଏହି ତଦନ୍ତ ପ୍ରକ୍ରିୟାକୁ ଅଧିକ ନିରପେକ୍ଷ ଏବଂ ସ୍ୱଚ୍ଛ କରିବା ପାଇଁ ସରକାର ଜଣେ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ମଧ୍ୟ ଗଠନ କରିବେ।

ଉଲ୍ଲେଖଯୋଗ୍ୟ ଯେ, ଗତ ୨୪ ଦିନ ଧରି ରାଜଧାନୀ ରାଞ୍ଚିରେ ଛାତ୍ରଛାତ୍ରୀମାନେ ନିଯୁକ୍ତି ପରୀକ୍ଷାରେ ସ୍ୱଚ୍ଛତା ଓ ମେଧାବୀଙ୍କ ସ୍ୱାର୍ଥରକ୍ଷା ପାଇଁ ଅହରହ ଆନ୍ଦୋଳନ ଜାରି ରଖିଥିଲେ। ଛାତ୍ରମାନଙ୍କର ଅଭିଯୋଗ ଥିଲା ଯେ ପରୀକ୍ଷା ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହେଉଛି। ଶେଷରେ ଛାତ୍ରଙ୍କ ଏହି ଅଟଳ ଜିଦ୍ ଏବଂ ନ୍ୟାୟିକ ଦାବି ଆଗରେ ସରକାର ନିଜର ପୂର୍ବ ନିଷ୍ପତ୍ତିକୁ ବଦଳାଇବାକୁ ବାଧ୍ୟ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ଛାତ୍ର ସମାଜ ଏକ ବଡ଼ ବିଜୟ ବୋଲି ମାନିନେଇଛି। ଶେଷରେ, ପରବର୍ତ୍ତୀ ସମୟରେ ହେବାକୁ ଥିବା ପରୀକ୍ଷା କିମ୍ବା ନୂଆ ନିଯୁକ୍ତି ବିଜ୍ଞପ୍ତି ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଜାଗ ରହିବାକୁ କୁହାଯାଇଛି। ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ପରୀକ୍ଷା ସମ୍ବନ୍ଧୀୟ ସମସ୍ତ ଅଫିସିଆଲ୍ ସୂଚନା କେବଳ ଝାଡ଼ଖଣ୍ଡ ସରକାରଙ୍କ ଅଫିସିଆଲ୍ ୱେବସାଇଟ୍‌ରେ ହିଁ ପ୍ରକାଶ ପାଇବ। ତେଣୁ ସୋସିଆଲ ମିଡିଆରେ ବୁଲୁଥିବା କୌଣସି ପ୍ରକାର ଗୁଜବକୁ ବିଶ୍ୱାସ ନକରି କେବଳ ଅଫିସିଆଲ୍ ସୂଚନାକୁ ଅନୁସରଣ କରିବା ପାଇଁ ପରୀକ୍ଷାର୍ଥୀଙ୍କୁ ପରାମର୍ଶ ଦିଆଯାଇଛି।

## ଭାରତର ନିର୍ବାଚନ ବ୍ୟବସ୍ଥାକୁ ଟ୍ରମ୍ପଙ୍କ ପ୍ରଶଂସା

### ଆମେରିକାରେ ବାଧ୍ୟତାମୂଳକ ଭୋଟର ପରିଚୟପତ୍ର ପାଇଁ ଦେଲେ ଆହ୍ୱାନ

ୱାଶିଂଟନ: ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ମଙ୍ଗଳବାର ଭାରତର ନିର୍ବାଚନ ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି ଏବଂ ଆମେରିକାରେ ବାଧ୍ୟତାମୂଳକ ଭୋଟର ପରିଚୟପତ୍ର ପାଇଁ ଦୃଢ଼ ସମର୍ଥନ କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ସହ ତାଙ୍କର ସାମ୍ପ୍ରତିକ ଆଲୋଚନାକୁ ଉଲ୍ଲେଖ କରି ସେ କହିଛନ୍ତି ଯେ ଭାରତର ପ୍ରତ୍ୟେକ ଭୋଟରଙ୍କ ପାଖରେ ଏକ ବୈଧ ଫଟୋ ପରିଚୟପତ୍ର ରହିବା ଆବଶ୍ୟକ। ଟ୍ରୁଥ ସୋସିଆଲରେ ପୋଷ୍ଟ କରି ଟ୍ରମ୍ପ ଲେଖିଛନ୍ତି ଯେ ଏହି ମାସର ଆରମ୍ଭରେ, ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ତାଙ୍କ ପ୍ରଶାସନକୁ ପଚାରିଥିଲେ, ବୈଧ ଫଟୋ ପରିଚୟପତ୍ର ବିନା ଆପଣ ଆମେରିକାରେ କିପରି ନିର୍ବାଚନ କରିପାରିବେ ?

ସେ ଆହୁରି କହିଛନ୍ତି ଯେ ଗତ ସାଧାରଣ ନିର୍ବାଚନରେ ଭାରତରେ ୬୪୬ ନିୟୁତ ଭୋଟର ଥିଲେ, କିନ୍ତୁ ଏକ ପ୍ରତିଶତରୁ କମ୍ ଭୋଟର ମେଲ୍ ମାଧ୍ୟମରେ ଭୋଟ ଦେଇଥିଲେ ଏବଂ ପ୍ରତ୍ୟେକ ଭୋଟରଙ୍କ ପାଖରେ ଏକ ବୈଧ ଫଟୋ ପରିଚୟପତ୍ର ରହିବା ଆବଶ୍ୟକ। ରାଷ୍ଟ୍ରପତି ଟ୍ରମ୍ପ କଂଗ୍ରେସକୁ 'ଆମେରିକା ସୁରକ୍ଷା ଆଇନ' ଶୀଘ୍ର ପାସ୍ କରିବାକୁ ଅନୁରୋଧ କରିଛନ୍ତି। ଏହି ବିଲ୍ ଆମେରିକାର ସଂଘୀୟ ନିର୍ବାଚନରେ ନାଗରିକତାର ପ୍ରମାଣ ଏବଂ ଏକ ବୈଧ ପରିଚୟପତ୍ରକୁ ବାଧ୍ୟତାମୂଳକ କରିବା ପାଇଁ ଲକ୍ଷ୍ୟ ରଖିଛି, ଯାହା ଦ୍ୱାରା କେବଳ ଆମେରିକୀୟ ନାଗରିକମାନେ ଭୋଟ ଦେଇପାରିବେ।

ଟ୍ରମ୍ପ ପ୍ରଶାସନ କହିଛି ଯେ ଭାରତର ପରି ଏକ ବ୍ୟବସ୍ଥା ଗ୍ରହଣ କରିବା ଦ୍ୱାରା ନିର୍ବାଚନ ପ୍ରକ୍ରିୟା ଅଧିକ ସୁରକ୍ଷିତ ଏବଂ ସ୍ୱଚ୍ଛ ହେବ। ସେମାନେ ଭାରତର ବିଶାଳ କିନ୍ତୁ ସୁସଂଗଠିତ ନିର୍ବାଚନ ବ୍ୟବସ୍ଥାକୁ ଉଦାହରଣ ଭାବରେ ଉଲ୍ଲେଖ କରିଥିଲେ। ହ୍ୱାଇଟ୍ ହାଉସ୍ କହିଛି ଯେ ଭାରତ ଏବଂ ବ୍ରାଜିଲ ଭଳି ଦେଶ ଭୋଟର ପରିଚୟପତ୍ରକୁ ବାୟୋମେଟ୍ରିକ୍ ଡାଟାବେସ୍ ସହିତ ଲିଙ୍କ୍ କରନ୍ତି, ଯେତେବେଳେ ଆମେରିକା ମୁଖ୍ୟତଃ ନାଗରିକତା ପାଇଁ ଆତ୍ମ-ଘୋଷଣା ଉପରେ ନିର୍ଭର କରେ। ଟ୍ରମ୍ପ ପ୍ରଶାସନ ବିଶ୍ୱାସ କରେ ଯେ କଠୋର ଭୋଟର ପରିଚୟପତ୍ର ଏବଂ ନାଗରିକତା ନିୟମ ନିର୍ବାଚନ ସୁରକ୍ଷାକୁ ସୁଦୃଢ଼ କରିବ।

## ଭିକ୍ଷା ମାଗି ପାରିବେନି ପାକିସ୍ତାନୀ, ହଜ ଯାତ୍ରୀଙ୍କ ପାଇଁ କଡ଼ା ନିର୍ଦ୍ଦେଶ



ଇସଲାମାବାଦ, ୧୮।୮: ପାକିସ୍ତାନ ହଜ ଏବଂ ଉମରା ପାଇଁ ସାଉଦି ଆରବକୁ ଯାଉଥିବା ଏହାର ନାଗରିକମାନଙ୍କୁ ଏକ କଠୋର ଚେତାବନୀ ଜାରି କରିଛି। ପାକିସ୍ତାନୀ ଦୂତାବାସ ଭିକ୍ଷା ମାଗିବା, ଅନଧିକୃତ ପାଣ୍ଠି ସଂଗ୍ରହ ଏବଂ ଭିଜା ନିୟମ ଉଲ୍ଲଂଘନ ବିରୁଦ୍ଧରେ ସତର୍କ କରାଇ ଦେଇଛି, କହିଛି ଯେ ଏପରି କାର୍ଯ୍ୟ ଗିରଫ, ଅଟକ ଏବଂ ନିର୍ବାସନ ହୋଇପାରେ। ସାଉଦି ଆରବରେ ଥିବା ପାକିସ୍ତାନୀ ଦୂତାବାସ ଉମରା ତୀର୍ଥଯାତ୍ରୀ ଏବଂ ଶ୍ରମିକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଜାରି କରିଛି, ସେମାନଙ୍କୁ ସାଉଦି ଆଇନ ଏବଂ ଭିଜା ସର୍ତ୍ତାବଳୀକୁ କଠୋର ଭାବରେ ପାଳନ କରିବାକୁ ଅନୁରୋଧ କରିଛି। ଉଲ୍ଲଂଘନ ଫଳରେ ସାଉଦି କର୍ତ୍ତୃପକ୍ଷ ଗିରଫ, କାରାଦଣ୍ଡ କିମ୍ବା ନିର୍ବାସନ ହୋଇପାରେ। ଦୂତାବାସ ସୋସିଆଲ ମିଡିଆରେ ଏକ ଏଆଇ-ଜେନେରେଟେଡ ଭିଡିଓ ମଧ୍ୟ ଶେୟାର କରିଛି ଯେଉଁଥିରେ ସାଉଦି ଅଧିକାରୀମାନେ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଜେଲକୁ ନେଇଯାଉଥିବା ଦର୍ଶାଯାଇଛି। ଭିଡିଓଟି ପାକିସ୍ତାନରୁ ଆସୁଥିବା ସମସ୍ତ ଉମରା ତୀର୍ଥଯାତ୍ରୀ ଏବଂ ଶ୍ରମିକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ସହିତ କ୍ୟାପସନ କରାଯାଇଛି। ଦୂତାବାସ ଅନୁଯାୟୀ, ସାଉଦି କର୍ତ୍ତୃପକ୍ଷ ମକ୍କା ଏବଂ ମଦିନାରେ ପବିତ୍ର ସ୍ଥଳ ନିକଟରେ ବେଆଇନ ଭାବରେ ଭିକ୍ଷା ମାଗିବା ଏବଂ ଟଙ୍କା ମାଗିବା ସମ୍ପର୍କରେ ଶୂନ୍ୟ-ସହନଶୀଳତା ବା ଜିରୋ ଟଲରାନ୍ସ ନୀତି ଗ୍ରହଣ କରିଛନ୍ତି। ତୀର୍ଥଯାତ୍ରୀମାନଙ୍କୁ ଅବୈଧ ସ୍ଥାନୀୟ ସେବା ବ୍ୟବହାର କରିବାରୁ ଦୂରେଇ ରହିବା ଏବଂ କେବଳ ଆଇନଗତ ମାଧ୍ୟମରେ ଆର୍ଥିକ ସହାୟତା ଲୋଡିବାକୁ ପରାମର୍ଶ ଦିଆଯାଇଛି। ଭିଜା ସର୍ତ୍ତାବଳୀ ଏବଂ ଅବଧିର କଠୋର ପାଳନ ମଧ୍ୟ ବାଧ୍ୟତାମୂଳକ କରାଯାଇଛିଚ୍ଚ ଯାତ୍ରୀମାନଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ ରହିବା କିମ୍ବା ସେମାନଙ୍କ ଭିଜା ବର୍ଗର ପରିସର ବାହାରେ କାର୍ଯ୍ୟକଳାପରେ ସାମିଲ ନ ହେବା ପାଇଁ ପରାମର୍ଶ ଦିଆଯାଇଛି। ଗତ ବର୍ଷ, ମୋଟ ୧,୬୭୩,୨୩୦ ହଜ ଯାତ୍ରୀ ସାଉଦି ଆରବରେ ପହଞ୍ଚିଥିଲେ, ଯେଉଁଥିରୁ ୧,୫୦୬,୫୭୬ ଜଣ ବିଦେଶରୁ ଆସିଥିଲେ।

## ସୋସିଆଲ ମିଡିଆରେ ଶିଶୁ ଶୋଷଣ ବିଷୟବସ୍ତୁକୁ ନେଇ କେନ୍ଦ୍ରର ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ଇଣ୍ଟରନେଟ୍ ମିଡିଆ ପ୍ଲାଟଫର୍ମରେ ଶିଶୁ ଯୌନ ନିର୍ଯାତନା ବିଷୟବସ୍ତୁର ଉପସ୍ଥିତି ଏବଂ ଏପରି ମାମଲା ରିପୋର୍ଟ କରିବାରେ ତ୍ରୁଟି ଉପରେ ସୁପ୍ରିମକୋର୍ଟ ଗମ୍ଭୀର ଚିନ୍ତା ପ୍ରକାଶ କରିଛନ୍ତି। କୋର୍ଟ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଏବଂ ଆଇନ ମନ୍ତ୍ରଣାଳୟଠାରୁ ଜବାବ ମାଗିଛନ୍ତି। ଶିଶୁ ନିର୍ଯାତନା ମାମଲାର ଡିଜିଟାଲ ପ୍ରମାଣ ରିପୋର୍ଟ କରିବା ଏବଂ ସେୟାର କରିବା ପାଇଁ ଏକ କେନ୍ଦ୍ରୀୟ ଅନଲାଇନ୍ ସିଷ୍ଟମ ପ୍ରତିଷ୍ଠା କରିବା ପରାମର୍ଶ ଉପରେ କେନ୍ଦ୍ରକୁ ନିଜର ସ୍ଥିତି ସ୍ପଷ୍ଟ କରିବାକୁ ମଧ୍ୟ କହିଛନ୍ତି। ଜଷ୍ଟିସ ଜେ.ବି. ପାର୍ଦିୱାଲା ଏବଂ କେ.ଭି. ଚନ୍ଦ୍ରନଙ୍କ ଏକ ଖଣ୍ଡପୀଠ ଜଷ୍ଟ ରାଇଟ୍‌ସ ଫର୍ ଚିଲ୍‌ଡ୍ରେନ୍ ଆଲାଏନ୍‌ସ ଏବଂ ବଚପନ ବଚାଓ ଆନ୍ଦୋଳନ ଦ୍ୱାରା ଦାଖଲ କରାଯାଇଥିବା ଆବେଦନଗୁଡ଼ିକର ଶୁଣାଣି କରୁଥିଲେ।



ଆବେଦନଗୁଡ଼ିକରେ ଅଭିଯୋଗ କରାଯାଇଛି ଯେ ଅନେକ ଇଣ୍ଟରନେଟ୍ ମିଡିଆ ପ୍ଲାଟଫର୍ମ ଚଙ୍ଗଉଝଙ୍ଗ ଆଇନ ଅନୁଯାୟୀ ବାଧ୍ୟତାମୂଳକ ରିପୋର୍ଟିଂ ଆବଶ୍ୟକତା ପାଳନ କରୁନାହାଁନ୍ତି। ଏହା ବ୍ୟତୀତ ଏହି ପ୍ଲାଟଫର୍ମଗୁଡ଼ିକରେ ଶିଶୁ ଯୌନ ନିର୍ଯାତନା ଏବଂ ଶୋଷଣକୁ ଚିତ୍ରଣ କରୁଥିବା ବିଷୟବସ୍ତୁକୁ ପ୍ରୋତ୍ସାହିତ କରୁଥିବା ଦେୟଯୁକ୍ତ ବିଜ୍ଞାପନ ପ୍ରଦର୍ଶିତ ହୋଇଛି।

ସୁପ୍ରିମକୋର୍ଟ ସେପ୍ଟେମ୍ବର ୨୪ ପାଇଁ ପରବର୍ତ୍ତୀ ଶୁଣାଣି ସ୍ଥିର କରିବା ସମୟରେ କେନ୍ଦ୍ରକୁ ଏହା ମଧ୍ୟ ପଚାରିଥିଲେ ଯେ ଏକ କେନ୍ଦ୍ରୀୟ ଅନଲାଇନ୍ ସିଷ୍ଟମ ସୃଷ୍ଟି କରାଯାଇପାରିବ କି ଯାହା ମାଧ୍ୟମରେ ଇଣ୍ଟରନେଟ୍ ମିଡିଆ କମ୍ପାନୀଗୁଡ଼ିକ ସିଧାସଳଖ ଭାରତୀୟ ଆଇନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକୁ ଶିଶୁ ଶୋଷଣ ମାମଲା ରିପୋର୍ଟ କରିପାରିବେ ଏବଂ ଡିଜିଟାଲ ପ୍ରମାଣ ସେୟାର କରିପାରିବେ।

ଆବେଦନକାରୀମାନେ କହିଛନ୍ତି ଯେ ବର୍ତ୍ତମାନ ଅନେକ ପ୍ଲାଟଫର୍ମ ଏପରି ମାମଲାଗୁଡ଼ିକୁ ଆମେରିକା ସ୍ଥିତ ନ୍ୟାସନାଲ ସେଣ୍ଟର ଫର ମିସିଂ ଆଣ୍ଡ ଏକ୍ସପ୍ଲୋଇଟେଡ୍ ଚିଲଡ୍ରେନ୍‌କୁ ରିପୋର୍ଟ କରନ୍ତି, କିନ୍ତୁ ପୋକ୍ସୋ ଆଇନ ଅନୁଯାୟୀ ସେଗୁଡ଼ିକୁ ସିଧାସଳଖ ସ୍ପେଶାଲ୍ ଜୁଭେନାଇଲ୍ ପୋଲିସ ୟୁନିଟ୍ କିମ୍ବା ସ୍ଥାନୀୟ ପୋଲିସକୁ ରିପୋର୍ଟ କରନ୍ତି ନାହିଁ।

ଏହି ଆବେଦନରେ ସମସ୍ତ ଇଣ୍ଟରନେଟ୍ ମିଡିଆ ପ୍ଲାଟଫର୍ମ ପାଇଁ ଚିହ୍ନଟ, ରିପୋର୍ଟିଂ, ଡିଜିଟାଲ୍ ପ୍ରମାଣ ସଂରକ୍ଷଣ ଏବଂ ଏପରି ମାମଲାରେ ଆଇପି ବିବରଣୀ ଅଂଶୀଦାର କରିବା ପାଇଁ ଏକ ସମାନ ମାନକ କାର୍ଯ୍ୟ ପ୍ରକ୍ରିୟା କାର୍ଯ୍ୟକାରୀ କରିବାକୁ ମଧ୍ୟ କୁହାଯାଇଛି। ସୁପ୍ରିମକୋର୍ଟ ମନେ ପକାଇ ଦେଇଛନ୍ତି ଯେ ୨୦୨୪ ମସିହାରେ, ଏହା ସ୍ପଷ୍ଟ କରିଥିଲା ଯେ ଯଦି ଜଣେ ମଧ୍ୟସ୍ଥି ଚଙ୍ଗଉଝଙ୍ଗ ଅଧୀନରେ ବାଧ୍ୟତାମୂଳକ ରିପୋର୍ଟିଂ ଦାୟିତ୍ୱ ପାଳନ କରନ୍ତି ନାହିଁ, ତେବେ ସେ ସୂଚନା ପ୍ରଯୁକ୍ତିବିଦ୍ୟା ଆଇନ ଅନୁଯାୟୀ 'ନିରାପଦ ବନ୍ଦର' ସୁରକ୍ଷାର ଲାଭ ହରାଇପାରନ୍ତି। କୋର୍ଟ ଏହା ମଧ୍ୟ କହିଛନ୍ତି ଯେ ପ୍ଲାଟଫର୍ମଗୁଡ଼ିକୁ ନିରାପଦ ବନ୍ଦର ସୁରକ୍ଷା ପାଇଁ ଯୋଗ୍ୟତା ହାସଲ କରିବା ପାଇଁ ଡ୍ୟୁ ଡିଲିଜେନ୍‌ସ ନିୟମ ପାଳନ କରିବାକୁ ପଡିବ। ଏହା ବ୍ୟତୀତ, ଯେକୌଣସି ଆଇନଗତ ଦ୍ୱନ୍ଦ୍ୱରେ ଚଙ୍ଗଉଝଙ୍ଗ ଆଇନ ପ୍ରାଧାନ୍ୟ ପାଇବ। କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଶିଶୁ ପର୍ଣ୍ଣୋଗ୍ରାଫିକୁ ହଟାଇବା କିମ୍ବା ରିପୋର୍ଟ ନକରି ରଖିବା ଏହାକୁ ଆହୁରି ପ୍ରସାରିତ କରିବାର ଉଦ୍ଦେଶ୍ୟ ଭାବରେ ବିବେଚନା କରାଯାଇପାରିବ ଏବଂ ଆଇନ ଅନୁଯାୟୀ ଏକ ଅପରାଧ ହେବ।

## ଗ୍ୱାଲିୟରରେ ଟ୍ରକ୍ ଏବଂ ଡମ୍ପର ଧକ୍କାରେ ୮ ଜଣ ଶ୍ରମିକଙ୍କ ମୃତ୍ୟୁ, ୨୦ରୁ ଊର୍ଦ୍ଧ୍ୱ ଗୁରୁତର

ଭିଣ୍ଡ: ମଧ୍ୟପ୍ରଦେଶର ଗ୍ୱାଲିୟରରେ ଏକ ବଡ଼ଧରଣର ଦୁର୍ଘଟଣା ଘଟିଛି। ସୋମବାର-ମଙ୍ଗଳବାର ରାତିରେ ଭିଣ୍ଡ-ଗ୍ୱାଲିୟର ୭୧୯ ନମ୍ବର ଜାତୀୟ ରାଜପଥରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଶ୍ରମିକମାନଙ୍କୁ ନେଇ ଯାଉଥିବା ଏକ ଦ୍ରୁତଗାମୀ ପିକଅପ୍ ଟ୍ରକ୍ ଛିମକା ଗାଁ ନିକଟରେ ସାମ୍ନାପଟୁ ଆସୁଥିବା ଏକ ଡମ୍ପ ଟ୍ରକ୍ ସହିତ ଧକ୍କା ହୋଇଥିଲା। ଏଥିରେ ଆଠ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି ଏବଂ ୩୨ ଜଣ ଆହତ ହୋଇଛନ୍ତି। ପୋଲିସ ଅନୁଯାୟୀ ଦୁର୍ଘଟଣାଟି ରାତି ପ୍ରାୟ ୧ଟା ସମୟରେ ଘଟିଛି। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ରାଜପଥରେ ଛିଡ଼ା ହୋଇଥିବା ଏକ ଗାଈ ପଲକୁ ବଞ୍ଚାଇବାକୁ ଯାଇ ଏହି ଦୁର୍ଘଟଣା ଘଟିଥିଲା। ପିକଅପ୍‌ରେ ଥିବା ସମସ୍ତ ଶ୍ରମିକ ଉତ୍ତର ପ୍ରଦେଶର ଲଖିମପୁର ଖେରି ଜିଲ୍ଲାର ବାସିନ୍ଦା। ସେମାନେ ଧାନ ବିକ୍ରୟ କାମ କରିବାକୁ ଆସିଥିଲେ ଏବଂ କାମ ସାରି ଘରକୁ ଫେରୁଥିଲେ। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଗୋହାଡ ଚୌରାହା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଗ୍ରାମବାସୀଙ୍କ ସହାୟତାରେ ଆହତମାନଙ୍କୁ ଗୋହାଡ ହସ୍ପିଟାଲକୁ ନିଆଯାଇଥିଲା। ଗୁରୁତର ଅବସ୍ଥାରେ ଥିବା ଲୋକଙ୍କୁ ଗ୍ୱାଲିୟରକୁ ରେଫର କରାଯାଇଛି। ମୃତକଙ୍କ ମୃତଦେହ ଶବ ସଂରକ୍ଷଣ ଗୃହରେ ରଖାଯାଇଛି ଏବଂ ସେମାନଙ୍କ ଚିହ୍ନଟ କରାଯାଉଛି।

## ପ୍ରାଇଭେଟ ପାର୍ଟ ବିକ୍ରି କଲେ ମିଳିବ ୧.୨୦ କୋଟି ! ରିଲ୍ସ ଦେଖି ନାବାଳକଙ୍କ ସହ ଭୟଙ୍କର କାଣ୍ଡ

ଭୋପାଳ,୧୮।୮: ଭୋପାଳରେ ଛୋଟା ତାଳାବ କୂଳରୁ ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲା। ଏହାପରେ ପୋଲିସ ମୃତ ଯୁବକଙ୍କ ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିଲା। ଧୋବି ଘାଟରୁ ମିଳିଥିବା ୧୬ ବର୍ଷୀୟ କିଶୋରଙ୍କ ମୃତଦେହ ମାମଲା ୧୧ ଦିନ ମଧ୍ୟରେ ସମାଧାନ ହୋଇଛି। ଏହି ମାମଲାରେ ପୋଲିସ ଏକ ବଡ଼ ଖୁଲାସା କରିଛି, ଯାହା ସମସ୍ତଙ୍କୁ ଚକିତ କରିଦେଇଛି। ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ ଏକ ରିଲରେ ଦେଖିଥିଲେ ଯେ ଶରୀରର ପ୍ରାଇଭେଟ ପାର୍ଟ ବିକ୍ରି କଲେ ୧.୨୦ କୋଟି ଟଙ୍କା ମିଳିଥାଏ। ଏହି ରିଲରୁ ପ୍ରଭାବିତ ହୋଇ ଅଭିଯୁକ୍ତମାନେ ରେହାନଙ୍କ ହତ୍ୟା କରିଥିଲେ।

ସୂଚନା ଅନୁଯାୟୀ, ରେହାନ ଅଞ୍ଚଳରେ ପେନ ଏବଂ ଚାବିରିଙ୍ଗ ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ। ଅଭିଯୁକ୍ତମାନେ କିଶୋରଙ୍କୁ ହତ୍ୟା କରିବା ପରେ ତାଙ୍କ ଶରୀରରୁ ଗୁପ୍ତାଙ୍ଗ ବାହାର କରି ବିକ୍ରି କରିବାକୁ ଚେଷ୍ଟା କରିଥିଲେ। ତେବେ ଏହି ଡିଲ ସଫଳ ହୋଇପାରିନଥିଲା। ଏହି ମାମଲାରେ ପୋଲିସ ଦୁଇ ଅଭିଯୁକ୍ତ ୧୮ ବର୍ଷୀୟ ଆମିର କୁରେଶୀ ଏବଂ ୨୦ ବର୍ଷୀୟ ଜୋହେବ ଖାନଙ୍କୁ ଗିରଫ କରିଛି।

ରେହାନଙ୍କୁ ଅଗଷ୍ଟ ୬ ତାରିଖରେ ହତ୍ୟା କରାଯାଇଥିଲା ଏବଂ ଚାରି ଦିନ ପରେ, ଅଗଷ୍ଟ ୧୦ ତାରିଖରେ ପ୍ରେମ ମନ୍ଦିର ନିକଟସ୍ଥ ଧୋବି ଘାଟରୁ ତାଙ୍କ ମୃତଦେହ ମିଳିଥିଲା। ରିପୋର୍ଟ ଅନୁଯାୟୀ, ପୋଷ୍ଟମର୍ଟମରେ ପେଟ ଓ ଗୋଡ଼ରେ ଗୁରୁତର ଆଘାତ ଯୋଗୁ ହତ୍ୟା ହୋଇଥିବା ନିଶ୍ଚିତ ହୋଇଥିଲା। ରେହାନଙ୍କ ଗୁପ୍ତାଙ୍ଗ ନଥିବା ଜଣାପଡ଼ିଥିଲା। ମୃତଦେହର ପରିଚୟ ମଧ୍ୟ ହୋଇପାରୁନଥିଲା। ପରେ ତାଙ୍କ ମା' ହାତରେ ଥିବା 'ଏସ୍କେ ଶଙ୍କର' ଟାଟୁ ଦେଖି ନିଜ ପୁଅଙ୍କୁ ଚିହ୍ନଟ କରିଥିଲେ।

ଅଭିଯୁକ୍ତମାନେ ରେହାନଙ୍କୁ ହତ୍ୟା କରିବା ପରେ ଗୁପ୍ତାଙ୍ଗଗୁଡ଼ିକୁ ଅଲଗା କରି ଏକ ପ୍ଲାଷ୍ଟିକ ବ୍ୟାଗରେ ରଖିଥିଲେ। ଜୋହେବ ସେଗୁଡ଼ିକୁ ବିକ୍ରି କରିବାରେ ସଫଳ ହୋଇପାରିନଥିଲା। ପରେ ସେଗୁଡ଼ିକ ଅଭିଯୁକ୍ତମାନଙ୍କୁ ଫେରାଇ ଦିଆଯାଇଥିଲା ଏବଂ କିଛି ଦିନ ପରେ ସେଗୁଡ଼ିକୁ ତାଳାବରେ ଫିଙ୍ଗି ଦିଆଯାଇଥିଲା। ନିଜକୁ ମେଡିକାଲ ଛାତ୍ର ବୋଲି ପରିଚୟ ଦେଉଥିବା ଅଭିଯୁକ୍ତ ଜୋହେବଙ୍କୁ ପାକିସ୍ତାନ-ସାଉଦି ସମ୍ପର୍କିତ ଏକ ରିଲ ଦେଖାଇଥିଲେ। ଏଥିରେ ପ୍ରାଇଭେଟ ପାର୍ଟ ବିକ୍ରି କଲେ ବହୁତ ଟଙ୍କା ମିଳିବ ବୋଲି କୁହାଯାଇଥିଲା। ଏହାପରେ ରେହାନଙ୍କୁ ୧୦୦ ଟଙ୍କାର ଲୋଭ ଦେଖାଇ ତାଙ୍କ ସହ ନେଇଯାଇଥିଲେ ଏବଂ ପରେ ତାଙ୍କୁ ହତ୍ୟା କରିଥିଲେ। ଏହି କଥିତ ଷଡ଼ଯନ୍ତ୍ରରେ ଆଉ କେଉଁମାନେ ସାମିଲ ଥିଲେ, ସେନେଇ ପୋଲିସ ବର୍ତ୍ତମାନ ତଦନ୍ତ ଜାରି ରଖିଛି।

## କେରଳ ହେଲା କେରଳମ୍, ନାମ ପରିବର୍ତ୍ତନ ବିଲ୍‌କୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ



ନୂଆଦିଲ୍ଲୀ : କେରଳ ନାମ ପରିବର୍ତ୍ତନ ବିଲକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଞ୍ଜୁରୀ ଦେଇଛନ୍ତି। ଏଥି ସହିତ ଏହା ଆଇନରେ ପରିଣତ ହୋଇଛି। ଏଥର କେରଳକୁ 'କେରଳମ୍' କୁହାଯିବ। ଗତ ୧୧ ତାରିଖରେ କେରଳ ନାମ ପରିବର୍ତ୍ତନ ବିଲ୍ ଲୋକସଭାରେ ଗୃହୀତ ହୋଇଥିଲା। ଏହା ଦିନକ ପରେ ରାଜ୍ୟସଭାରେ ବିଲକୁ ଅନୁମୋଦନ ମିଳିଥିଲା। ପରେ ଏହାକୁ ରାଷ୍ଟ୍ରପତିଙ୍କ ମଞ୍ଜୁରି ପାଇଁ ପଠା ଯାଇଥିଲା। ଦୀର୍ଘ ଦିନ ହେଲା କେରଳ ନାମ ପରିବର୍ତ୍ତନ ପାଇଁ ଦାବି ହୋଇ ଆସୁଥିଲା। ୨୦୨୪ ଜୁନରେ ଏ ନେଇ କେରଳ ବିଧାନସଭାରେ ଏକ ସଙ୍କଳ୍ପ ପାରିତ ହୋଇଥିଲା। କେରଳ ବିଧାନସଭା ନିର୍ବାଚନ ପୂର୍ବରୁ ଗତ ଫେବୃଆରୀରେ କେନ୍ଦ୍ର କ୍ୟାବିନେଟ ଏହାକୁ ମଞ୍ଜୁରୀ ଦେଇଥିଲା।



ବୁଧବାର ୧୯।୦୮।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

### ଖବର ଲେଖି ଲେଖି ନିରବ ହୋଇଗଲା କଲମ

# ଚାଲିଗଲେ ସାମ୍ବାଦିକ ରାଜକିଶୋର



ନାରାୟଣପାଟଣା ୧୮/୮/ (ଗିରିଧର ଖରା ) ଖବର ଥିଲା ତାଙ୍କ ଜୀବନର ଅଂଶ । ଲୋକଙ୍କ ସମସ୍ୟା, ଦୁଃଖ ଓ ଅଭାବକୁ ସମାଜ ସାମ୍ନାକୁ ଆଣିବା ଥିଲା ତାଙ୍କ ଲକ୍ଷ୍ୟ । କିନ୍ତୁ ଆଜି ସେହି କଲମର ସ୍ୱର ଚିରଦିନ ପାଇଁ ନିରବ ହୋଇଯାଇଛି । ନାରାୟଣପାଟଣା ବ୍ଲକ୍ ର କାର୍ଯ୍ୟରତ ଧରିତ୍ରୀ ଖବରକାଗଜର ପ୍ରତିନିଧି ରାଜକିଶୋର ଜେନା ଆଉ ନାହାନ୍ତି ।କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି । ଦୀର୍ଘଦୀନ ଧରି କିଡନୀ ରୋଗରେ ଆକ୍ରାନ୍ତ ହୋଇ ସେ ଚିକିତ୍ସାଧୀନ ଥିଲେ । ଚିକିତ୍ସା ଚାଲିଥିବା ବେଳେ ଶେଷରେ ଜୀବନ ଯୁଦ୍ଧରେ ହାରିଗଲେ ଏହି ସରଳ, ମିଷ୍ଟଭାଷୀ ଓ କର୍ତ୍ତବ୍ୟନିଷ୍ଠ ସାମ୍ବାଦିକ । ସାମ୍ବାଦିକତା କେବଳ ତାଙ୍କ ପାଇଁ ଏକ ପେଶା ନଥିଲା, ଏହା ଥିଲା ଲୋକଙ୍କ ସ୍ୱରକୁ ଶକ୍ତି ଦେବାର ଏକ ମାଧ୍ୟମ । ଅନେକ ଅବହେଳିତ ଲୋକଙ୍କ ସମସ୍ୟା ତାଙ୍କ କଲମ ମାଧ୍ୟମରେ ଖବର ହୋଇ ପ୍ରଶାସନ ଓ ସମାଜର ଦୃଷ୍ଟି ଆକର୍ଷଣ କରିଥିଲା । ତାଙ୍କ ସହକର୍ମୀ, ବନ୍ଧୁ ଓ ପରିଚିତମାନଙ୍କ ପାଇଁ ତାଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି । ତାଙ୍କୁ ଖୋଜିବ ଖବର ଜଗତ, ଖୋଜିବ ସହକର୍ମୀଙ୍କ ମେଳଣ, ଖୋଜିବ ସେହି ପରିଚିତ କଲମ । କିନ୍ତୁ ଆଉ ଶୁଣିବାକୁ ମିଳିବ ନାହିଁ ତାଙ୍କ ସ୍ୱର, ଦେଖିବାକୁ ମିଳିବ ନାହିଁ ତାଙ୍କ ସେହି ପରିଚିତ ହସ ।ତାଙ୍କ ମୃତ୍ୟୁରେ ସାମ୍ବାଦିକ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି । ଅନେକେ ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ରାଜକିଶୋର ଜେନା ଚାଲିଗଲେ, କିନ୍ତୁ ତାଙ୍କ କଲମରେ ଉଠିଥିବା ଲୋକଙ୍କ ସ୍ୱର ଓ ତାଙ୍କ ସ୍ମୃତି ସବୁଦିନ ପାଇଁ ବଞ୍ଚି ରହିବ । ତାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ।

## 'ଗ୍ରୀନ୍ ଲିଗେସି ମିଶନ୍-୨୦୨୬' ଅନ୍ତର୍ଗତ ଫଳଦାୟୀ ଚାରା ବଣ୍ଟନ

କଟକ ସଦର (୧୮/୮(ଅକ୍ଷର ଓଡିଶା ): ପରିବେଶ ସୁରକ୍ଷା ଓ ସବୁଜ ଭବିଷ୍ୟତ ଗଠନର ଲକ୍ଷ୍ୟ ନେଇ 'ଗ୍ରୀନ୍ ଲିଗେସି ମିଶନ୍୨୦୨୬' ଅନ୍ତର୍ଗତ ପୂର୍ବ ରେଳର ଆସାନସୋଲ ମଣ୍ଡଳ ଅଧୀନସ୍ଥ ମେମୁ ସେଡ୍‌ରେ କର୍ମଚାରୀମାନଙ୍କ ମଧ୍ୟରେ ଫଳଦାୟୀ ଚାରା ବଣ୍ଟନ କରାଯାଇଛି ।ଆସାନସୋଲ ରେଳ ମଣ୍ଡଳର ପରିବେଶ ଓ ଗୃହରକ୍ଷଣ ପରିଚାଳନା ବିଭାଗ ପକ୍ଷରୁ ଆୟୋଜିତ ଏହି ସବୁଜ ପଦକ୍ଷେପରେ ଆସାନସୋଲ ମେମୁ ସେଡ୍‌ର ସହକାରୀ ମଣ୍ଡଳ ଯାନ୍ତ୍ରିକ ଅଭିଯନ୍ତା ପରିବେଶବିତ୍ ତଥା ସମାଜସେବୀ ଇଂ ଉତ୍ତମ କୁମାର ପଟ୍ଟାୟତ କର୍ମଚାରୀମାନଙ୍କ ମଧ୍ୟରେ ଚାରା ବଣ୍ଟନ କରିଥିଲେ । ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ କେବଳ ବୃକ୍ଷରୋପଣରେ ସୀମିତ ନ ରହି, ପ୍ରତ୍ୟେକ କର୍ମଚାରୀଙ୍କ ମଧ୍ୟରେ ପରିବେଶ ସୁରକ୍ଷା ପ୍ରତି ସଚେତନତା ଓ ବ୍ୟକ୍ତିଗତ ଦାୟିତ୍ୱବୋଧ ସୃଷ୍ଟି କରିବା ଯାହାର ସ୍ଲୋଗାନ 'ଆଜି ଗଛଟିଏ ଲଗାନ୍ତୁ,ଆସନ୍ତା କାଲିକୁ ସୁରକ୍ଷିତ କରନ୍ତୁ' ।

## ତାଡ଼ି ସହ ବାଇକ୍ ଜବତ, ୨ ଗିରଫ

ସିନାପାଲି -୧୮/୦୮(ଅକ୍ଷର ଓଡିଶା ) ନୂଆପଡ଼ା ଜିଲ୍ଲା ସିନାପାଲି ଅବକାରୀ ଥାନା ପକ୍ଷରୁ ଅବୈଧ ତାଡ଼ି କାରବାର ବିରୋଧରେ ଚଢ଼ଉ କରାଯାଇ ୩୫୦ ଲିଟର ତାଡ଼ି ଓ ଗୋଟିଏ ବାଇକ୍ ଜବତ କରାଯାଇଛି । ଏହି ଘଟଣାରେ ଦୁଇଜଣଙ୍କୁ ଅବକାରୀ ବିଭାଗ ଗିରଫ କରିଛି ।ସୂଚନା ଅନୁସାରେ, ତେଲେଙ୍ଗାନା ରାଜ୍ୟର ବଦଲାକୋଣ୍ଡା ଉଗେଦର ସିନାପାଲି ଥାନା ଅନ୍ତର୍ଗତ ବଡ଼ ଦର୍ଲିପଡ଼ା ଅଞ୍ଚଳରେ ଅବୈଧ ତାଡ଼ି କାରବାର କରୁଥିବା ବେଳେ ଛତିଶଗଡ଼ ରାଜ୍ୟର ପୁଟ୍ଟା ନାଗେଶ ନୂଆମାଲପଡ଼ା କୋଇଲାଖଲା ଅଞ୍ଚଳରେ ତାଡ଼ି କାରବାର କରୁଥିବା ଅଭିଯୋଗ ହୋଇଥିଲା ।ଏହି ଖବର ପାଇ ଅବକାରୀ ଅଧିକାରୀ ମଙ୍ଗଳ ଛତ୍ରିଆଙ୍କ ନେତୃତ୍ୱରେ ଏକ ଟିମ୍ ଉଭୟ ସ୍ଥାନରେ ଚଢ଼ଉ କରିଥିଲେ । ଚଢ଼ଉ ସମୟରେ ବଦଲାକୋଣ୍ଡା ନିକଟରୁ ୫୦ ଲିଟର ଏବଂ ପୁଟ୍ଟାଙ୍କ ନିକଟରୁ ୩୦୦ ଲିଟର, ମୋଟ ୩୫୦ ଲିଟର ତାଡ଼ି ଜବତ କରାଯାଇଥିଲା । ଏଥିସହ ଗୋଟିଏ ବାଇକ୍ ମଧ୍ୟ ଜବତ କରାଯାଇଛି ।ଘଟଣା ସମ୍ପର୍କରେ ଅବକାରୀ ବିଭାଗ ମାମଲା ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ କୋର୍ଟଚାଲାଣ କରିଛି ।

## ୧୧ ବର୍ଷ ପରେ ବି ଅଧାରେ ଅଟକିଛି ଶ୍ରୀନୀଳମାଧବଙ୍କ ମନ୍ଦିର ଗୃହ ନିର୍ମାଣ କାର୍ଯ୍ୟ



କଣ୍ଟିଲୋ, ୧୮/୮ (ଅକ୍ଷର ଓଡ଼ିଶା) ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ତଥା ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଗଣିତ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋ ଅଞ୍ଚଳର ସାମଗ୍ରିକ ଦିଗରେ ରାଜ୍ୟ ସରକାର, ପର୍ଯ୍ୟଟନ ବିଭାଗ, ଦେବୋତ୍ତର ବିଭାଗ, ଜିଲ୍ଲାପ୍ରଶାସନ ଓ ସର୍ବୋପରି ସ୍ଥାନୀୟ ଲୋକ ପ୍ରତିନିଧିମାନେ ଯେତିକି ଧ୍ୟାନ ଦେବା କଥା ସେତିକି ଦେଉ ନଥିବା ଅଭିଯୋଗ ହେଉଛି । ଫଳରେ ମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ପରି ଏକାଧିକ ଉନ୍ନୟନମୂଳକ କାର୍ଯ୍ୟ ବର୍ଷ ବର୍ଷ ଧରି ଅଧାରେ ଅଟକିଥିବା ଜଣାପଡିଛି । ଦୀର୍ଘ ୧୧ ବର୍ଷରୁ ଉର୍ଦ୍ଧର ସମୟ ବିତି ଯାଇଥିଲେ ହେଁ ଶ୍ରୀନୀଳମାଧବଜୀଉଙ୍କ ମନ୍ଦିର କାର୍ଯ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ଶେଷ ନହୋଇ ଅଧାରେ ଅଟକି ଥିବା ପରିଲକ୍ଷିତ ହେଉଛି । ଉକ୍ତ କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ୪୨ ଲକ୍ଷ ୬୭ ହଜାର ଟଙ୍କା ତତ୍କାଳୀନ ରାଜ୍ୟ ସରକାର ମଞ୍ଜୁର କରିବା ପରେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ମାତ୍ର ପ୍ରଶାସନିକ ସ୍ଥାଣୁତା ଯୋଗୁଁ କାର୍ଯ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ଏବେ ଅଧାରେ ଅଟକିଥିବା ଜଣାପଡିଛି । ନୟାଗଡ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସମୟରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଗଣ, ମାଳ ମାଳ ମନ୍ତ୍ରୀ ଓ ବିଧାୟକ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ରକୁ ପରିଦର୍ଶନରେ ଆସୁଥିଲେ ହେଁ ମନ୍ଦିର ପାର୍ଶ୍ୱରେ ଅଧାପନ୍ତରିଆ ଅବସ୍ଥାରେ ଦଣ୍ଡାୟମାନ ଏହି କାର୍ଯ୍ୟାଳୟ ଗୃହ ପ୍ରତି କେହି ହେଲେ ଧ୍ୟାନ ନଦେବା ଦୁଃଖର ବିଷୟ ବୋଲି ଅଞ୍ଚଳବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି । ତେବେ ବିଳମ୍ବରେ ହେଉ ପଛେ ଅଧାରେ ଅଟକିଥିବା ଉକ୍ତ କାର୍ଯ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ତୁରନ୍ତ ପୂର୍ଣ୍ଣାଙ୍ଗ କରିବା ଦିଗରେ ଖଣ୍ଡପଡ଼ା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ,ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ନୟାଗଡ ଜିଲ୍ଲାପାଳ,ଖଣ୍ଡପଡ଼ା ବିଧାୟକ ଓ କଟକ ଲୋକସଭା ସାଂସଦ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ଓ କଣ୍ଟିଲୋ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

### ସାରସମାଲ ନାଏକପଡ଼ା ଠାରୁ ନୂଆବନ୍ଦପଡ଼ା ରାସ୍ତା ଶୋଚନୀୟ

# ପ୍ରଶାସନର ଦୃଷ୍ଟି ପଡିବ କେବେ ?

କୋକସରା, ୧୮/୦୮ (ମଙ୍ଗରାଜ ବେହେରା ) : ପଡା କୁ ଯିବାପାଇଁ ସବୁ ଦିନିଆ ଭଲ ରାସ୍ତା ନ ଥିବାରୁ ଅନେକ ଅସୁବିଧାର ସମ୍ମୁଖୀନ ହୋଉଛନ୍ତି କୋକସରା ବ୍ଲକ ଉହଗାଁ ପଞ୍ଚାୟତ ଅଧୀନ ସାରସମାଲ ଗ୍ରାମର ନାଏକପଡ଼ାଠାରୁ ନୂଆବନ୍ଦପଡ଼ାକୁ ଯାଇଥିବା ରାସ୍ତାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡ଼ିଛି । ପଡ଼ାକୁ ଯିବାପାଇଁ ନାଏକପଡା ଠାରୁ ପ୍ରାୟ ପାଞ୍ଚସହ ମିଟରରୁ ଉର୍ଦ୍ଧ ରାସ୍ତା ଖାଲଖମାରେ ଭର୍ତି ହୋଇ ବର୍ଷା ହେଲେ ଏହି ରାସ୍ତା କାଦୁଅରେ ପଚପଚ ହୋଇଯାଉଥିବାରୁ ଲୋକଙ୍କ ଯାତାୟାତ ପ୍ରାୟ ଦୁର୍ବିସହ ହୋଇପଡୁଛି । ଫଳରେ ଦୁଇ ଚକିଆ କିମ୍ବା ଚାରି ଚକିଆ ଗାଡି ଯିବା ତ ଦୂରର କଥା କଷ୍ଟେ ମଷ୍ଟେ ଲୋକେ ପାଦ ଚଲାରେ ଯା'ଆସ କରିଥାନ୍ତି ଦୀର୍ଘ ବର୍ଷ ଧରି ଏହି ରାସ୍ତାର ଉନ୍ନତିକରଣ ହୋଇନଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ । ରାସ୍ତାରେ ନା ରହିଛି ସୁବିଧାଜନକ ଚଳାଚଳ ବ୍ୟବସ୍ଥା, ନା ହୋଇଛି ଆବଶ୍ୟକ ମରାମତି । ଫଳରେ



ବର୍ଷା ଦିନେ କାଦୁଅ ଓ ପାଣି ଭିତରେ ଯାତାୟାତ କରିବାକୁ ପଡୁଛି । ଦୈନ୍ୟନ୍ଦୀନ ଛାତ୍ରଛାତ୍ରୀ ସ୍କୁଲ ଓ , କୋମଳ ମତି ଶିଶୁ ଅଙ୍ଗନବାଡି କେନ୍ଦ୍ରକୁ ଯିବା ଆସିବା କରିବା ଓ ଗର୍ବବତୀ ମହିଳାଙ୍କୁ ହସ୍ପିଟାଲ ନେବା,ପଞ୍ଚାୟତରୁ ରାସନ ସାମଗ୍ରୀ ଆଣିବା ସମୟରେ ଲୋକେ ଅନେକ ହଟହଟା ହୋଇଥାନ୍ତି । ପଡାରେ କାହାରି ଯଦି ସ୍ୱାସ୍ଥ୍ୟ ଖରାପ ହୁଏ ତେବେ ଆମ୍ବୁଲାନ୍ସ ମଧ୍ୟ ପଡ଼ାକୁ ଆସି ନ ଥାଏ ଏବଂ ରୋଗୀକୁ ଅଧାବାଟ ଖଟିଆରେ ବୋହି ନେଲା ପରେ ମିଳିଥାଏ ଆମ୍ବୁଲାନ୍ସ ସେବା ତେଣୁ ରାସ୍ତା ସମସ୍ୟାକୁ ନେଇ ପଡାବାସି ବିଭିନ୍ନ ସମୟରେ ନେତା ଓ ପ୍ରଶାସନ କୁ ଜଣାଇ ଆସୁଥିଲେ ମଧ୍ୟ ଏ ଯାବତ କୌଣସି ସୁଫଳ ମିଳୁନାହିଁ ।ପ୍ରତି ବର୍ଷ ବର୍ଷା ଦିନରେ ଏଭଳି ଦୁର୍ଦ୍ଦଶା ଭୋଗୁଛନ୍ତି, ଏଥିପ୍ରତି ପ୍ରଶାସନର ଦୃଷ୍ଟି ନ ପଡ଼ିବାକୁ ନେଇ ପଡାବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ତୁରନ୍ତ ରାସ୍ତାର ମରାମତି ସହ ସ୍ଥାୟୀ ଭାବେ ଉନ୍ନତିକରଣ କରି ଗ୍ରାମବାସୀଙ୍କ ଯାତାୟାତ ସମସ୍ୟା ଦୂର କରିବାକୁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି ।

### ହରିପୁରରେ ସଡ଼କ ଦୁର୍ଘଟଣା

## ୨ ଚାଳକ ଗୁରୁତର

ସିନାପଲ୍ଲୀ, ୧୮/୦୮ (ଅକ୍ଷର ଓଡିଶା) ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଅନ୍ତର୍ଗତ ହରିପୁର ନିକଟରେ ୩୫୩ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣା ଘଟିଛି । ଏକ ସ୍ୱିଫ୍ଟ ଡିଜାୟର କାର୍ ଓ ଏକ ଛୋଟା ହାତୀ ଗାଡ଼ି ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଉଭୟ ଗାଡ଼ିର ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ସ୍ୱିଫ୍ଟ ଡିଜାୟର କାର୍‌ଟି ଖଡ଼ିଆଳର ଜଣେ ଔଷଧ ଦୋକାନୀଙ୍କର ବୋଲି ଜଣାପଡ଼ିଛି । ସେହିପରି ଅନ୍ୟପଟେ ଛୋଟା ହାତୀ ଗାଡ଼ିଟି କଣ୍ଟାବାଞ୍ଜି ଅଞ୍ଚଳର ବୋଲି ସୂଚନା ମିଳିଛି । ଦୁର୍ଘଟଣାରେ କଣ୍ଟାବାଞ୍ଜି ଗାଡ଼ିର ଚାଳକଙ୍କ ଗୋଡ଼ ଭାଙ୍ଗିଯାଇଥିବା ବେଳେ ତାଙ୍କୁ ତୁରନ୍ତ ଉଦ୍ଧାର କରି କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ସ୍ୱିଫ୍ଟ ଡିଜାୟର ଚାଳକଙ୍କୁ ଖଡ଼ିଆଳ ମିଶନ ହସ୍ପିଟାଲକୁ ନିଆଯାଇ ଚିକିତ୍ସା କରାଯାଇଥିବା ଜଣାପଡ଼ିଛି ।

## ଖଡ଼ିଆଳ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ



ନୂଆପଡା ୧୮/୦୮( ଅକ୍ଷର ଓଡିଶା ) ନୂଆପଡ଼ା ଜିଲ୍ଲା ଖଡ଼ିଆଳ ପଞ୍ଚାୟତ ସମିତି ବୈଠକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ଠାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଅଛି । ବ୍ଲକ୍ ଅଧକ୍ଷା ପୁଷ୍ପାଞ୍ଜଳୀ ନନ୍ଦ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଯୋଗ ଦେଇ ଉନ୍ନୟନ ମୂଳକ କାର୍ଯ୍ୟକୁ ସମୟ ସୀମା ମଧ୍ୟରେ ଶେଷ କରିବାକୁ ଆହ୍ୱାନ କରିଛନ୍ତି । ବିଦ୍ୟୁତ, ପାନୀୟ ଜଳ, ଗ୍ରାମ୍ୟ ସଡକ, ଗ୍ରାମପଞ୍ଚାୟତ କୁ ସଡ଼କ ସଂଯୋଗୀକରଣ କାର୍ଯ୍ୟ ହାତକୁ ନେବାକୁ ଆହ୍ୱାନ କରିଥିବା ବେଳେ ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ଅନୁପସ୍ଥିତି ନେଇ ସାମାନ୍ୟ ଉତ୍ତେଜିତ ହୋଇଥିଲେ । ଖଡ଼ିଆଳ ବ୍ଲକ ରେ ସଡ଼କ ପଥ ନ ଥିବା ଗ୍ରାମ ଶୂନ ରହିଥିବା ବେଳେ ଆବଶ୍ୟକ ଉନ୍ନୟନ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଖଡ଼ିଆଳ ବିଡିଓ ମିଳନ କୁମାର ଝଙ୍କାର, ଉପାଧକ୍ଷ ଗୌତମ ତାଣ୍ଡି, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା, ମାଲ୍ୟବନ୍ତ ସୁନା, ଏବଂ ତନୟା ଶବର ପ୍ରମୁଖ ମଞ୍ଚାସିନ ହୋଇଥିଲେ । ସମସ୍ତ ସରପଞ୍ଚ, ସମିତି ସଭ୍ୟ,ସଭ୍ୟା, ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

### କଂଗ୍ରେସ ବିରୋଧରେ ବିଜେପିର ପ୍ରତିବାଦ

## ବନ୍ଦେ ମାତରମର ମର୍ଯ୍ୟାଦା ରକ୍ଷା କରିବାକୁ ଦାବି

ନୂଆପଡ଼ା, ୧୮/୦୮ (ଅକ୍ଷର ଓଡିଶା )ବନ୍ଦେ ମାତରମକୁ ନେଇ କଂଗ୍ରେସ ନେତୃବୃନ୍ଦଙ୍କ ମନ୍ତବ୍ୟକୁ ବିରୋଧ କରି ନୂଆପଡ଼ା ଏକତା ଛକଠାରେ ବିଜେପି ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଛି । ନୂଆପଡ଼ା ଜିଲ୍ଲା ବିଜେପିସଭାପତି କମଲେସ କୁମାର ଦୀକ୍ଷିତଙ୍କ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀ କର୍ମୀମାନେ ଏକତା ଛକରେ ଏକାଠି କାଠି ହୋଇ କଂଗ୍ରେସ ବିରୋଧରେ ପ୍ଲାକାର୍ଡ ଧରି ନାରାବାଜି କରିଥିଲେ । ପ୍ରତିବାଦ ସମୟରେ ବିଜେପିକର୍ମୀମାନେ କଂଗ୍ରେ କଂଗ୍ରେସ ନେତୃତ୍ୱଙ୍କ ବିରୋଧରେ ସ୍ଲୋଗାନ ସ୍ଲୋଗାନ ଦେବା ସହ ବନ୍ଦେ ମାତରମର ମର୍ଯ୍ୟାଦା ରକ୍ଷା ଲାଗି ଦାବି କରିଥିଲେ । ଦେଶର ସ୍ୱାଧୀନତା ସଂଗ୍ରାମ ଓ ଦେଶଭକ୍ତିର ଭାବନା ସହ ଜଡ଼ିତ ବନ୍ଦେମାତରମକୁ ନେଇ କୌଣସି ମନ୍ତବ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି ଦଳୀୟ ନେତାମାନେ କହିଥିଲେ । ଏହି ପ୍ରତିବାଦରେ ଜ୍ଞାନ ରଞ୍ଜନ ମେଘ, ସଦାନନ୍ଦ ଯୋଶୀ, ଉଜ୍ଜଳ ଗୁପ୍ତା, ଅଜିତ କିଶୋର ଚଳାନ, ପ୍ରେମ ଅଗ୍ରୱାଲ, ହେମକୁମାର ସାହୁ, ସୁନୀଲ ସାହୁ, ସନ୍ତୋଷ ସାହୁ, ଦେ ଦେବଦେବ ସିଂହଦେଓ, ଜୟୀ ଯରାମ କୌଣସି ଅପମାନଜନକ କୈବର୍ତ୍ତ, ଯୁବରାଜ ଯୁବରାଜ ଜଗତ, ଜଗତ, ୨ ଯୁବରାଜ ଚନ୍ଦ୍ରପର ରତ୍ନାକର ହଂସ, ଗିରିଧର ଗୋପାଳ, ଗୋବିନ୍ଦ ଦଣ୍ଡସେନା, ଶିବୁ ହୋତା, ଶତ୍ରୁ ଶତ୍ରୁଘ୍ନ ସାଇଁ, ଭକ୍ତ ବିଶି, ବାବା ଠାକୁର, ରାତ୍ର ମାହିରା, ଜୟା ହୋତା ଓ ରଣଜିତ ଦଣ୍ଡସେନାଙ୍କ ସ ସମେତ ବହୁ ବିଜେପି ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ ।

## ବିପଦମୁଖରେ ମା' ପାଟଣେଶ୍ୱରୀ ମନ୍ଦିରର ଗମ୍ଭୀରା ଘର



ବଲାଙ୍ଗିର, ୧୮/୦୮ ( ଦେବେନ୍ଦ୍ର ପୋଡ଼) : ଆଗକୁ ନୂଆଖାଇ ପାଟଣେଶ୍ୱରୀ ମନ୍ଦିର ଗମ୍ଭୀରା ଘର ମରାମତି କେବେ ହେବ ? କମିଟିର ଅନୁରୋଧକ୍ରମେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓଙ୍କ ପାଟଣା ରାଜ୍ୟର ଅଧିଷ୍ଠାତୀ ମା' ପାଟଣେଶ୍ୱରୀ ଦେବୀଙ୍କ ମନ୍ଦିର ଦୀର୍ଘ ଦିନ ଗମ୍ଭୀରାଘର ମରାମତି ନେଇ ଦେବାଳୟ ଐତିହ୍ୟ ସୁରକ୍ଷା କମିଟି ଦେବୋତ୍ତର ବିଭାଗ ଜିଲ୍ଲାପ୍ରଶାସନ ବିଭିନ୍ନ ବୈଠକ କରି ଦୃଷ୍ଟି ଆକର୍ଷଣ କରିଛି ତଥାପି ସମାଧାନର ରାସ୍ତା ଫିଟିନି । ଆଉ କିଛି ଦିନ ଗଲେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ । ଗଡର ଇଷ୍ଟଦେବୀ ମା' ପାଟଣେଶ୍ୱରୀ ଦେବୀଙ୍କ ପରଭା ଭଗ୍ନ ଅବସ୍ଥାରେ ଥିବାରୁ ଏ ନେଇ ଏଣ୍ଡୋମେଣ୍ଟ କମିଶନର ଗତ ୧୫ ଦିନ ତଳେ ରିପୋର୍ଟ ପ୍ରଦାନ କରିଛନ୍ତି । ଆଉ କିଛି ଦିନ ପରେ ନୂଆଖାଇ ପାଇଁ ମନ୍ଦିରମାନଙ୍କ ପାଇଁ ସଜ୍ଜାସଜ୍ଜି ହେଉଥିବା ବେଳେ ନୂଆ ଧାନ ଓ ବିଭିନ୍ନ ସାମଗ୍ରୀ ମା'ଙ୍କୁ ଅର୍ପଣ କରାଯାଏ । ମନ୍ଦିରର ଭଗ୍ନ ହୋଇଥିବା ପରଭା ମରାମତି ନ ହୋଇଥିବାରୁ ମା'ଙ୍କ ନୀତିନିଖଣ୍ଟ ବାଧା ସାଜୁଛି । ଏ ନେଇ ଗତ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ପୂର୍ତ୍ତ ବିଭାଗକୁ ପତ୍ର ସଂଖ୍ୟା ୧୨୪୬ / ୨୦୨୬ ପୂର୍ତ୍ତ ବିଭାଗ ପାଇଁ ଡିପିଆର ପ୍ରସ୍ତୁତି ପାଇଁ ଏକ ପତ୍ର ଲେଖିଥିଲେ । ଏ ଯାଏଁ ପୂର୍ତ୍ତ ବିଭାଗର କୌଣସି କର୍ମକର୍ତ୍ତା ଆସିନାହାନ୍ତି । ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ଏ ନେଇ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ମା' ପାଟଣେଶ୍ୱରୀ ମନ୍ଦିରର ଗମ୍ଭୀରା ଘର ମରାମତି ନିମନ୍ତେ ପତ୍ର ସଂଖ୍ୟା ୨୬୨/୦୯.୦୭.୨୦୨୬ରେ କମିଟିକୁ ଦାବି ପ୍ରଦାନ କରାଯାଇଥିଲା ।କମିଟିର ଅନୁରୋଧକ୍ରମେ ପୂର୍ବତନ ରାଜ୍ୟସଭା ସାଂସଦ ଅନଙ୍ଗ ଉଦୟ ସିଂହଦେଓ ମନ୍ଦିର ପରିଦର୍ଶନ କରିଥିଲେ ଓ କମିଟି ସହ ବିଭିନ୍ନ ବିଷୟ ଆଲୋଚନା କରି ତୁରନ୍ତ କିଭଳି ମରାମତି ହେବ ଓ କାର୍ଯ୍ୟକାରୀ ହେବ ବୋଲି ସେ କମିଟି ସହ ଆଲୋଚନା କରିଥିଲେ ।

## ଅଖିଳ ଭାରତୀୟ ଭାଇଚାରା ସଙ୍ଘ ତରଫରୁ ମାଗଣା ପୋଷାକ ବଣ୍ଟନ

ଭଦ୍ରକ ୧୮/୦୮ (ଅକ୍ଷର ଓଡିଶା )ଭଦ୍ରକ ଅପର୍ତ୍ତୀବିନ୍ଧା ସ୍ଥିତ ହଜାରୀ ନଗରରେ ଅଖିଳ ଭାରତୀୟ ଭାଇଚାରା ସଙ୍ଘ ଆନୁକୂଲ୍ୟରୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମ ରେ ସଙ୍ଘର ସଭାପତି ଶେଖ ବାବୁଜାନ(ଅମୀର)ଙ୍କ ନେତୃତ୍ୱ ରେ ଆରମ୍ଭ ହୋଇଥିଲା ଏବଂ ଏଥିରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ସମ୍ମାନିତ ଅତିଥି ଭାବେ ବାର ଆସୋସିଏସନ ର ସଦସ୍ୟ ପବନ ଶର୍ମା, ସମାଜସେବୀ ରାଜଲକ୍ଷ୍ମୀ ମହାପାତ୍ର , ଆଇନଜିବି ଜମିଲ ଅଖତାର ଖାନ, କ୍ରୀଡ଼ାବିତ ବୁଲୁ ମହାନ୍ତି , ଇଂ. ରେଜା-ଏ-ରସୁଲ ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ପୋଷାକ, ବ୍ୟାଗ ଓ ପୁସ୍ତକ ସଂପୂର୍ଣ୍ଣ ମାଗଣାରେ ବଣ୍ଟନ କରାଯାଇଥିଲା ଓ ପରିଚାଳିତ ଅଖିଳ ଭାରତୀୟ ଭାଇଚାରା ସଙ୍ଘରୁ ୪୮୦ ପିଲାଙ୍କୁ ମାଗଣା କମ୍ପୁଟର ଶିକ୍ଷାଦାନ ଦିଆଯାଉଛି ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ୯୦ ପିଲା ମାଗଣାରେ ପଢୁଛନ୍ତି ଏବଂ ଏଥିରେ ଶିକ୍ଷକ ଓ ଶିକ୍ଷୟତ୍ରୀ ମାସିକ ଦରମା ନ ନେଇ ମାଗଣାରେ ଶିକ୍ଷା ଦେଉଛନ୍ତି ଓ ଅଫସାନା ଖାତୁନ, ନସିମୁଦ୍ଦିନ କାଦରୀ, ସନ୍ତୋଷ କୁମାର ଲେଙ୍କା, ରିଜୱାନା ପରୱେନ , ଯାହେଦା କାଦରୀ ଓ ସୈନାରା ଖାତୁନ ଶିକ୍ଷାଦାନରେ ରହିଛନ୍ତି ଓ ଅଖିଳ ଭାରତୀୟ ଭାଇଚାରା ସଙ୍ଘ ୨୦୧୭ ମସିହାରୁ ଆରମ୍ଭ ହୋଇ ଅନେକ ଗୁଡିଏ ଜନମଙ୍ଗଳ କାର୍ଯ୍ୟକ୍ରମ କରି ସଫଳତା ସହିତ ସମ୍ପାଦନ କରି ଭଦ୍ରକ ଜିଲ୍ଲାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଉଚ୍ଚ ପ୍ରଶଂସା ପାଇଛନ୍ତି ଏବଂ ଏହି ବ୍ରାଞ୍ଚର ଶାଖା ବିଷ୍ଣୁପୁର , ଗୁଜି ଦରଡା, ସିରାପୁର, ଗୋବିନ୍ଦପୁର, ଅଗରପଡା , ଧନାଟୋଲା ଓ ଅଲିନଗର ଠାରେ ରହିଛି ଓ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଅଭିଭାବକ ମଧ୍ୟ ଉପସ୍ଥିତ ରହିଥିଲେ ।

## ଦାଦନ ଶ୍ରମିକ ପରିବାରକୁ ଭେଟିଲେ ବିଜେଡି ଟିମ୍

ହିଞ୍ଜିଳିକାଟୁ:୧୮/୮(ଅବନି କାନ୍ତ ପଟ୍ଟନାୟକ)ହିଞ୍ଜିଳିକାଟୁ ବ୍ଲକ୍ ଅନ୍ତର୍ଗତ ଖରିଡ଼ା ଗ୍ରାମର ଗାନ୍ଧୀ ନଗର ସାହିର ନିର ବେହେରା (୪୫) ସୁରତରେ କାମ କରୁଥିବାବେଳେ ।ଅକାଳ ମୃତ୍ୟୁ ହୋଇଗଲା ତାଙ୍କର ମୃତ୍ୟୁ ଖବର ଶୁଣି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଜୁଜନତା ଦଳର ୫ଜଣିଆ ଟିମ୍ ଖରିଡ଼ା ଗ୍ରାମକୁ ଯାଇ ସୋକାକୂଳ ପରିବାର ସହିତ କଥାବାର୍ତ୍ତା ହେବା ସହ ଦ୍ୱାଦଶ କାର୍ଯ୍ୟ ନିମନ୍ତେ ସ୍ଥାନୀୟ ବିଧାୟକ ନବୀନ ପଟ୍ଟନାୟକଙ୍କ ତରଫରୁ କିଛି ଆର୍ଥିକ ସହାୟତା ସହ ବିଧବା ଭତ୍ତା ସରକାରୀ ସାହାର୍ଯ୍ୟ ସହଯୋଗ ନିମନ୍ତେ ଜିଲ୍ଲାପାଳ ଓ ବିଡିଓଙ୍କୁ ବିଜେଡି ଟିମ୍ ସାକ୍ଷାତ କରିବାକୁ ତାଙ୍କ ପରିବାରକୁ ପ୍ରତିଶ୍ରୁତି ଦେବା ସହ ସମବେଦନା ଜଣାଇଥିଲେ । ୫ଜଣିଆ ଟିମଦଳ ହେଲେ ବିରୋଧୀ ଦଳ ନେତାଙ୍କ ଜିଲ୍ଲା ପ୍ରତିନିଧି ଦେବାନନ୍ଦ ମହାପାତ୍ର,ଜିଲ୍ଲା ପରିଷଦ ସଭ୍ୟ ତଥା ବିଧାୟକଙ୍କ ପ୍ରତିନିଧି ଏ ସୁଦର୍ଶନ,ବିଜେଡି ବ୍ଲକ୍ ସଭାପତି ଦୁର୍ଗା ମହାନ୍ତି,ସରପଞ୍ଚଙ୍କ ପ୍ରତିନିଧି ସୁଶାନ୍ତ ଗୌଡ଼,ସମିତି ସଭ୍ୟ ଶରତ ଦଳେଇ ପ୍ରମୁଖ ଶୋକାକୁଳ ପରିବାରକୁ ସମବେଦନା ଜଣାଇଥିଲେ ।



### ବୃଦ୍ଧାଙ୍କୁ ଅପମାନଜନକ ମନ୍ତବ୍ୟ ମାମଲାରେ

## ଗୁମ୍ମା ବିଡ଼ିଓ କୋର୍ଟରେ ହଜାର

ପାରଳାଖେମୁଣ୍ଡି, ୧୮/୮ (ତାରିଣୀ ପ୍ରସାଦ ପଣ୍ଡା): ୬୫ ବର୍ଷ ବୃଦ୍ଧଙ୍କୁ ଅପମାନଜନକ ମନ୍ତବ୍ୟ ଓ ଧମକ ଦେବା ମାମଲାରେ ଗଜପତି ଜିଲ୍ଲା ଗୁମ୍ମା ବିଡିଓ ତୁଲାରାମ ମାରାଣ୍ଡି ଗତକାଲି ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ ଅଦାଲତରେ ହାଜର ହୋଇଛନ୍ତି । ଅଦାଲତର ସମନ ଅନୁଯାୟୀ ବିଡିଓ ନିଜ ପକ୍ଷ ରଖିବା ପାଇଁ ସମୟ ମାଗିଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ, ଗୁମ୍ମା ଗ୍ରାମ ଖ୍ରୀଷ୍ଟିଆନ ସାହିର ଅଜୟ ବଡ଼ନାୟକ (୬୫) ଜଣେ ଶ୍ରମିକ ହୋଇଥିବା ବେଳେ ଗତବର୍ଷ ଅଗଷ୍ଟ ୧୮ ତାରିଖ ସକାଳ ୧୧ଟାରେ ନିଜ ଅଞ୍ଚଳର ସମସ୍ୟା ନେଇ ବ୍ଲକ୍ କାର୍ଯ୍ୟାଳୟକୁ ଆସିଥିଲେ । ସେଠାରେ ବିଡିଓ ତୁଲାରାମ ମାରାଣ୍ଡି ତାଙ୍କୁ ବୟସ ଓ ଜାତିକୁ ନେଇ ଅପମାନଜନକମନ୍ତବ୍ୟ ଦେବାସହ ଗାଳି ଗୁଲଜ ଓ ଧମକ ଦେଇ ବ୍ଲକ କାର୍ଯ୍ୟାଳୟରୁ ଚାଲିଯିବାକୁ କହିଥିବା ନେଇ ଅଜୟ ଅଭିଯୋଗ ଆଣି ଗତ ବର୍ଷ ସେରଙ୍ଗ ଥାନାର ଦ୍ୱାରସ୍ଥ ହୋଇଥିଲେ । ତେବେ ପୁଲିସ ମାମଲା ରୁଜୁ କରି ନଥିବାରୁ ସେ ପରେ ଅଦାଲତରେ ଅଭିଯୋଗ ପିଟିସନ୍ ଦାଖଲ କରିଥିଲେ । ଅଦାଲତ ପକ୍ଷରୁ ଜାରି ସମନ ଅନୁଯାୟୀ ଗତକାଲି ବିଡିଓ ଅଦାଲତରେ ହାଜର ହୋଇଥିଲେ ।

# ଖେଳ ପଡ଼ିଆ ପାଇଁ ଅଭିଭାବକଙ୍କ ଦାବି

ରାଇଘର, ୧୮/୦୮(ଭୁବନେଶ୍ୱର ସୁନାନୀ)ବିଦ୍ୟାଳୟ ଅଛି, ଛାତ୍ରଛାତ୍ରୀ ଅଛନ୍ତି, ଶିକ୍ଷାଦାନ ଚାଲିଛିଙ୍କ ହେଲେ ଖେଳିବା ପାଇଁ ନାହିଁ ଟିକିଏ ଖୋଲା ସ୍ଥାନ । ଫଳରେ ପାଠପଢ଼ା ସହ ଛାତ୍ରଛାତ୍ରୀଙ୍କ ଶାରୀରିକ ଓ ମାନସିକ ବିକାଶର ଅନ୍ୟତମ ମାଧ୍ୟମ ଖେଳକୁଦରୁ ସେମାନେ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦରମହକୁମାର ପତ୍ରକୋଟି ସାହି ହରିଜନ ସାହିରେ ଥିବା ଏହି ବିଦ୍ୟାଳୟ ୧୯୯୧ ମସିହାରୁ ଶିକ୍ଷାଦାନ କରିଆସୁଛି । ଦୀର୍ଘ ବର୍ଷ ବିତିଥିଲେ ମଧ୍ୟ ବିଦ୍ୟାଳୟ ପାଇଁ ଏକ ନିର୍ଦ୍ଦିଷ୍ଟ ଖେଳ ପଡ଼ିଆ ବ୍ୟବସ୍ଥା ହୋଇନଥିବାରୁ ଛାତ୍ରଛାତ୍ରୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଦ୍ୟାଳୟ ପକ୍ଷରୁ ବିଭିନ୍ନ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସମୟରେ ମଧ୍ୟ ପଡ଼ିଆ ଅଭାବ ଏକ ବଡ଼ ସମସ୍ୟା ହୋଇ ଠିଆ ହେଉଛି । ଏହି ସମସ୍ୟାର



ସ୍ଥାୟୀ ସମାଧାନ ଦାବି କରି ବହୁସଂଖ୍ୟକ ଅଭିଭାବକ ରାଇଘର ତହସିଲ ଓ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି । ଅଭିଭାବକମାନେ ରାଇଘର ତହସିଲଦାର ମନମୋହନ ସାହୁ ଏବଂ ବ୍ଲକ ଉନ୍ନୟନ ଅଧିକାରୀ ରିତୁ ସିଂଙ୍କୁ ବିଦ୍ୟାଳୟ ପାଇଁ ଖେଳ ପଡ଼ିଆ ନିମନ୍ତେ ଜମି ଚିହ୍ନଟ କରି ଶୀଘ୍ର ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି ।ଏହି ଦାବିରେ ବସନ୍ତ ଡଙ୍ଗରୀ, ଗଣେଶ ସୁନା, ଶ୍ରୀରାମ ସୁନାନୀ, ସୁକରାମ ସୁନାନୀ, ତ୍ରିନାଥ ଗୈଡ଼, ନାରାୟଣ ବେହେରାଙ୍କ ସମେତ ବହୁ ମହିଳା ଓ ପୁରୁଷ ଅଭିଭାବକ ସାମିଲ ହୋଇଥିଲେ ।ଅଭିଭାବକମାନଙ୍କ କହିବା ଅନୁଯାୟୀ, ପିଲାଙ୍କ ଭବିଷ୍ୟତ କେବଳ ପୁସ୍ତକର ପୃଷ୍ଠାରେ ନୁହେଁ, ଖେଳ ପଡ଼ିଆରେ ମଧ୍ୟ ଗଢ଼ିଉଠେ । ଖେଳ ଦ୍ୱାରା ଶିଶୁଙ୍କ ଶାରୀରିକ ସୁସ୍ଥତା ସହ ଶୃଙ୍ଖଳା, ଦଳଗତ ମନୋଭାବ ଓ ଆତ୍ମବିଶ୍ୱାସ ବିକଶିତ ହୋଇଥାଏ । ଏଭଳି ସ୍ଥିତିରେ ବିଦ୍ୟାଳୟରେ ଖେଳ ପଡ଼ିଆ ଭଳି ମୌଳିକ ସୁବିଧା ନ ଥିବା ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶରେ ବାଧକ ସାଜୁଛି ।ତେଣୁ ପ୍ରଶାସନ ଅଭିଭାବକଙ୍କ ଦାବିକୁ ଗୁରୁତ୍ୱର ସହ ନେଇ ଶୀଘ୍ର ଜମି ଚିହ୍ନଟ କରି ବିଦ୍ୟାଳୟ ପାଇଁ ଏକ ସ୍ଥାୟୀ ଖେଳ ପଡ଼ିଆ ବ୍ୟବସ୍ଥା କରୁ ଏହା ଅଭିଭାବକଙ୍କ ମୁଖ୍ୟ ଦାବି ହୋଇଛି ।



ବୁଧବାର ୧୯।୦୮।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

### ସମାଧାନ ହୋଇପାରୁନି ରାସ୍ତା ବିବାଦ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ୧୭ ଖଣ୍ଡ ମୌଜା ବାସିନ୍ଦା

ନୟାଗଡ଼୧୮/୦୮ (ବିଶ୍ୱଜିତ ନାୟକ):- ନୟାଗଡ଼ ସଦରଥାନା ଅନ୍ତର୍ଗତ ମାଳିସାହି, ଢେଙ୍କେଣା, ଖଣ୍ଡୁଗାଁ, ଚାହାଳୀ ପଞ୍ଚାୟତର ୧୭ ଖଣ୍ଡ ମୌଜାବାସୀ ଓ ଗୁଡୁପାଙ୍ଗୀ ମଧ୍ୟରେ ରହିଥିବା ରାସ୍ତା ବିବାଦ ସମାଧାନ ହୋଇପାରୁନି। ୩ ଦିନ ରାସ୍ତା ନିର୍ମାଣ ପାଇଁ ଗୁଡୁପାଙ୍ଗୀ, ବଳଭଦ୍ରପୁର, କାଞ୍ଜିଆମ୍ବା ମୌଜା ସୀମା ଚିହ୍ନଟ ହୋଇଥାନ୍ତା । ଏଥିପାଇଁ ସମସ୍ତ ବିଧି ବ୍ୟବସ୍ଥା ସହ ପ୍ରସ୍ତୁତି ମଧ୍ୟ ଶେଷ ହୋଇଥିଲା । ହଠାତ୍ ନୂଆଗାଁ ତହସିଲଦାର ସୀମା ନିର୍ଦ୍ଧାରଣ ବାତିଲ ହୋଇଥିବା ସୂଚନା ଦେଇଥିଲେ । ଯାହାକୁ ନେଇ ୧୭ ଖଣ୍ଡ ମୌଜା ବାସିନ୍ଦା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଘେରାଉ କରିଥିବା ଦେଖିବାକୁ ମିଳିଛି । ନୟାଗଡ଼ ଜିଲ୍ଲା ସଦରଥାନା ଅନ୍ତର୍ଗତ ୧୭ ଖଣ୍ଡ ମୌଜା ଓ ଗୁଡୁପାଙ୍ଗୀ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଛି । ୧୭ ଖଣ୍ଡ ମୌଜାବାସୀ ବଳଭଦ୍ରପୁର ଡିପାମାଳ ରାସ୍ତାକୁ ସଦାବନ୍ଧ ଛକ ଦେଇ ନିର୍ମାଣ କରିବାକୁ ଦାବି କରୁଥିବା ବେଳେ ଗୁଡୁପାଙ୍ଗୀ ଏହାକୁ ବିରୋଧ କରୁଛି । ଗୁଡୁପାଙ୍ଗୀ ରାସ୍ତା ତାଙ୍କ ଗ୍ରାମ ଦେଇ ନିର୍ମାଣ କରିବା ଜିଦରେ ଅଟଳ ରହିଛି । ଏହି ବିବାଦକୁ ନେଇ ବିଗତ ଦିନରେ ଅନେକ ରାସ୍ତାରୋକ, ପ୍ରଜାମେଳି ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଅନେକ ପ୍ରୟାସ ପରେ ବି ରାସ୍ତା ନିର୍ମାଣ ହୋଇପାରୁନାହିଁ। ଫଳରେ ୫ ଖଣ୍ଡ ଆଦିବାସୀ ଗାଁ ବାସିନ୍ଦା ଜଙ୍ଗଲ ପରିସରରୁ ବାହାରକୁ ବାହାରିବା




ପାଇଁ ଯନ୍ତ୍ରଣା ଭୋଗୁଛନ୍ତି । ବିଗତ ଜିଲ୍ଲାପାଳ ୪୦ ଲକ୍ଷ ଟଙ୍କା ମଞ୍ଜୁର କରି ପୁଲିସ ଫୋର୍ସ ଉପସ୍ଥିତିରେ ମାଟି ରାସ୍ତା ନିର୍ମାଣ କରିଥିଲେ। ତାହା ଅଧପନ୍ତରିଆ ହୋଇ ରହିଥିବା ବେଳେ ତୁରନ୍ତ ନିର୍ମାଣ କାର୍ଯ୍ୟ କରିବାକୁ ଗତ ଜାନୁୟାରୀ ୩୦ ତାରିଖରେ ୧୭ ଖଣ୍ଡ ମୌଜା ବାସୀ ଜିଲ୍ଲାପାଳଙ୍କୁ ଦାବି କରିଥିଲେ । ଜିଲ୍ଲା ପ୍ରଶାସନ ଏହି ସମସ୍ୟା ସମାଧାନ କରିବାକୁ ପୁର୍ନବାର ଉଦ୍ୟମ କରିଥିଲେ। ଗତ ମାର୍ଚ୍ଚ ୬ ତାରିଖରେ ଏହାକୁ ନେଇ ସମାଧାନ ଉଦ୍ୟମ କରାଯାଇଥିଲା। ଗୁଡୁପାଙ୍ଗୀ ଗ୍ରାମବାସୀ କୌଣସି କଥାକୁ ଗ୍ରହଣ ନକରି ସିଧାସଳଖ ମନା କରି ଦେଇଥିଲେ । ଯାହାକୁ ନେଇ ୧୭ ଖଣ୍ଡ ମୌଜାବାସୀ ଏବେ କ୍ଷୁବ୍ଧ ଅବସ୍ଥାରେ । ଗତ ମାର୍ଚ୍ଚ ୨୩ ତାରିଖ ସୁଦ୍ଧା ପ୍ରଶାସନ କୌଣସି ପଦକ୍ଷେପ ନନେଲେ ୨୪ ତାରିଖ ଜନଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ । ପରବର୍ତ୍ତୀ ପର୍ଯ୍ୟାରେ ସୀମା ନିର୍ଦ୍ଧାରଣ ପାଇଁ ୧୭ ଖଣ୍ଡ ମୌଜା ବାସିନ୍ଦା ଜିଲ୍ଲାପାଳଙ୍କୁ ଦାବି କରିଥିଲେ । ଏହାକୁ ନେଇ ବୈଠକ କରାଯାଇ ଅଗଷ୍ଟ ୧୮, ୧୯ ଏବଂ ୨୦ ତାରିଖ ମାପଚୁପ କରାଯାଇ ସୀମା ନିର୍ଦ୍ଧାରଣ କରିବାକୁ ନିଷ୍ପତ୍ତି ହୋଇଥିଲା । କିନ୍ତୁ ଆଜି ବିନା ସୂଚନାରେ ଏହା ହଠାତ୍ ବାତିଲା ହେବାରୁ ୧୭ ଖଣ୍ଡ ମୌଜା ବାସିନ୍ଦା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇ ଘେରାଉ କରିଥିଲେ । ଜିଲ୍ଲାପାଳ ମଧୁମିତା ରଥ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ । ଉକ୍ତ ସ୍ଥାନରେ କୌଣସି କାରଣକୁ ନେଇ ଅପ୍ରିତିକର ପରିସ୍ଥିତି ସମ୍ଭାବନାକୁ ଦୃଷ୍ଟିରେ ରଖି ଏହାକୁ ବାତିଲ କରାଯାଇଥିବା ସୂଚନା ମିଳିଛି । ଆସନ୍ତା ସେପଟେମ୍ବର ୮ ତାରିଖରେ ଗୁଡୁପାଙ୍ଗୀ, କାଞ୍ଜିଆମ୍ବା, ବଳବ୍ରଦପୁର ମୌଜା ସୀମା ନିର୍ଦ୍ଧାରଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯାଇଛି । ଦୀର୍ଘ ୧୦ ବର୍ଷ ଧରି ଏହି ରାସ୍ତା ବିବାଦ ଲାଗି ରହିଛି। ବିଗତ ଦିନରେ ଠିକାସଂସ୍ଥାର ଗାଡ଼ି ପୋଡ଼ି ଦିଆଯିବା ସହ ପୁଲିସ କର୍ମଚାରୀଙ୍କୁ ଗୁଡୁପାଙ୍ଗୀ ବାସିନ୍ଦା ଆକ୍ରମଣ କରିଥିଲେ । ଯାହାକୁ ନେଇ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟ ଅଧାଅଧୁରା ଅବସ୍ଥାରେ ରହିଛି । କେବେ ଏହି ବିବାଦ ସମାଧାନ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଗତ ଦିନରେ ପ୍ରଜାମେଳି କରି ୧୭ ଖଣ୍ଡ ମୌଜା ଗୁଡୁପାଙ୍ଗୀକୁ ରାସ୍ତା ବନ୍ଦ କରିଥିଲା। ଶାନ୍ତି କମିଟି ମାଧ୍ୟମରେ ଅନେକ ଥର ଉକ୍ତ ରାସ୍ତା ବିବାଦ ସମାଧାନ ପାଇଁ ଉଦ୍ୟମ ହୋଇଥିଲେ ମଧ୍ୟ କିଛି ସଫଳତା ମିଳିନଥିଲା। ପୁର୍ନବାର ପରିସ୍ଥିତି ଜଟିଳ ହେବା ପୂର୍ବରୁ ପ୍ରଶାସନ ୧୭ ଖଣ୍ଡ ମୌଜା ଦାବି ମୁତାବକ ରାସ୍ତା ନିର୍ମାଣ ପାଇଁ ଉଦ୍ୟମ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି ।

## ଆବାସ ନିର୍ମାଣ ପାଇଁ ଆବଶ୍ୟକ ବାଲି, ଗୁଡ଼ି ଓ ପଥରକୁ ପୋଲିସର ନାଲିଆଖି

କବିସୂର୍ଯ୍ୟନଗର୧୮/୦୮ (ବିବେକାନନ୍ଦ ସାହୁ ):ଗରିବ ଓ ଅସହାୟ ପରିବାରକୁ ପକ୍କା ଘର ଯୋଗାଇଦେବା ଲକ୍ଷ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଆବାସ ଯୋଜନା ଚାଲୁ ରହିଛି। ଏହି କ୍ରମରେ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ପୌର ପରିଷଦ ସମେତ ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି।ତେବେ କାର୍ଯ୍ୟାଦେଶ ପାଇବାର ପ୍ରାୟ ତିନି ମାସ ବିତିଯାଇଥିଲେ ମଧ୍ୟ ଅନେକ ହିତାଧିକାରୀ ଘର ନିର୍ମାଣ ଆରମ୍ଭ କରିପାରୁନଥିବା ଅଭିଯୋଗ ହୋଇଛି। ଘର ନିର୍ମାଣ ପାଇଁ ଆବଶ୍ୟକ ବାଲି, ଗୁଡ଼ି ଓ ପଥର ଭଳି ନିର୍ମାଣ ସାମଗ୍ରୀ ସହଜରେ ମିଳୁନଥିବାରୁ ହିତାଧିକାରୀମାନେ ଚିନ୍ତାରେ ପଡ଼ିଛନ୍ତି।ଅନ୍ୟପଟେ, ବାଲି, ଗୁଡ଼ି ଓ ପଥର ପରିବହନ କରୁଥିବା ଗାଡ଼ି ଉପରେ ପ୍ରଶାସନ ଓ ପୋଲିସ ପକ୍ଷରୁ ଯାଞ୍ଚ ଏବଂ ଜବତ ପ୍ରକ୍ରିୟା ଚାଲୁଥିବାରୁ ନିର୍ମାଣ ସାମଗ୍ରୀର ଯୋଗାଣ ଆହୁରି ପ୍ରଭାବିତ ହେଉଥିବା ଅଭିଯୋଗ ରହିଛି।ସରକାର ଗରିବଙ୍କ ପାଇଁ ଆବାସ ଯୋଜନା ଘୋଷଣା କରୁଥିବା ବେଳେ ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚିବା ନିହାତି ଆବଶ୍ୟକ। ତେଣୁ ଆବାସ ନିର୍ମାଣରେ ଆସୁଥିବା ଏହି ସମସ୍ୟାର ଶୀଘ୍ର ସମାଧାନ କରି, ଆବଶ୍ୟକ ନିର୍ମାଣ ସାମଗ୍ରୀ ନିୟମ ସମ୍ମତ ଭାବେ ଉପଲବ୍ଧ କରାଇବାକୁ ହିତାଧିକାରୀମାନେ ଦାବି କରିଛନ୍ତି।ପ୍ରଶ୍ନ ଏବେ ଏହା—କାର୍ଯ୍ୟାଦେଶ ମିଳିବା ପରେ ମଧ୍ୟ ଯଦି ଘର ନିର୍ମାଣ ହୋଇପାରୁନାହିଁ, ତେବେ ଆବାସ ଯୋଜନାର ପ୍ରକୃତ ଲାଭ କାହା ପାଖରେ ପହଞ୍ଚୁଛି ।

## ତିଲେଇବଣି ଓ ରିଆମାଳରେ ବିକାଶ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ



ଦେବଗଡ଼,୧୮।୦୮(ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲାର ତିଲେଇବଣି ଓ ରିଆମାଳ ବ୍ଲକରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଦିନିକିଆ ଦେବଗଡ଼ ଗସ୍ତରେ ଆସି ଏହି ପ୍ରକଳ୍ପଗୁଡ଼ିକର ଶୁଭାରମ୍ଭ କରିଥିଲେ।ତିଲେଇବଣି ବ୍ଲକ କଲ୍ୟାଣ ମଣ୍ଡପଠାରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମନ୍ତ୍ରୀ ଶ୍ରୀ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ବିଧାୟକ ତଥା ସମ୍ବଲପୁର ସାଂସଦଙ୍କ ଜିଲ୍ଲା ପ୍ରତିନିଧି ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ସମ୍ବଲପୁର ସାଂସଦଙ୍କ ତିଲେଇବଣି ବ୍ଲକ ପ୍ରତିନିଧି ଯୋଗେଶ ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ ଓ ଉପାଧ୍ୟକ୍ଷା ଆରତୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।ଏହି ଅବସରରେ ରିମୋଟ୍ ମାଧ୍ୟମରେ ସ୍ୱିଚ୍ ଟିପି ଗ୍ରାମ୍ୟ ଉନ୍ନୟନ ବିଭାଗର ୬ଟି ପ୍ରକଳ୍ପ ପାଇଁ ୧୩ କୋଟି ୯୬ ଲକ୍ଷ ୩୦ ହଜାର ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ସେହିପରି ତିଲେଇବଣି ପଞ୍ଚାୟତ ସମିତିର ୩୬ଟି ପ୍ରକଳ୍ପ ପାଇଁ ୨ କୋଟି ୩୮ ଲକ୍ଷ ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ୬ଟି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଥିଲା। ଏହି ୬ଟି ପ୍ରକଳ୍ପର ମୋଟ ବ୍ୟୟ ୪୪ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଛି।

## ଗ୍ରାମ ଦାଣ୍ଡରେ ଖସିପଡି ଯୁବକଙ୍କ ଅକାଳ ମୃତ୍ୟୁ

ଖଣ୍ଡପଡ଼ା ୧୮।୮ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ବ୍ଲକର ରାଣିଛେଲୀ ପଞ୍ଚାୟତ ଅଧୀନ ଗୋହିରାପଡା ଗ୍ରାମ ଉପରସାହିର ବାସିନ୍ଦା ବିଜୟ ନାଏକ (୪୫) ମଙ୍ଗଳବାର ସକାଳେ ଗ୍ରାମ ମୁଣ୍ଡରେ ଅବସ୍ଥିତ ନଳକୂପରୁ ପାଣି ନେଇ ଘରକୁ ଫେରିବା ସମୟରେ ହଠାତ ବାଟରେ ଝୁଣ୍ଟି ପଡି ଖସି ପଡିବା ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା।ସ୍ଥାନୀୟ ବାସିନ୍ଦା ସଙ୍ଗେ ସଙ୍ଗେ ତାଙ୍କୁ ସେଠାରୁ ଉଦ୍ଧାର କରି ଆଶୁ ଚିକିତ୍ସା ନିମନ୍ତେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।ମାତ୍ର ଡାକ୍ତର ପରୀକ୍ଷା ନୀରିକ୍ଷା କରିବା ପରେ ତାର ମୃତ୍ୟୁ ହୋଇଥିବା ନେଇ ଘୋଷଣା କରିଥିଲେ।ଯୁବକଙ୍କ ଅସ୍ୱାଭାବିକ ଭାବେ ଅକାଳ ମୃତ୍ୟୁକୁ ନେଇ ପରିବାରବର୍ଗ ଭାଙ୍ଗି ପଡିଛନ୍ତି।ମୃତ ଯୁବକଙ୍କ ପରିବାରବର୍ଗଙ୍କୁ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

## ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ



ପୁରୀ,୧୮।୮(ଅକ୍ଷର ଓଡ଼ିଶା):ପୁରୀ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ନବନିର୍ମିତ ଗୃହ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ପୁରୀ ଟାଉନ୍ ହଲ୍ ଠାରେ ଦାସମ ୩-୦ ଉଦ୍ଦେଶ୍ୟରେ ପୁରୀ ଜିଲ୍ଲା ସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ ସହିତ ଗତ ମାଟ୍ରିକ ପରୀକ୍ଷାରେ ବିଭିନ୍ନ ବିଦ୍ୟାଳୟରୁ 'ଏ୧' ଗ୍ରେଡରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।ଏଥିସହ ବିଭିନ୍ନ ବିଷୟରେ ଉତ୍କର୍ଷତା ପ୍ରତିପାଦନ କରିଥିବା ୨୧ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ଓ ବୋର୍ଡ ପରୀକ୍ଷାରେ ଶତ ପ୍ରତିଶତ ଫଳାଫଳ ପ୍ରଦାନ କରିଥିବା ୧୧୧ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ- ଶିକ୍ଷୟିତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଯୋଗଦେଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନୂତନ ଗୃହକୁ ଉଦଘାଟନ କରିଥିଲେ । ଏହି ଅବସରରେ ସେ ଏଭଳି କାର୍ଯ୍ୟକ୍ରମ ଜରିଆରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ଓ ପ୍ରେରଣା ପ୍ରଦାନ କରାଗଲେ ନିଶ୍ଚିତ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ସେ କହିଥିଲେ। ଛାତ୍ରଛାତ୍ରୀମାନେ ଏବେ ଠାରୁ ନିଜର ଲକ୍ଷ୍ୟ ପାଇଁ ଉଦ୍ୟମ ଜାରିରଖିଲେ ସେମାନେ ଦେଶ ଓ ଜାତିର ଗୌରବ ବୃଦ୍ଧି କରିପାରିବେ ବୋଲି ସେ କହିଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇ ଏପରି ଅଭିନବ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ପୁରୀ ଲୋକସଭା ସାଂସଦ ଡାକ୍ତର ସମ୍ବିତ୍ ପାତ୍ର, ଜଗତସିଂହପୁର ସାଂସଦ ଡା.ବିଭୁ ପ୍ରସାଦ ତରାଇ ,ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ବିଧାୟକ ଓମ୍ ପ୍ରକାଶ ମିଶ୍ର ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ଓ ଅନ୍ୟ ଆୟୋଜକମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ।

## ଦୁର୍ଦ୍ଦିନରେ ଚଢ଼େଇବନ୍ଧ ସାହି ବାସିନ୍ଦା

### ଆଣ୍ଠୁଏ କାଦୁଅରେ ଦୈନନ୍ଦିନ ଚଳନି, ଶୁଣାଣୀ ପ୍ରଶାସନ

ପରଜଙ୍ଗ,୧୮।୮(ଅକ୍ଷର ଓଡ଼ିଶା):ପ୍ରତ୍ୟେକ ଜନବସତି କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଗମନାଗମନ ସୁବିଧା ପାଇଁ ବନ୍ଦୋବସ୍ତ ହେଉଥିବା ବେଳେ ଆଜି ମଧ୍ୟ ଅନେକ ଗ୍ରାମାଞ୍ଚଳରେ ଅସରାଏ ବର୍ଷା ହେଲେ କାଦୁଅରେ ପଚପଚ ରେ ଦୈନନ୍ଦିନ ଦିନ କାଳାତିପାତ ଲୋକେ କରୁଥିବା ଦେଖିବାକୁ ମିଳିଛି। ପରଜଙ୍ଗ ବ୍ଲକ ମୁଣ୍ଡେଇଲୋ ପଞ୍ଚାୟତର ଚଢ଼େଇବନ୍ଧ ସାହି ବାସିନ୍ଦା ଦୈନନ୍ଦିନ ଚଳାଚଳରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟ ରାସ୍ତା ଠାରୁ ଉକ୍ତ ସାହିକୁ ଥିବା ମାଟି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଥିଲା। ମାତ୍ର ଦୁଇ ବର୍ଷ ତଳେ ପାଞ୍ଚ ଲକ୍ଷ ଟଙ୍କାର ବ୍ୟୟ ବରାଦ ରେ ପାଣି ଟାଙ୍କି ଠାରୁ ଧୁବା ମୁଣ୍ଡାବନ୍ଧ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିଲା। ବର୍ତ୍ତମାନ ଉକ୍ତ ରାସ୍ତା ଫାଟି ଦବି ନଷ୍ଟ ହେବାକୁ ଲାଗିଲାଣି। ସେହିଠାରୁ ଚଢ଼େଇବନ୍ଧ ସାହି ପର୍ଯ୍ୟନ୍ତ ରାସ୍ତା ଟି କାଦୁଅ ଭର୍ତ୍ତି ରହିଥିବା ଯୋଗୁଁ



ଛାତ୍ରଛାତ୍ର, ବୃଦ୍ଧ ବୃଦ୍ଧା, ରୋଗୀସେବା ପାଇଁ ଯିବାଆସିବା କଷ୍ଟକର ହେଉଅଛି। ଏନେଇ ସାହି ବାସିନ୍ଦା ବାରମ୍ବାର ପଞ୍ଚାୟତ ରୁ ବ୍ଲକ ପ୍ରଶାସନ ପାଖରେ ରାସ୍ତା ନିର୍ମାଣ ପାଇଁ ନିବେଦନ କରିଥିଲେ ମଧ୍ୟ କିଛି ଲାଭ ହେଉନାହିଁ। ଆଗାମୀ ଦିନରେ କାଦୁଅ ରାସ୍ତା ଉପରେ କୈଣସି ସୁଫଳ ନମିଳିଲେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ସାହିର ଶିବ ନାୟକ ଚେତାବନୀ ଦେଇଛନ୍ତି।

## ଲଗାଣ ବର୍ଷାରେ ଜୟପିଚ୍ଛୁଳାରେ ଭୟାବହ ପରିସ୍ଥିତି

ଦେବଗଡ଼,୧୮।୦୮(ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ଉଆଁରା ପଞ୍ଚାୟତ ଅନ୍ତର୍ଗତ ଜୟପିଚ୍ଛୁଳା ଗାଁରେ ଲଗାଣ ବର୍ଷା ଯୋଗୁଁ ଭୟାବହ ପରିସ୍ଥିତି ଦେଖାଦେଇଛି। ଗତ କିଛି ଦିନ ଧରି ଲଗାତାର ବର୍ଷା ହେବାରୁ ଗାଁର ଅନେକ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ କିଛି ଘର ଭାଙ୍ଗି ପଡ଼ିଛି। ଫଳରେ ଅନେକ ପରିବାର ନିଜ ଘରେ ରହିବାକୁ ନେଇ ଚିନ୍ତାରେ ପଡ଼ିଛନ୍ତି।ବର୍ଷା ଓ ଘର ଭାଙ୍ଗିବା ଯୋଗୁଁ ଘରର ଆସବାବପତ୍ର ସମେତ ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡ଼ିଛି। ବିଶେଷକରି ଗରିବ ଓ ଅସହାୟ ପରିବାରଗୁଡ଼ିକ ଏହି ବର୍ଷାଜନିତ ବିପର୍ଯ୍ୟୟରେ ଅଧିକ ପ୍ରଭାବିତ ହୋଇଛନ୍ତି। ଘର ଭାଙ୍ଗିଯିବା ପରେ ପରିବାରଗୁଡ଼ିକଙ୍କ ସୁରକ୍ଷିତ ରହଣି ନେଇ ଚିନ୍ତା ବଢ଼ିଛି।ଏଭଳି ଅସୁବିଧା ସମୟରେ ବିଶିଷ୍ଟ



ସମାଜସେବୀ ଅର୍ଣ୍ଣବ ପଣ୍ଡା ଏବଂ ହିସ୍ ଟ୍ରଷ୍ଟ ପ୍ରଭାବିତ ପରିବାରଗୁଡ଼ିକଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି। ପ୍ରଭାବିତ ଲୋକଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଇଥିବାରୁ ସ୍ଥାନୀୟ ଲୋକେ ସମାଜସେବୀ ଓ ଟ୍ରଷ୍ଟର ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଏଥିସହ ବର୍ଷା କ୍ଷୟକ୍ଷତିର ଆକଳନ କରି ପ୍ରଭାବିତ ପରିବାରଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି।

## ରାଜକନିକା ଥାନା ପକ୍ଷରୁ ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ରାଜକନିକା ୧୮/୮/(ନୁରେଇ ଖାନ )ବୈତରଣୀ ନଦୀରେ ତୃତୀୟ ଥର ବନ୍ୟା ଆସିବା ଫଳରେ ଏବେ ନଦୀ କୁଳିଆ ଗାଁର ଲୋକେ ବନ୍ୟା ପାଣିରେ ବନ୍ଦୀ ହୋଇ ରହିଥିବା ବେଳେ ବିପନ୍ନଙ୍କୁ ସହାୟତାରେ ହାତ ବଢ଼ାଇଛି ରାଜକନିକା ଥାନା ତେବେ ବୈତରଣୀ ନଦୀରେ ତୃତୀୟ ଥର ବନ୍ୟା ଆସିବା ପରେ ରାଜକନିକା ବ୍ଲକ ପ୍ରଶାସନ ପକ୍ଷରୁ



ବିପନ୍ନଙ୍କୁ କୌଣସି ସହାୟତା ନ ମିଳିଥିବା ବେଳେ ରାଜକନିକା ଥାନା ପକ୍ଷରୁ ଦୁଇଦିନ ହେବ ଶୁଖିଲା ଖାଦ୍ୟ ସହିତ ପାଣି ବାଣ୍ଟିବାର ନଜର ଆସିଛି ଖବର ମୁତାବକ ରାଜକନିକା ବ୍ଲକ ସାନ ହଳୁପଡା ବାଲିସାହି ଗାଁ ରେ ଗତକାଲି ପଚାଶ ପରିବାରଙ୍କୁ ଭେଟି ସେମାନଙ୍କର ଦୁଃଖ ସମୟରେ ସହାୟତା ଓ ଆଜି ବାରହାଦୋମାଣ୍ଡା ପଞ୍ଚାୟତର କନପୁର ଗାଁ ର ପାଖାପାଖି ଶହେ ପରିବାରଙ୍କୁ ଭେଟି ଶୁଖିଲା ଖାଦ୍ୟ ବାଣ୍ଟିବାର ନଜରକୁ ଆସିଛି ରାଜକନିକା ଥାନା ଅଧିକାରୀ ସଞ୍ଜୟ କୁମାର ମଲିକ ତାଙ୍କର ସହପାଠୀ ମାନଙ୍କୁ ନେଇ କେଉଁଠି ଅଣ୍ଟାଏ ପାଣି ଭିତରେ ବିପନଙ୍କୁ ଭେଟୁଛନ୍ତି ତ କେଉଁଠି ଡ଼ଙ୍ଗା ସାହାଯ୍ୟରେ ଲୋକ ମାନଙ୍କୁ ଭେଟି ସେମାନଙ୍କର କୋହଭରା କଥାରେ ସମବେଦନା ଦେଉଛନ୍ତି ବିପନ୍ନଙ୍କ ବିପଦ ସମୟରର ଦେବଦୂତ ସାଜିଥିବା ଥାନା ଅଧିକାରୀଙ୍କୁ ରାଜକନିକାର ସମସ୍ତ ବୁଦ୍ଧିଜୀବୀ, ଯୁବସମାଜ ଏବଂ ବରିଷ୍ଠଙ୍କ ମହଲରୁ ସୁଢେଚ୍ଛା ସୁଅ ଛୁଟିଛି ।

## ଗୋଟିଏ ରାତିରେ ଦୁଇଟି ଘରୁ ବଡ ଧରଣର ଚୋରି

### ୫୦ ତୁଳା ସୁନା ଅଳଙ୍କାର ସହ ଲକ୍ଷାଧିକ ନଗଦ ଟଙ୍କା ଚୋରି ଅଭିଯୋଗ

କୋରାପୁଟ ୧୮/୦୮ (ଅକ୍ଷର ଓଡିଶା ))କୋରାପୁଟ ମେଘରାଜ ଆପାର୍ଟମେଣ୍ଟରେ ଦୁଇଟି ଘରୁ ବଡ ଧରଣର ଚୋରି ହୋଇଥିବା ଜଣାପଡ଼ିଛି ଘରେ କେହି ନ ଥିବାର ସୁଯୋଗ ନେଇ କଳାକନା ବୁଲାଇଲେ ଦୁର୍ବୃତ୍ତ। କେ ଶ୍ରୀନୁ ନାମକ ବ୍ୟକ୍ତି କୌଣସି କାମରେ ପରିବାର ସହ ବିଶାଖାପାଟଣା ଯାଇଥିଲେ ।ଗତକାଲି ରାତ୍ରିରେ ଘରକୁ ଆସିବା ପରେ ତାଙ୍କ ଘରୁ ସର୍ବସ୍ୱ ଲୁଟ ହୋଇଥିବା ଜାଣିବାକୁ ପାଇଥିଲେ ।ଆଲମିରା ଭାଙ୍ଗି ଏକ ଲକ୍ଷ ନଗଦ ଟଙ୍କା ସହ ୨୦ ତୁଳା ସୁନା ଚୋରି ହୋଇଥିବା ସେ କହିଛନ୍ତି ।ତାଙ୍କ ମାମୁଁ ଏସ ଭାସ୍କର ରାଓ ନିଜ ଦେହ ଅସୁସ୍ଥତା ଯୋଗୁଁ ଗତ ମାସେ ହେବ ବିଶାଖାପାଟଣାରେ ଚିକିତ୍ସିତ ହେଉଥିବାରୁ ଘର ତାଲା ପଡି ରହିଛି ।ଏହାର ସୁଯୋଗରେ ଚୋର ମାନେ ଭାସ୍କର ଙ୍କ ଘରୁ ୩୦ ତୁଳା ସୁନା ଅଳଙ୍କାର ଚୋରି କରିଥିବା ପରିବାରବର୍ଗ କହିଛନ୍ତି ।ଏ ନେଇ ପରିବାର ଲୋକେ ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି ।ଏଥି ନିମନ୍ତେ ଏକ ସ୍ୱତନ୍ତ୍ର ପୋଲିସ ଟିମ ଗଠନ କରାଯାଇଥିବା କୋରାପୁଟ ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ କହିଛନ୍ତି। ପୂର୍ବରୁ ମଧ୍ୟ ମେଘରାଜ ଆପାର୍ଟମେଣ୍ଟରେ ଚୋରି ହୋଇଥିଲା ,ତେଣୁ ରାତ୍ରୀ ପେଟ୍ରୋଲିଂକୁ କଡାକଡି କରିବାକୁ ସାହି ବାସିନ୍ଦା ଦାବି କରିଛନ୍ତି।

## ନାବାଳିକାକୁ ଅପହରଣ ଅଭିଯୋଗ, ଅଭିଯୁକ୍ତ ଯୁବକ ଗିରଫ

ବୁଗୁଡା ୧୮/୦୮/(ଅକ୍ଷର ଓଡିଶା ) ବୁଗୁଡ଼ା ଥାନା ଇଲାକାର ଜନୈକା ନାବାଳିକା ଅପହରଣ କରିନେଇଥିବା ଅଭିଯୋଗରେ ପୋଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗିରଫ ଯୁବକ ଜଣକ ହେଲେ ଜଗନ୍ନାଥ ପ୍ରସାଦ ଥାନା ଅନ୍ତର୍ଗତ କାଦପଡା ଗାଁ ହରିଜନ ସାହିର ଗଣେଶ ନାଇକ (୧୯)। ଏ ନେଇ ପୋଲିସ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଗତ ଅଗଷ୍ଟ ୧ ତାରିଖ ଦିନ ଗଣେଶ ଜଣେ ନାବାଳିକାକୁ ଅପହରଣ କରିନେଇଥିଲା। ଏ ନେଇ ସମ୍ପୃକ୍ତା ନାବାଳିକାର ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲା ବେଳେ ପୋଲିସ ଅଭିଯୁକ୍ତକୁ ତା'ର ଗାଁରୁ ଗିରଫ କରିଥିଲା। ସ୍ଥାନୀୟ ମେଡିକାଲରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଅଭିଯୁକ୍ତ ଯୁବକକୁ କୋର୍ଟ ଚାଲାଣ କରାଯାଇଥିଲା ବେଳେ ଏହି ମାମଲାର ତଦନ୍ତ ଦାୟିତ୍ୱରେ ଏସ୍ଆଇ ଜ୍ୟୋତିଶ୍ରୀ ସାହୁ ରହିଥିବା ଜଣାଯାଇଛି।

## କୁଚିଣ୍ଡା ଅଞ୍ଚଳରେ ପ୍ରବଳ ବର୍ଷା ଜନଜୀବନ ଅସ୍ତବ୍ୟସ୍ତ

କୁଚିଣ୍ଡା ୧୮।୮ (ଚତୁର୍ଭୁଜ ଜୟପୁରିଆ ): କୁଚିଣ୍ଡା ଅଞ୍ଚଳରେ ଦୁଇ ଦିନ ଧରି ଚାଲିଥିବା ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି।



ଅନେକ ଗରିବ ପରିବାରଙ୍କ ଘର ଭୁଷୁଡି ଯାଇଥିବା ବେଳେ ଶହ ଶହ ଏକର ଚାଷୀ ଜମି ବି ପ୍ରଭାବିତ ହୋଇଛି ।କୁଚିଣ୍ଡା ଅଞ୍ଚଳରେ ଗୋଟିଏ ପରେ ଗୋଟିଏ ଲଗାଣ ବର୍ଷାରେ ଗରିବ ପରିବାରଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ପ୍ରବଳ ବର୍ଷା ଯୋଗୁଁ ବିଭିନ୍ନ ଗାଁରେ ଘରଦ୍ୱାର ଭୁଷୁଡ଼ି ପଡ଼ିବା ସହ ଗୋଟିଏ ପରେ ଗୋଟିଏ କ୍ଷୟକ୍ଷତିର ଚିତ୍ର ସାମ୍ନାକୁ ଆସୁଛି। ଅନେକ ପରିବାର ମୁଣ୍ଡ ଗୁଞ୍ଜିବା ପାଇଁ ଥିବା ଘରଟି ମଧ୍ୟ ହରାଇ ବିପଦରେ ପଡ଼ିଥିବା ବେଳେ କେତେକ ପରିବାର ଏବେ ଭଙ୍ଗା ଘର ମଧ୍ୟରେ ଦିନ କାଟୁଥିବା ଜଣାପଡ଼ିଛି। ବର୍ଷା ଆସିବା ପୂର୍ବରୁ ଯେଉଁମାନେ ପକ୍କା ଘର ଆଶାରେ ଦିନ ଗଣୁଥିଲେ, ସେମାନଙ୍କ ମୁଣ୍ଡ ଉପରୁ ଏବେ ଭଙ୍ଗା ଛାତ ଓ କାନ୍ଥର ଆଶ୍ରୟ ମଧ୍ୟ ଚାଲିଯାଉଛି। ସୂଚନା ଅନୁଯାୟୀ, ବଙ୍କମା ପଞ୍ଚାୟତ ଅନ୍ତର୍ଗତ ଠାକୁର ନିକ୍ତିମାଲ ଗ୍ରାମର ଶ୍ରୀମତୀ ନିଖଣ୍ଡିଆଙ୍କ ଘର ଓ ଭେଲୁଆଁପାଲ ଗ୍ରାମର ଦାମ ମାଝୀ ଓ ଖୁଜାର ଠାକୁରଙ୍କ ଘର ବର୍ଷାରେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଛି । ସେହିପରି ଏହି ପଞ୍ଚାୟତର ଅନେକ ଗରିବ ପରିବାରଙ୍କ ଘରଦ୍ୱାର ବର୍ଷାରେ କ୍ଷତିଗ୍ରସ୍ତ ହୋଇଛି। ଘରର କାନ୍ଥ ଓ ଛାତ ଦୁର୍ବଳ ହୋଇପଡ଼ିବାରୁ ପରିବାରଗୁଡ଼ିକ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଅନ୍ୟ ପକ୍ଷରେ ପ୍ରବଳ ବର୍ଷା ଯୋଗୁଁ କୁଚିଣ୍ଡା ବ୍ଲକର ଶହ ଶହ ଏକର ଚାଷ ଜମି ବି ପ୍ରଭାବିତ ହୋଇଥିବା ସୂଚନା ମିଳିଛି, ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ଚାଷ ଜମିର କ୍ଷୟକ୍ଷତିର ଆକଳନ କୃଷି ବିଭାଗ ପକ୍ଷରୁ ଚାଲି ଥିବାରୁ ଏହାର ସଠିକ୍ ତଥ୍ୟ ମିଳିପାରି ନାହିଁ। ଏହି ଘଟଣାଗୁଡ଼ିକ କୁଚିଣ୍ଡା ବ୍ଲକର ବର୍ଷାଜନିତ କ୍ଷୟକ୍ଷତିର ବଢୁଥିବା ଚିତ୍ରକୁ ସାମ୍ନାକୁ ଆଣିଛି। ଏପଟେ ବର୍ଷା ଥମିବାର ନାଁ ନେଉନଥିବାରୁ ଦୁର୍ବଳ ଘରେ ରହୁଥିବା ପରିବାରଙ୍କ ମଧ୍ୟରେ ଭୟ ବଢ଼ିଛି।

## ସାବିତ୍ରୀ ଲାଗୁରିଙ୍କ ବିୟୋଗରେ ଶୋକପ୍ରକାଶ



କେନ୍ଦୁଝର:୧୮/୦୮ (ଦିଲ୍ଲୀପ କୁମାର ସାହୁ) - ବିଶିଷ୍ଟ ସମାଜସେବୀ ତଥା ଧର୍ମପରାୟଣା ମହିଳା, ଚମ୍ପୁଆ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଧନୁର୍ଜ୍ଜୟ ଲାଗୁରିଙ୍କ ଧର୍ମପତ୍ନୀ ସାବିତ୍ରୀ ଲାଗୁରିଙ୍କର ଗତକାଲି ଚମ୍ପୁଆର ରାମଲାସ୍ଥିତ ବାସଭବନରେ ପରଲୋକ ଘଟିଛି। ଦୀର୍ଘ ଦିନଧରି ସେ ବାର୍ଦ୍ଧକ୍ୟଜନିତ କାରଣରୁ ଅସୁସ୍ଥ ରହି ଚିକିତ୍ସିତ ହେଉଥିଲେ। ସ୍ୱର୍ଗତା ଲାଗୁରି ହେଉଛନ୍ତି ରାଜ୍ୟ ଆଦିବାସୀ କଂଗ୍ରେସ ସଭାପତି ତଥା ପୂର୍ବତନ ସାଂସଦ ଯୋଶବନ୍ତ ନାରାୟଣ ସିଂ ଲାଗୁରିଙ୍କ ମାଆ। ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେହିପରି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବରିଷ୍ଠ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସଭାପତି ମନୋଜ ଜେନା, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାଏକ, ଜିଲ୍ଲା କଂଗ୍ରେସ ଉପସଭାପତି ସୁବ୍ରତ କୁମାର ଚକ୍ର, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ କୁମାର ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, କଂଗ୍ରେସ ଜିଲ୍ଲା ସମ୍ପାଦକ ସୁଢଳ କୁମାର ସେଠୀ, ସଦର ବ୍ଲକ କଂଗ୍ରେସ ସଭାପତି ଉତ୍ତମ ସାହୁ ପ୍ରମୁଖ ଶୋକପ୍ରକାଶ କରିଛନ୍ତି ।

## ଗାଁ ମୁହାଁ ଭାଲୁ, ରାଜପଥ କଡ଼ରେ ୩ ଭାଲୁଙ୍କ ଚଳପ୍ରଚଳ

ରାଇଘର:୧୮/୦୮(ଭୁବନେଶ୍ୱର ସୁନାନୀ) ଉମରକୋଟ ,ରାଇଘର ୪୦ ନମ୍ବର ରାଜ୍ୟ ରାଜପଥର ଡାଇବେଢା ନିକଟରେ ୩ଟି ଭାଲୁ ବୁଲୁଥିବା ଦେଖି ଆତଙ୍କିତ ଅଞ୍ଚଳବାସୀ। ନବରଙ୍ଗପୁର ଜିଲ୍ଲା ଉମରକୋଟ ,ରାଇଘର ୪୦ ନମ୍ବର ରାଜ୍ୟ ରାଜପଥର ବେହାଡ଼ ନିକଟସ୍ଥ ଡାଇବେଢା ଠାରେ ଏକାସାଙ୍ଗରେ ୩ଟି ଭାଲୁ



ବୁଲୁଥିବା ଦେଖିବାକୁ ମିଳିଛି। ରାଜପଥ କଡ଼ରେ ଭାଲୁଙ୍କ ଚଳପ୍ରଚଳ ଯୋଗୁଁ ଯାତାୟାତ କରୁଥିବା ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ ସୃଷ୍ଟି ହୋଇଛି ।ଭାଲୁମାନେ ଜଙ୍ଗଲରୁ ବାହାରି ଗାଁ ଓ ରାଜପଥ ମୁହାଁ ହେଉଥିବାରୁ ସ୍ଥାନୀୟ ଲୋକେ ସତର୍କ ହୋଇଛନ୍ତି। ଏଭଳି ପରିସ୍ଥିତିରେ ବନ ବିଭାଗ ପକ୍ଷରୁ ଘଟଣାସ୍ଥଳରେ ନଜର ରଖିବା ସହ ଲୋକଙ୍କୁ ସଚେତନ କରିବାକୁ ଦାବି ହୋଇଛି ।ଜଙ୍ଗଲ ଛାଡ଼ି ଗାଁ ମୁହାଁ ଭାଲୁ ରାଜପଥ କଡ଼ରେ ତିନି ଭାଲୁଙ୍କ ଚଳପ୍ରଚଳ ଏବେ ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ାଇଛି।

ଅକ୍ଷର
AKHYARA ODISHA ଓଡ଼ିଶା

# ହାଟଡିହିରେ ବ୍ଲକ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ

ହାଟଡିହି:୧୮/୮ (ଅମୀୟ ବରାଳ) - ହାଟଡିହି ବ୍ଲକ ପରିସରରେ ବ୍ଲକ ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଡିଓ ରଂଜନ କୁମାର ପରିଡ଼ାଙ୍କ ସଂଯୋଜନାରେ ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ଛାତ୍ର ଛାତ୍ରୀ



ମାନେ ସମାଜ ଗଠନ ଦିଗରେ ଆଗାମୀ କାଲିର ଭବିଷ୍ୟତ ବୋଲି ନିଜର ବକ୍ତବ୍ୟ ରଖି ଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ସୁକାନ୍ତି ଜେନା, କୌଶଲ୍ୟା ସେଠୀ, ବିଜେପି ନେତା ଆଲୋକ ସେଠୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ପ୍ୟାରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସରସ୍ୱତୀ ଶିଶୁ ମନ୍ଦିର ହାଟଡିହି, ଜଳକଳଙ୍କ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ହାଟଡିହି ହାଇସ୍କୁଲ ର ଛାତ୍ର ଛାତ୍ରୀ ମାନଙ୍କ ସହିତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ୟାରେଡ୍ ରେ ଅଂଶ ଗ୍ରହଣ କରିଥିବା ବେଳେ ସମସ୍ତଙ୍କ ମୁଖରୁ ଦେଶ ପ୍ରେମ୍ ଜାଗରଣର ସଙ୍ଗୀତ ବ୍ଲକ ପରିସରରେ ମୁଖରିତ କରିଥିଲା।ଏହି କାର୍ଯ୍ୟକ୍ରମକୁ ପ୍ରତାପ କୁମାର ବୈଇଠା, ପ୍ରଶାନ୍ତ ସେଠୀ,ସୁଦର୍ଶନ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

# କେନ୍ଦୁଝର କାରାଗାରରେ କେନ୍ଦୁଝର ଫିଲ୍ମ ଏକାଡେମୀର ନିଆରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ

କେନ୍ଦୁଝର ସଦର, ୧୮/୮ (ମନୋଜ କୁମାର ପଟେଲ): କାରାଗାରର ଚାରିକାନ୍ଥ ଭିତରେ ବନ୍ଦୀ ଜୀବନ ବିତାଉଥିବା ଅନ୍ତେବାସୀଙ୍କ ମନରେ ଖୁସି ଓ ଆନନ୍ଦର ମୁହୂର୍ତ୍ତ ସୃଷ୍ଟି କରିବା ସହ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତ ସହ ଯୋଡ଼ିବା ଉଦ୍ଦେଶ୍ୟରେ କେନ୍ଦୁଝର ଫିଲ୍ମ ଏକାଡେମୀ ପକ୍ଷରୁ କେନ୍ଦୁଝର ଜେଲ୍ ପରିସରରେ ଏକ ନିଆରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ କେନ୍ଦୁଝର ଫିଲ୍ମ ଏକାଡେମୀର ସଦସ୍ୟ ଓ ସଦସ୍ୟାମାନେ ପ୍ରାୟ ଦୁଇ ଘଣ୍ଟା ଧରି ଜେଲ୍‌ର ଅନ୍ତେବାସୀ ଏବଂ ଅନ୍ତେବାସିନୀମାନଙ୍କ ସହ ସମୟ ବିତାଇଥିଲେ । ସାଧାରଣତଃ ଜେଲ୍ ଜୀବନରେ ମାନସିକ ଚାପ ମଧ୍ୟରେ ରହୁଥିବା ଅନ୍ତେବାସୀମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଏକ ଭିନ୍ନ ଅନୁଭୂତି ଆଣିଥିଲା । କାର୍ଯ୍ୟକ୍ରମରେ ସଙ୍ଗୀତ 'ଜଣା-ଅଜଣା' ସମେତ ବିଭିନ୍ନ ମନୋରଞ୍ଜନ ଓ ସାଂସ୍କୃତିକ ପରିବେଷଣ ହୋଇଥିଲା । ଫିଲ୍ମ ଏକାଡେମୀର କଳାକାରମାନେ ନିଜର ପ୍ରତିଭା ପ୍ରଦର୍ଶନ କରିବା ସହ ଅନ୍ତେବାସୀ ଓ ଅନ୍ତେବାସିନୀମାନଙ୍କୁ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ କରିଥିଲେ । ଫଳରେ କାରାଗାର ପରିସର କିଛି ସମୟ ପାଇଁ ହସ, ଖୁସି ଓ ଆନନ୍ଦରେ ଭରିଯାଇଥିଲା । ଏହି କାର୍ଯ୍ୟକ୍ରମ କେବଳ ମନୋରଞ୍ଜନରେ ସୀମିତ ନ ରହି ଅନ୍ତେବାସୀମାନଙ୍କ ମନରେ ଆତ୍ମବିଶ୍ୱାସ, ସକାରାତ୍ମକ ଚିନ୍ତା ଓ ସମାଜ ପ୍ରତି ନୂଆ ଆଶା ସୃଷ୍ଟି





କରିବାର ଏକ ପ୍ରୟାସ ବୋଲି ଆୟୋଜକମାନେ କହିଛନ୍ତି । କାରାଗାରରେ ଥିବା ବ୍ୟକ୍ତିମାନେ ମଧ୍ୟ ସମାଜର ଏକ ଅଂଶ ଏବଂ ସେମାନଙ୍କ ମନରେ ମାନବିକତା, କଳା ଓ ସୃଜନଶୀଳତାର ଭାବନାକୁ ଜାଗ୍ରତ କରିବା ଆବଶ୍ୟକ ବୋଲି ଏହି ପଦକ୍ଷେପ ଏକ ବାର୍ତ୍ତା ଦେଇଛି । କାର୍ଯ୍ୟକ୍ରମରେ କେନ୍ଦୁଝର ଫିଲ୍ମ ଏକାଡେମୀର ସଭାପତି ସ୍ମୃତି ବାନାର୍ଜୀ, ଉପ ସଭାପତି ପଦ୍ମ ଲୋଚନ ଉବକ୍ଷବସ ,ଉପଦେଷ୍ଟା ମାନସ ରଞ୍ଜନ ପଣ୍ଡା, ଦେବବ୍ରତ ପାଢୀ, ରାଜେଶ ରଣା, ମନୋଜ କୁମାର ପଟେଲ, ଶୀତଳ ପତି, ରାଜଶ୍ରୀ ବଦ୍ରା,ଅକ୍ଷୟ ହୋତା, ସଞ୍ଜୟ ଜେନା ଇନ୍ଦ୍ରମଣି ଜେନା ସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଏହାକୁ ସଫଳ କରିଥିଲେ । ସେହିପରି କାରାଗାର ଅଧୀକ୍ଷକ,ଜେଲର ଙ୍କ ସମେତ ଜେଲ୍‌ର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ସମସ୍ତେ ଏହାକୁ ଏକ ନିଆରା ଓ ସ୍ମରଣୀୟ ଅନୁଭୂତି ବୋଲି ବର୍ଣ୍ଣନା କରିଥିଲେ । କାରାଗାରର ଅନ୍ତେବାସୀଙ୍କ ମଧ୍ୟରେ ଖୁସିର ମୁହୂର୍ତ୍ତ ସୃଷ୍ଟି କରିବା ସହ ସେମାନଙ୍କୁ ମୁଖ୍ୟସ୍ରୋତ ସହ ଯୋଡ଼ିବା ଦିଗରେ କେନ୍ଦୁଝର ଫିଲ୍ମ ଏକାଡେମୀର ଏହି ପ୍ରୟାସକୁ ଏକ ସକାରାତ୍ମକ ଓ ମାନବିକ ପଦକ୍ଷେପ ଭାବେ ଦେଖାଯାଉଛି ।

# ଜୁଡିଆ ଘାଟିରେ ଯାତାୟତ ସ୍ୱାଭାବିକ ହେଲା

କେନ୍ଦୁଝର:୧୮/୮(ଦିଲ୍ଲୀପ କୁମାର ସାହୁ) - ଲଘୁଚାପ ଜନିତ ଲଗାଣ ବର୍ଷା କାରଣରୁ କେନ୍ଦୁଝର ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥ ସଦର ଥାନା ଅନ୍ତର୍ଗତ ଜୁଡିଆ ଘାଟିରେ ଭୂସ୍ଖଳନ ଘଟି ଗତ ଦୁଇଦିନ ହେଲା ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଉକ୍ତ ୪୯ ନଂ ଜାତୀୟ ରାଜପଥ ମୁମ୍ବାଇ-କୋଲକାତା ସଂଯୋଗ ହୋଇଥିବା ବେଳେ, ରାସ୍ତାଟି ପ୍ରାୟ ସବୁ ସମୟରେ ବ୍ୟସ୍ତ ରହିଥାଏ। ରାସ୍ତାର ଗୋଟିଏ ପାର୍ଶ୍ୱରେ ଅତ୍ୟନ୍ତ ବିପଦପୂର୍ଣ୍ଣ ଭାବରେ ଗାଡ଼ିମୋଟର ଚଳାଚଳ କରୁଥିବା ବେଳେ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ମେସିନ ଲଗାଇ ରାସ୍ତାରୁ ପଥର ଏଂ ମାଟି ଉଠାଯିବା ସହ ରାସ୍ତା ସଫା କାମ ଜାରି ରହିଛି। ବର୍ଷା ଲାଗି ରହିଥିବାରୁ ଅଧିକ ଭୂସ୍ଖଳନ ଆଶଙ୍କା ରହିଥିବାରୁ ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। ଲଗାଣ ବର୍ଷା ଯୋଗୁଁ ପାହାଡ଼ର ମାଟି



ନରମ ରହିଛି। ପୁନର୍ବାର ଭୂସ୍ଖଳନ ଆଶଙ୍କା ଥିବାରୁ, ଶ୍ରମିକ ଓ ଯନ୍ତ୍ରପାତିର ସୁରକ୍ଷା ପାଇଁ ତରବରିଆ ଭାବେ ମାଟି ଓ ପଥର ହଟାଇବା ବିପଜ୍ଜନକ ଥିଲା। ପରିସ୍ଥିତି ଅନୁକୂଳ ହେବା ପରେ ଡାହାଣ ପାର୍ଶ୍ୱ ଦେଇ ଗାଡ଼ି ଚଳାଚଳ ସ୍ୱାଭାବିକ କରାଯାଇଛି। ସମସ୍ତ ୮ଟି କ୍ଷତିଗ୍ରସ୍ତ ସ୍ଥାନରେ ପୁନରୁଦ୍ଧାର କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

# ବୈତରଣୀ ନଦୀର ଜଳସ୍ତର ବିପଦ ସଂକେତ ଉପରେ ଭୟଭୀତ ଜିଲ୍ଲାବାସୀ



କେନ୍ଦୁଝର:୧୮/୮(ଦିଲ୍ଲୀପ କୁମାର ସାହୁ) - ଲଘୁଚାପଜନିତ ଲଗାଣ ବର୍ଷା କାରଣରୁ ସମଗ୍ର କେନ୍ଦୁଝର ଜିଲ୍ଲା ଜଳାର୍ଣ୍ଣବ ହୋଇ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିବା ବେଳେ, ଜିଲ୍ଲାର ବିଭିନ୍ନ ନଦୀନାଳରେ ବର୍ଷାଜଳ ବିପଦ ସଂକେତ ଉପରେ ପ୍ରବାହିତ ହେଉଅଛି। ସେହିଭଳି ଜିଲ୍ଲାର ପ୍ରମୁଖ ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି, ଯାହା ପ୍ରସାଶନ ଏଂ ଜନସାଧାରଣଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।ବୈତରଣୀ ନଦୀର ଚମ୍ପୁଆ ଠାରେ ବିପଦ ସଂକେତ ସ୍ତର ୩୭୬.୪୧ ମିଟର ଥିବାବେଳେ,ପୂର୍ବାହ୍ନ ୯ ଘଟିକାରେ ୩୭୪.୪୦ ମିଟର, ପୂର୍ବାହ୍ନ ୧୦ ଟାରେ ୩୭୪.୩୦ ମିଟର, ପୂର୍ବାହ୍ନ ୧୧ ଟାରେ ୩୭୪.୨୦ ମିଟର ଏବଂ ମଧ୍ୟାହ୍ନ ୧୨ ଘଟିକାରେ ୩୭୪.୧୦ ମିଟର ଜଳ ପ୍ରବାହିତ ହୋଇଥିବା ରେକର୍ଡ କରାଯାଇଛି ଏବଂ ସେଠାରେ ଜଳସ୍ତର ହ୍ରାସ ପାଉଥିବା ଦେଖାଯାଇଛି। ସେହିଭଳି ବୈତରଣୀ ନଦୀର ପାଟଣାଠାରେ ବିପଦ ସଂକେତ ସ୍ତର ୩୧୧.୧୦ ମିଟର ଥିବାବେଳେ, ପୂର୍ବାହ୍ନ ୯ ଘଟିକାରେ ୩୧୧.୨୨ ମିଟର, ପୂର୍ବାହ୍ନ ୧୦ ଘଟିକାରେ ୩୧୧.୩୨ ମିଟର, ପୂର୍ବାହ୍ନ ୧୧ ଘଟିକାରେ ୩୧୧.୪୧ ମିଟର ଏବଂ ମଧ୍ୟାହ୍ନ ୧୨ ଘଟିକାରେ ୩୧୧.୪୫ ମିଟର ବନ୍ୟାଜଳ ପ୍ରବାହିତ ହୋଇ ସେଠାରେ ବିପଦ ସଂକେତ ଉପରକୁ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି ଏବଂ ବୈତରଣୀ ନଦୀର ଆନନ୍ଦପୁର ଠାରେ ବିପଦ ସଙ୍କେତ ସ୍ତର ୩୮.୩୬ ମିଟର ରହିଥିା ବେଳେ, ସେଠାରେ ପୂର୍ବାହ୍ନ ୯ ଘଟିକାରେ ୩୮.୭୦ ମିଟର, ପୂର୍ବାହ୍ନ ୧୦ ଘଟିକାରେ ୩୮.୭୮ ମିଟର, ପୂର୍ବାହ୍ନ ୧୧ ଘଟିକାରେ ୩୮.୮୮ ମିଟର ଏବଂ ମଧ୍ୟାହ୍ନ ୧୨ ଟାରେ ୩୯.୧୦ ମିଟରକୁ ବୃଦ୍ଧିପାଇ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି।

# ନଦୀ ବଢ଼ିରେ ଧୋଇଗଲା ରାସ୍ତା ଯାତାୟାତ ବାଧାପ୍ରାପ୍ତ

ହରିଚନ୍ଦନପୁର ୧୮/୮(ଶୂନ୍ୟରଞ୍ଜନ ଘଣା ) କାନିଝର ନଦୀରେ ବଢ଼ି ଆସିବା ଯୋଗୁଁ ହରିଚନ୍ଦନପୁର ବ୍ଲକ ଜୁଙ୍ଗା ଗ୍ରାମ ପଞ୍ଚାୟତର



ବାରହାକୁଦର ସାହିକୁ ଯାଇଥିବା ରାସ୍ତା ଧୋଇ ହୋଇଯାଇଛି। ବଢ଼ି ପାଣିର ପ୍ରଖର ସ୍ରୋତରେ ରାସ୍ତାର ବହୁ ଅଂଶ ମାଟି ଧୋଇଯାଇ ଗଭୀର ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଗ୍ରାମବାସୀଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସ୍କୁଲ ପିଲା ମାନେ ଯିବା ଆସିବା କରିବା।ଗାଁ କୁ ଆମ୍ବୁଲାନ୍ସ ଯାଇ ପାରୁନି କି ମଟର ସାଇକେଲ ମଧ୍ୟ ଯାଇ ପାରୁନାହିଁ।ନାହିଁ ନଥିବା ଦୁଃଖ ଭୋଗୁଛନ୍ତି ସାହି ବାସି ରାସ୍ତାଟିକୁ ତୁରନ୍ତ ମରାମତି କରି ଯାତାୟାତ ଯୋଗ୍ୟ କରିବାକୁ ଗ୍ରାମବାସୀ ଜୁଙ୍ଗା ସରପଞ୍ଚ ଓ ପ୍ରଶାସନ କୁ ଦାବି କରିଛନ୍ତି।

# ଶ୍ରମିକଙ୍କ ଆକସ୍ମିକ ମୃତ୍ୟୁ ଘଟଣା
# ନ୍ୟାୟ ଦାବିରେ ଓଡ଼ିଶା ସ୍ପଞ୍ଜ ପ୍ଲାଣ୍ଟ ଗେଟ୍ ସମ୍ମୁଖରେ ଶବ ରଖି ପରିବାରର ଧାରଣା





କେନ୍ଦୁଝର ସଦର ୧୭/୦୮ (ମନୋଜ କୁମାର ପଟେଲ): ପଳାସପଙ୍ଗା ସ୍ଥିତ ଓଡ଼ିଶା ସ୍ପଞ୍ଜ ପ୍ଲାଣ୍ଟରେ କାର୍ଯ୍ୟରତ ଥିବା ବାରିଆ ଥାନା କେନ୍ଦୁଆ ଗ୍ରାମର ସୁନାରାମ ମୁଣ୍ଡାଙ୍କ ଆକସ୍ମିକ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ ନ୍ୟାୟ ଓ ଉପଯୁକ୍ତ କ୍ଷତିପୂରଣ ଦାବିରେ ପରିବାର ଲୋକେ ପ୍ଲାଣ୍ଟର ଫାଟକ ସମ୍ମୁଖରେ ମୃତଦେହ ରଖି ଧାରଣାରେ ବସିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, କେନ୍ଦୁଆ ଗ୍ରାମର ସୁନାରାମ ମୁଣ୍ଡା ପଳାସପଙ୍ଗା ସ୍ଥିତ ଓଡ଼ିଶା ସ୍ପଞ୍ଜ ପ୍ଲାଣ୍ଟରେ କାର୍ଯ୍ୟରତ ଥିଲେ। ତେବେ କାର୍ଯ୍ୟରତ ଥିବା ସମୟରେ ତାଙ୍କର ଗତକାଲି ଆକସ୍ମିକ ମୃତ୍ୟୁ ଘଟିଥିବା ପରିବାର କୁ ସୂଚନା ଦେଇଥିଲେ। ତାଙ୍କ ମୃତ୍ୟୁର ପ୍ରକୃତ କାରଣ କ'ଣ ଏବଂ କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା, ସେନେଇ ସ୍ପଷ୍ଟ ସୂଚନା ଏପର୍ଯ୍ୟନ୍ତ ମିଳିନାହିଁ। ସୁନାରାମଙ୍କ ମୃତ୍ୟୁ ପରେ ପରିବାର ଲୋକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଥିବା ବେଳେ ଘଟଣାକୁ ନେଇ ଅସନ୍ତୋଷ ମଧ୍ୟ ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ, ମୃତ୍ୟୁର ପ୍ରକୃତ କାରଣର ତଦନ୍ତ ଏବଂ ପରିବାରର ଭବିଷ୍ୟତ ସୁରକ୍ଷା ପାଇଁ ଉପଯୁକ୍ତ ସହାୟତା ଓ କ୍ଷତିପୂରଣ ଦାବି କରି ପରିବାର ପକ୍ଷରୁ ପ୍ଲାଣ୍ଟ ଗେଟ୍ ସମ୍ମୁଖରେ ମୃତଦେହ ରଖାଯାଇ ଧାରଣା ଦିଆଯାଇଛି।ପରିବାର ଲୋକଙ୍କ ଅଭିଯୋଗ ଓ ଦାବିକୁ ନେଇ ପ୍ଲାଣ୍ଟ ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଘଟଣାସ୍ଥଳରେ ପ୍ରଶାସନ ଓ ପୁଲିସ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିବା ସହ ଆଲୋଚନା ମାଧ୍ୟମରେ ସମାଧାନର ଉଦ୍ୟମ କରିବା ଆଶା କରାଯାଉଛି। ମୃତକଙ୍କ ମୃତ୍ୟୁ କାର୍ଯ୍ୟସ୍ଥଳୀ ସହ ସିଧାସଳଖ ଭାବେ ଜଡ଼ିତ କି ନାହିଁ, ଏହା ତଦନ୍ତ ପରେ ସ୍ପଷ୍ଟ ହେବ । ତେଣୁ ଘଟଣାର ନିରପେକ୍ଷ ତଦନ୍ତ ସହ ମୃତ୍ୟୁର ପ୍ରକୃତ କାରଣ ସାମ୍ନାକୁ ଆସିବା ଏବଂ ଯଦି କାର୍ଯ୍ୟସ୍ଥଳୀରେ କୌଣସି ଅବହେଳା କିମ୍ବା ଅନିୟମିତତା ରହିଥାଏ, ତେବେ ଦାୟୀ ପକ୍ଷ ବିରୋଧରେ ଆଇନସମ୍ମତ ପଦକ୍ଷେପ ନିଆଯିବାକୁ ପରିବାର ପକ୍ଷରୁ ଦାବି ଉଠିଛି । ଏହି ଘଟଣା ଶିଳ୍ପାଞ୍ଚଳରେ କାର୍ଯ୍ୟରତ ଶ୍ରମିକମାନଙ୍କ ସୁରକ୍ଷା ଓ କାର୍ଯ୍ୟସ୍ଥଳୀରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣିଥରେ ପ୍ରଶ୍ନ ଉଠାଇଛି। ଅପରପକ୍ଷେ, ତଦନ୍ତ ପରେ ହିଁ ସୁନାରାମ ମୁଣ୍ଡାଙ୍କ ମୃତ୍ୟୁର ପ୍ରକୃତ କାରଣ ଏବଂ ଏଥିରେ କାହାର ଦାୟିତ୍ୱ ରହିଛି ତାହା ଜଣାପଡିବ ।

# ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବାଜପେୟୀଙ୍କ ଜନ୍ମତିଥି ପାଳନ





ହାଟଡିହି: ୧୮/୮ (ଅମୀୟ ବରାଳ)- ଭାରତ ବର୍ଷର ଯଶସ୍ୱୀ ଲୋକପ୍ରିୟ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଙ୍କ ୮ ତମ ପୂର୍ଣ୍ଣତୀଥି ଆଜି ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦ କାର୍ଯ୍ୟାଳୟ ଠାରେ ବରିଷ୍ଠ ବିଜେପି ନେତା ଶ୍ରୀ ହେମନ୍ତ କୁମାର ମଲ୍ଲିକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ର ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ , ଭାରତ ବର୍ଷର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳଜୀଙ୍କ ଶାସନ କାଳରେ ଭାରତ ବର୍ଷ ଆର୍ଥିକ କ୍ଷେତରେ, ଶିକ୍ଷା କ୍ଷେତ୍ରରେ, ପ୍ରତିରକ୍ଷା, ରାସ୍ତା ଘାଟ ପ୍ରଭୃତି ରେ ବ୍ୟାପକ ବିକାଶ ହେଇଥିଲା ବୋଲି ଶ୍ରୀ ମହେଶ୍ୱର ସାହୁ ତାଙ୍କର ଭାଷଣରେ କହିଥିଲେ ହ। ଏହି କାର୍ଯ୍ୟକ୍ରମରେ ଶ୍ରୀ ବିନୋଦ ବିହାରୀ ମିଶ୍ର, ବିନୋଦ କୁମାର ଦାସ, ଆନନ୍ଦପୁର ଓକିଲ ସଂଘ ର ସଭାପତି ଶ୍ରୀ ଦୟାନିଧି ଦାଶ, ଯଜ୍ଞ ପ୍ରସାଦ ସାହୁ, ପ୍ରାଣବନ୍ଧୁ ସାହୁ, କୈଳାସ ଚନ୍ଦ୍ର ନାୟକ, ରାଜେନ୍ଦ୍ର କୁମାର ସାହୁ, ବିରଞ୍ଚି ନାରାୟଣ ପାତ୍ର, ରବିନ୍ଦ୍ର କୁମାର ସାହୁ, ଗଗନ ବିହାରୀ ସାହୁ, ଦିଲ୍ଲୀପ କୁମାର ସିଂହ, ଶ୍ରୀଧର ସାହୁ, ଆନନ୍ଦ କୁମାର ପାଢ଼ୀ, ଅଜୟ କୁମାର ସେଠୀ, ସଚିନ ମଲ୍ଲିକ, ଯଶୋବନ୍ତ ଦାସ, ଶରତ ଚନ୍ଦ୍ର ପାତ୍ର, ଅକ୍ଷୟ କୁମାର ସାମଲ, ଅକ୍ଷୟ ରାମ, ବାଇଧର ସାହୁ, ଉଦ୍ଧବ ସାହୁ, ରାହାସ ବିହାରୀ ସ୍ୱବକ୍ଷକ୍ତ୍ର, ଶ୍ରୀମତୀ ପ୍ରଣୟିନୀ ବର୍ମା, ବବିତା ଶତପଥୀ,ଅଳକା ମହାନ୍ତି, କନକଲତା ଦେହେରୀ ପ୍ରମୁଖ ଶତାଧିକ କାର୍ଯ୍ୟକତା ଯୋଗଦେଇ ଥିଲେ।

# ଚମ୍ପୁଆ କୋର୍ଟ ପରିସରରେ 'ନିଶାମୁକ୍ତ ଭାରତ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ

ଚମ୍ପୁଆ -୧୮/୮(ରାମକୃଷ୍ଣ ଜିତ ):- ଚମ୍ପୁଆ କୋର୍ଟ ପରିସରରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ସମାଜରୁ ନିଶାଦ୍ରବ୍ୟର ଅପବ୍ୟବହାରକୁ ରୋକିବା ଏବଂ ଏକ ସୁସ୍ଥ ସମାଜ



ଗଠନ କରିବା ଲକ୍ଷ୍ୟରେ ଏହି ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।ଶ୍ରୀ ବିଭୁତି ଭୂଷଣ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଡିଜେ ପ୍ରଣୟ କୁମାର ଦାସ, ସବ ଜଜ ଜିତେନ୍ଦ୍ର କୁମାର ଦାସ, ଏସ ଡି ଜେ ଏମ ସଦନଜିତ ପଣ୍ଡା, ଏବଂ ଜେ ଏମ ଏଫ୍ ସି ସୁଶ୍ରୀ ସସ୍ମିତା ମିଶ୍ର ପ୍ରମୁଖ ବିଚାରପତି ମାନେ ଯୋଗ ଦେଇଥିଲେ। ଏହା ସହିତ ବରିଷ୍ଠ ଆଇନଜୀବି ରମେଶ ଚନ୍ଦ୍ର ପ୍ରଧାନ, ପ୍ରିୟନାଥ ପତିଙ୍କ ସମେତ ଚମ୍ପୁଆ ଓକିଲ ସଂଘର ସମସ୍ତ ଓକିଲ ଏବଂ କୋର୍ଟ କର୍ମଚାରୀମାନେ ଏଥିରେ ଉପସ୍ଥିତ ଥିଲେ। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଅବଦୁଲ ଖାନ ଓ ରାମକୃଷ୍ଣ ଜିତ ପ୍ରମୁଖ ସୂଚାରୁରୂପେ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ କୋର୍ଟର ବିଚାରପତି, ଆଇନଜୀବୀ ଏବଂ ବିଭିନ୍ନ ବିଭାଗର କର୍ମଚାରୀଙ୍କ ସମେତ ଉପସ୍ଥିତ ସମସ୍ତ ସଦସ୍ୟ ଏକତ୍ରିତ ହୋଇ ନିଶାମୁକ୍ତ ଭାରତ ଗଠନ ପାଇଁ ସଂକଳ୍ପ ନେଇଥିଲେ। ଦେଶକୁ ନିଶାମୁକ୍ତ କରିବା ପାଇଁ ସମସ୍ତେ ମିଳିତ ଭାବେ ଶପଥ ପାଠ କରିବା ସହ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସମାଜର କଲ୍ୟାଣ ଏବଂ ଆଗାମୀ ପିଢ଼ିର ସୁରକ୍ଷା ପାଇଁ ଏଭଳି ଅଭିଯାନ ଅତ୍ୟନ୍ତ ଜରୁରୀ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି।

# ଲଗାଣ ବର୍ଷାର କୋପ ଚମ୍ପୁଆର ଭଣ୍ଡା ଗ୍ରାମରେ ଭାଙ୍ଗିଲା ଗରିବର ଆଶ୍ରୟ, ଅଳ୍ପକେ ବର୍ତ୍ତିଲେ ପରିବାର



ଚମ୍ପୁଆ:- ୧୮/୮(ରାମକୃଷ୍ଣ ଜିତ ):-ରାଜ୍ୟରେ ଜାରି ରହିଥିବା ଲଘୁଚାପଜନିତ ଲଗାଣ ବର୍ଷା ଏବେ ଗରିବ ଓ ଅସହାୟଙ୍କ ଉପରେ ଦାଉ ସାଜିଛି। କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ଭଣ୍ଡା ଗ୍ରାମପଞ୍ଚାୟତ ୬ ନମ୍ବର ୱାର୍ଡ ବାଙ୍କି ସାହିରେ ଘଟିଛି ଏକ ହୃଦୟବିଦାରକ ଘଟଣା। ବର୍ଷାରେ ଭିଜି ଦୁର୍ବଳ ହୋଇପଡ଼ିଥିବା ମାଟି କାନ୍ଥ ହଠାତ୍ ରାତିରେ ଭୁଶୁଡ଼ି ପଡ଼ିବାରୁ ଶାନ୍ତିଲତା ମହାନ୍ତଙ୍କ ଘର ସମ୍ପୂର୍ଣ୍ଣ ଚୂରମାର୍ ହୋଇଯାଇଛି। ସୌଭାଗ୍ୟବଶତଃ, ମୃତ୍ୟୁର ମୁଖରୁ ପରିବାରର ସମସ୍ତ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଥିଲେ ହେଁ, ସେମାନଙ୍କ ଶେଷ ସମ୍ବଳ ଏବେ ମାଟିତଳେ ଦବି ରହିଛି। ଦିନମଜୁରି କରି ଦୁଇ ଓଳି ଦୁଇ ମୁଠା ଖାଇବାକୁ ସଂଘର୍ଷ କରୁଥିବା ଏହି ଆର୍ଥିକ ଅନାଟନଗ୍ରସ୍ତ ପରିବାରର ସମସ୍ତ ଗୃହୋପକରଣ ଓ ଜରୁରୀ ଜିନିଷପତ୍ର କାନ୍ଥ ତଳେ ଚାପି ହୋଇ ନଷ୍ଟ ହୋଇଯାଇଛି। ଲଗାଣ ବର୍ଷା ଜାରି ରହିଥିବାରୁ ଘରର ଅବଶିଷ୍ଟ ଦୁର୍ବଳ ଅଂଶଟି ବି ଯେକୌଣସି ମୁହୂର୍ତ୍ତରେ ଭୁଶୁଡ଼ିଯିବା ଆଶଙ୍କା ସୃଷ୍ଟି ହୋଇଛି। ଆଶ୍ରୟହୀନ ହୋଇପଡ଼ିଥିବା ଏହି ପରିବାର ଏବେ ଜୀବନ ବଞ୍ଚାଇବା ପାଇଁ ଖୋଲା ଆକାଶ ତଳେ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି। ଏହି ଘଟଣା ଗ୍ରାମାଞ୍ଚଳରେ ରହୁଥିବା ଗରିବ ପରିବାରଗୁଡ଼ିକର ସୁରକ୍ଷା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ପ୍ରଶାସନ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରନ୍ତୁ ଏବଂ ଅସହାୟ ପରିବାରକୁ ତୁରନ୍ତ ସୁରକ୍ଷିତ ଆଶ୍ରୟ, ରିଲିଫ୍ ଓ ଆର୍ଥିକ ସହାୟତା ଯୋଗାଇ ଦିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

# ପୋଲ ଭାଙ୍ଗି ବିଚ୍ଛିନ୍ନ ହେଲା ମଙ୍ଗଳପୁର ଓ ପଡୁଆ, ବିପଦ ସଙ୍କୁଳ ସ୍ଥିତିରେ ଆଶଙ୍କା ଭିତରେ ଦିନ କାଟୁଛନ୍ତି ଗ୍ରାମବାସୀ

ଚମ୍ପୁଆ : -୧୮/୮(ରାମକୃଷ୍ଣ ଜିତ):- ଲଗାଣ ବର୍ଷା ଯୋଗୁଁ କେନ୍ଦୁଝର ଜିଲ୍ଲା ଚମ୍ପୁଆ ତହସିଲ ଅଧୀନ ଭୀମପୁର ରାଜସ୍ୱ ସର୍କଲରୁ ଆସିଛି ଏକ ହୃଦୟବିଦାରକ ଖବର। ବର୍ଷାର ପ୍ରକୋପରେ



ମଙ୍ଗଳପୁର ଓ ପଡୁଆ ପଞ୍ଚାୟତକୁ ସଂଯୋଗ କରୁଥିବା ମୁଖ୍ୟ ପୋଲଟି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ପୋଲଟି ଭାଙ୍ଗିଯିବା ଫଳରେ ଦୁଇଟି ପଞ୍ଚାୟତର ହଜାର ହଜାର ଲୋକଙ୍କ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ଦୈନନ୍ଦିନ କାମ, ସାପ୍ତାହିକ ହାଟ, ହସ୍ପିଟାଲ, ବ୍ୟାଙ୍କ ଓ ସ୍କୁଲ-କଲେଜ ଉପରେ ନିର୍ଭର କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ଏବେ ବାହାର ଦୁନିଆରୁ ବିଚ୍ଛିନ୍ନ ହୋଇ ଯନ୍ତ୍ରଣାଦାୟକ ସ୍ଥିତିରେ ଦିନ କାଟୁଛନ୍ତି। ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପାଇଁ ଆମ୍ବୁଲାନ୍ସଟିଏ ପହଞ୍ଚିବା ମଧ୍ୟ ଅସମ୍ଭବ ହୋଇପଡ଼ିଛି, ଯାହା ସ୍ଥାନୀୟ ଲୋକଙ୍କ ଆଖିରୁ ନିଦ ହଜାଇ ଦେଇଛି। ପରିସ୍ଥିତିର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ପକ୍ଷରୁ ଜନସାଧାରଣଙ୍କୁ ବିଶେଷ ନିବେଦନ କରାଯାଇଛି। କ୍ଷତିଗ୍ରସ୍ତ ପୋଲ ଉପର ଦେଇ ଯାତାୟାତ କରିବା ଅତ୍ୟନ୍ତ ବିପଜ୍ଜନକ ହୋଇଥିବାରୁ କୌଣସି ବଡ଼ ଧରଣର ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଏହି ରାସ୍ତାରେ ନ ଯିବାକୁ ବାରଣ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ସମସ୍ତ ଗ୍ରାମବାସୀ ଓ ପଥଚାରୀ ଅନ୍ୟ ବିକଳ୍ପ ମାର୍ଗ ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି। ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଛନ୍ତି ଯେ ଯୁଦ୍ଧକାଳୀନ ଭିତ୍ତିରେ ଏହି ପୋଲର ମରାମତି କରାଯାଉ କିମ୍ବା ଏକ ଅସ୍ଥାୟୀ ରାସ୍ତାର ବ୍ୟବସ୍ଥା କରି ଗ୍ରାମବାସୀଙ୍କୁ ଏହି ଦୁର୍ଦ୍ଦଶାରୁ ମୁକ୍ତି ଦିଆଯାଉ।

# କେନ୍ଦୁଝରରେ ୩୨୬.୨ ମି.ମି. ବର୍ଷା

କେନ୍ଦୁଝର:୧୮/୦୮(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲାରେ ଲଘୁଚାପଜନିତ ବର୍ଷାର ପ୍ରଭାବ ଲାଗି ରହିଛି। ଜିଲା ରେଡ୍ ଜୋନରେ ରହିଥିବାରୁ ଗତ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକୁ ବନ୍ଦ ରଖିବାକୁ ଆଦେଶ ରହିଥିଲା। ଆନନ୍ଦପୁରରେ ବୈତରଣୀ ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ଥିବାରୁ ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲାର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ବର୍ଷା ଯୋଗୁ ଜନଜୀବନ ବ୍ୟତିବ୍ୟସ୍ତ ହୋଇପଡ଼ିଛି। ତେଲକୋଇ, ବାଂଶପାଳ, ସଦର, ପାଟଣା,



ଚମ୍ପୁଆ ସାହାରପଡ଼ା, ଯୋଡ଼ା ଆଦି ବ୍ଲକ୍ ଅଞ୍ଚଳରେ ବହୁ ରାସ୍ତାଘାଟ ଓ ଗ୍ରାମ ଜଳମଗ୍ନ ହୋଇଥିବା ସହ କେନ୍ଦୁଝରଗଡ଼ ସହର ବର୍ଷାଜଳରେ ଉବୁଟୁବୁ ହେଉଛି।ସୂଚନାନୁଯାୟୀ, ଗତ ରବିବାର ଜିଲାରେ ବର୍ଷାର ହାରାହାରି ପରିମାଣ ୪୦.୦୨ ମି.ମି. ରହିଥିଲା । ସୋମବାର ସକାଳେ ହାରାହାରି ବର୍ଷା ପରିମାଣ ୪୫.୯୨ ମି.ମି. ବୋଲି ସୂଚନା ମିଳିଥିବା ବେଳେ ଆଜି ସକାଳେ ହାରାହାରି ବର୍ଷା ପରିମାଣ ୨୫.୦୯ ମି.ମି. ରହିଥିବାର ସୂଚନା ମିଳିଛି। ଗତ ସୋମବାର ଜିଲ୍ଲାରେ ସମୁଦାୟ ୫୯୬.୯ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଆଜି ଜିଲ୍ଲାରେ ୩୨୬.୨ ମି.ମି. ବର୍ଷା ରେକର୍ଡ଼ କରାଯାଇଛି। ଆଜି ଜିଲ୍ଲାର ଯୋଡ଼ା ବ୍ଲକରେ ସର୍ବାଧିକ ୫୧.୨ ମି.ମି. ହୋଇଥିବାବେଳେ, ସଦର ବ୍ଲକରେ ୨୫.୨ ମି.ମି., ବାଂଶପାଳ ବ୍ଲକରେ ୩୩.୩ ମି.ମି., ତେଲକୋଇ ବ୍ଲକରେ ୧୫.୪ ମି.ମି., ପାଟଣା ବ୍ଲକରେ ୨୧.୨ ମି.ମି., ସାହାରପଡ଼ା ବ୍ଲକରେ ୩୦.୪ ମି.ମି., ଘଟଗାଁ ବ୍ଲକରେ ୧୮.୬ ମି.ମି., ହରିଚନ୍ଦନପୁର ବ୍ଲକରେ ୧୪.୮ ମି.ମି., ଆନନ୍ଦପୁର ବ୍ଲକରେ ୯.୭ ମି.ମି., ଘସିପୁରା ବ୍ଲକରେ ୧୫.୩ ମି.ମି., ହାଟଡିହି ବ୍ଲକରେ ୧୬.୬ ମି.ମି., ଚମ୍ପୁଆ ବ୍ଲକରେ ୪୫.୩ ମି.ମି. ଏଂ ଝୁମ୍ପୁରା ବ୍ଲକରେ ୨୯.୨ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି ଏବଂ ଏହାସହ ଜିଲ୍ଲାରେ ହାରାହାରି ୨୫.୯ ମି.ମି. ହୋଇଥିବା ଜଣାପଡିଛି।

## ଜାତୀୟ ପତାକାକୁ ଅବମାନନା ନେଇ ଆଠଗଡ଼ ଥାନାରେ ଏତଲା

ଆଠଗଡ଼,୧୮/୮ (ଅକ୍ଷର ଓଡ଼ିଶା) ଜାତୀୟ ପତାକାକୁ ଅବମାନନା ନେଇ ଆଠଗଡ଼ ଥାନାରେ ଏତଲା। ସୂଚନାଯୋଗ୍ୟ ଆଠଗଡ଼ ବ୍ଲକ ଅନ୍ତର୍ଗତ



ସମସରପୁର ପଞ୍ଚାୟତର ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ରାଉତ ଚଳିତ ମାସର ୧୫ ତାରିଖରେ ପତାକା ଉତ୍ତୋଳନ ପରେ ଅପରାହ୍ନ ୩ ଘଟିକାରେ ଜାତୀୟ ପତାକା ଖୁଣ୍ଟିକୁ ଉପାଡ଼ି ପିଙ୍ଗି ଦେଇଥିଲେ। ଖବର ପାଇ ସେଇ ଗ୍ରାମର ପ୍ରୋଗ୍ରେସିଭ କ୍ଲବର ସଦସ୍ୟମାନେ ସରପଞ୍ଚଙ୍କୁ ପଚାରିବାରୁ ମୋ ପାଖରେ ସମୟ ନାହିଁ ବୋଲି କହି ସେଠାରୁ ପଳାଇ ଯାଇଥିଲେ। ଏହାକୁ ନେଇ ପ୍ରୋଗ୍ରେସିଭ କ୍ଲବର ସଦସ୍ୟ ସଞ୍ଜୟ ନାୟକ, ପ୍ରଭଜନ ସେଠୀ, ଶ୍ରୀଧର ସେଠୀ,ଆଶିଷ କୁମାର ସିଂହ, ବିକ୍ରମ କେଶରୀ ସ୍ୱାଇଁ , ସତ୍ୟ ପ୍ରକାଶ ସେଠୀ ପ୍ରମୁଖ ଆଠଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଉପରେ ତଦନ୍ତ ଚାଲିଛି ବୋଲି ଆଠଗଡ଼ ଥାନା ଆଇଆଇସି ସୁମତି ମହାନ୍ତି ସୁଚନା ଦେଇଛନ୍ତି।

## ଦେଶପ୍ରେମ ଓ ଦେଶ ପ୍ରତି ଦୃଢ଼ ପ୍ରତିବଦ୍ଧତାର ସହ ଇମ୍ଫା ଥେରୁବାଲିରେ ସ୍ୱାଧୀନତା ଦିବସ ପାଳିତ

ରାୟଗଡ ୧୮/୦୮ (କୈଳାସ ସ୍ୱାଇଁ ) ଗଭୀର ଦେଶପ୍ରେମ, ଉତ୍ସାହ ଓ ଦେଶ ପ୍ରତି ଦୃଢ଼ ପ୍ରତିବଦ୍ଧତାର ସହିତ ଇମ୍ଫା ଥେରୁବାଲି ପରିସରରେ ୮୦ତମ ସ୍ୱାଧୀନତା ଦିବସ ଗର୍ବ ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ଇମ୍ଫା ପରିବାରର ଏକତା, ସୁରକ୍ଷା ପ୍ରତି ସଚେତନତା, ଶୃଙ୍ଖଳା, ଉତ୍କର୍ଷ ଏବଂ ନିରନ୍ତର ବିକାଶ ପ୍ରତି ଦୃଢ଼ ପ୍ରତିବଦ୍ଧତାର ପ୍ରତିଫଳନ ଦେଖିବାକୁ ମିଳିଥିଲା। ଏହି ଅବସରରେ ଥେରୁବାଲି ୟୁନିଟ୍‌ର ମୁଖ୍ୟ ତଥା ରଉଡ ଶ୍ରୀ ଜି.ଭି. ରାକେଶ, ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ସମୟରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ଇମ୍ଫା ଲେଡିଜ୍ କ୍ଲବ୍‌ର ସଭାପତି ଶ୍ରୀମତୀ ଲକ୍ଷ୍ମୀ ପଟ୍ଟନାୟକ ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ପତାକା ଉତ୍ତୋଳନ ପରେ ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା, ଯାହା ସମଗ୍ର ପରିବେଶକୁ ଦେଶପ୍ରେମ, ଏକତା ଓ ଜାତୀୟ ଗର୍ବର ଭାବନାରେ ଭରି ଦେଇଥିଲା।ସମବେତ କର୍ମଚାରୀ ଓ ଅଧିକାରୀମାନଙ୍କୁ ସମ୍ବୋଧିତ କରି ଜି.ଭି. ରାକେଶ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, "ସୁରକ୍ଷା ଘରୁ ଆରମ୍ଭ ହୁଏ"। ତେଣୁ ଘରଠାରୁ କାର୍ଯ୍ୟସ୍ଥଳଳୀ ପର୍ଯ୍ୟନ୍ତ ଏବଂ ଦୈନନ୍ଦିନ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସୁରକ୍ଷାର ସଂସ୍କୃତିକୁ ଅନୁସରଣ କରିବାକୁ ସେ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଥିଲେ। ପ୍ରତ୍ୟେକ ବ୍ୟକ୍ତି ସଚେତନ ରହିବା, ସୁରକ୍ଷିତ କାର୍ଯ୍ୟପଦ୍ଧତି ଅନୁସରଣ କରିବା ଏବଂ ନିଜ ସହକର୍ମୀ, ପରିବାର ଓ ସମାଜର ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ଦାୟିତ୍ୱବାନ ହେବା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ।ସେ ଆହୁରି କହିଥିଲେ ଯେ, କେବଳ ବ୍ୟକ୍ତିଗତ ବିକାଶରେ ସୀମିତ ନରହି କାରଖାନା ର ଅଭିବୃଦ୍ଧି ଏବଂ ଦେଶର ପ୍ରଗତିରେ ପ୍ରତ୍ୟେକ କର୍ମଚାରୀ ସକ୍ରିୟ ଭାବେ ଯୋଗଦାନ କରିବା ଆବଶ୍ୟକ। ଶୃଙ୍ଖଳା, ଦଳଗତ କାର୍ଯ୍ୟ, ସଚ୍ଚୋଟତା, ଦାୟିତ୍ୱବୋଧ ଓ ସାମୂହିକ ପ୍ରଗତିର ମହତ୍ତ୍ୱକୁ ସେ ଉଲ୍ଲେଖ କରିବା ସହ ଏହି ମୂଲ୍ୟବୋଧଗୁଡ଼ିକୁ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ ଅନୁସରଣ କରିବାକୁ ସମସ୍ତଙ୍କୁ ପ୍ରେରିତ କରିଥିଲେ।କାର୍ଯ୍ୟକ୍ରମରେ ଶ୍ରୀ କ୍ଷିତୀଶ ଚନ୍ଦ୍ର ମହାପାତ୍ର, ଡିଜିଏମ୍ – ଏଚ୍ଆର୍



ଆଣ୍ଡ ଆଡମିନିଷ୍ଟ୍ରେସନ୍, ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସେ ଉପସ୍ଥିତ ସମସ୍ତ ବରିଷ୍ଠ ଅଧିକାରୀ, କର୍ମଚାରୀ, ଇମ୍ଫା ଲେଡିଜ୍ କ୍ଲବ୍‌ର ସଦସ୍ୟ, ସୁରକ୍ଷା ବିଭାଗ, ଲୋକ ସମ୍ପର୍କ ବିଭାଗ ଏବଂ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିବା ସମସ୍ତଙ୍କୁ ହୃଦୟରୁ କୃତଜ୍ଞତା ଜଣାଇଥିଲେ।ସ୍ୱାଧୀନତା ଦିବସର ସମଗ୍ର କାର୍ଯ୍ୟକ୍ରମଟି ସୁରକ୍ଷା ବିଭାଗର ଇନ୍‌ଚାର୍ଜ ଶ୍ରୀ ସୁଧାଂଶୁ ଶେଖର ସାହୁ ଏବଂ ତାଙ୍କ ଟିମ୍‌ଙ୍କ ଦ୍ୱାରା ସୁଚାରୁ ଭାବେ ଆୟୋଜିତ ହୋଇଥିବାବେଳେ, ଶ୍ରୀ ଦୀପକ କୁମାର ଓଝା, ଆସିଷ୍ଟାଣ୍ଟ ମ୍ୟାନେଜର ଲୋକ ସମ୍ପର୍କ ବିଭାଗ ଦ୍ୱାରା ଏହାର ସମନ୍ୱୟ କରାଯାଇଥିଲା। ସମସ୍ତଙ୍କର ସୁଚିନ୍ତିତ ଯୋଜନା, ସମନ୍ୱୟ ଓ ମିଳିତ ପ୍ରୟାସ ଯୋଗୁଁ କାର୍ଯ୍ୟକ୍ରମଟି ସୁଚାରୁ, ଶୃଙ୍ଖଳିତ ଓ ଗାରିମାମୟ ଭାବେ ସମ୍ପନ୍ନ ହୋଇଥିଲା।"ସୁରକ୍ଷା ଘରୁ ଆରମ୍ଭ ହୁଏ, ଉତ୍କର୍ଷ ଆମଠାରୁ ଆରମ୍ଭ ହୁଏ ଏବଂ ଦେଶ ଗଠନ ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ।"

## ସୋନିଆ ଓ ରାହୁଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ

ହିଞ୍ଜିଳିକାଟୁ: ୧୮/୮ (ଅବନି କାନ୍ତ ପଟ୍ଟନାୟକ)ସ୍ୱାଧୀନତା ଦିବସ ପାଳନ ଅବସରରେ ରାଜ୍ୟ ସଭା ସାଂସଦ ସୋନିଆ ଗାନ୍ଧୀ ଲୋକସଭା ସାଂସଦ ରାହୁଲ ଗାନ୍ଧୀ ଓ ମଲିକା ଅର୍ଜୁନ ଖଡଗେ ଜାତୀୟ ଗୀତ ବନ୍ଦେ ମାତରମକୁ ଅପମାନିତ କରିବା ଓ ଅଧାରୁ ବନ୍ଦ କରିବା ହୀନ ପ୍ରୟାସ କରିଥିବା ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି।ଏହିଭଳି ସ୍ଥିତିରେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ହିଞ୍ଜିଳି ବିଜେପି ପକ୍ଷରୁ ହିଞ୍ଜିଳି ଥାନାରେ ଅଭିଯୋଗ ହୋଇଛି।ସୋମବାର ସନ୍ଧ୍ୟାରେ ହିଞ୍ଜିଳିକାଟୁ ବିଜେପି ପକ୍ଷରୁ ନଗର ସଭାପତି ସୁଧାଂଶୁ ଶେଖର ସାବତଙ୍କ ଅଧକ୍ଷତାରେ ବହୁ ବିଜେପି କର୍ମୀ ହିଞ୍ଜିଳି ଥାନାରେ ପହଞ୍ଚିଥିଲେ।ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଦାବି ପତ୍ର ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠୀଙ୍କୁ ପ୍ରଦାନ କରିଥିଲେ।ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ଉପସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ,ବରିଷ୍ଠ ବିଜେପି ନେତା ମାଧବ ଗୌଡ଼,ଯୁବ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ରୋଶନ ଖୁଣ୍ଟିଆ, ଜିଲ୍ଲା ସମ୍ପାଦକ ଇ,ଅନ୍ତର୍ଯ୍ୟାମୀ ପାତ୍ର,ବରିଷ୍ଠ ବିଜେପି ନେତା ରାକେଶ ରଥ,ନାରାୟଣ ପାଢ଼ୀ,ଟୁଟୁ ଦଳାଇ,ପ୍ରଦେଶ ପ୍ରଧାନ,ସରୋଜ ପାତ୍ର,ସୁକାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କନ୍ଦରପୁର ସେଣ୍ଟ ଜାଭିଅର ହାଇସ୍କୁଲ୍‌ରେ ୮୦ ତମ ସ୍ୱାଧୀନତା ଦିବସ ପାଳିତ

କଟକ ସଦର,୧୮/୦୮(ଅକ୍ଷର ଓଡ଼ିଶା): କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସ୍ଥିତ ଅଗ୍ରଣୀ ଇଂରାଜୀ ମାଧ୍ୟମ ସେଣ୍ଟ ଜାଭିଅର ହାଇ ସ୍କୁଲ୍ ପରିସରରେ, ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ୮୦ ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି।ଏହି ଅବସରରେ ସ୍କୁଲ ର ପ୍ରିନ୍ସିପାଲ ପ୍ରଫେସର ଖଲିକୁଜ ଜମାନ ଖାନ୍ ଦେଶର ପ୍ରତୀକ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥିଲେ ,ଏଥିସହିତ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ଦେଶ ଭକ୍ତିମୂଳକ ନୃତ୍ୟ ପରିବେଷଣ କରାଯିବା ସଙ୍ଗେସଙ୍ଗେ, ୮୦ ତମ ସ୍ୱାଧୀନତା ଦିବସ ପାଳନର ବିଶେଷତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।ସ୍କୁଲ ପରିଚାଳନା କମିଟି ର ଚେୟାରପର୍ସନ ଶ୍ରୀମତୀ ବୈଜୟନ୍ତୀ ଜେନା ଓ ସମ୍ପାଦକ ଶ୍ରୀଯୁକ୍ତ ନରେଶ ଚନ୍ଦ୍ର ଜେନା ବିଶିଷ୍ଟ ଅତିଥି ଭାବରେ ଯୋଗଦାନ କରି ନିଜ ନିଜର ବକ୍ତବ୍ୟରେ ଛାତ୍ରଛାତ୍ରୀ ମାନେ ଭବିଷ୍ୟତରେ ଏକ ଉତ୍ତମ ନାଗରିକ ହୋଇ ଦେଶ ଗଠନରେ ନିଜକୁ ସାମିଲ କରି ଭାରତକୁ ଏକ ସର୍ବାଙ୍ଗ ସୁନ୍ଦର ତଥା ଉନ୍ନତ ରାଷ୍ଟ୍ରରେ ପରିଣତ କରି, ଦେଶର ମର୍ଯ୍ୟାଦାକୁ ବିଶ୍ୱ ଦରବାରରେ ଅକ୍ଷୁର୍ଣ୍ଣ ରଖିବାରେ ସହାୟକ ହେବାକୁ ଆହ୍ୱାନ ଜଣାଇଥିଲେ।ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଣଶିକ୍ଷକ କର୍ମଚାରୀ ମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ କୁ ସୁଚାରୁରୂପେ ପରିଚାଳନା କରିଥିଲେ।

## ବିଶିଷ୍ଟ ହାସ୍ୟ କଳାକାର ବିଶ୍ୱ ବରାଳଙ୍କ ଅକାଳ ବିୟୋଗ

ବରଗଡ଼: ୧୮/୦୮(ଅକ୍ଷର ଓଡ଼ିଶା) : ବରଗଡ଼ ମାଟିର ବିଶିଷ୍ଟ ହାସ୍ୟ କଳାକାର ତଥା ଲୋକପ୍ରିୟ କଳାକାର ବିଶ୍ୱ ବରାଳ ଆଉ ନାହାନ୍ତି। ତାଙ୍କ ଅକାଳ ବିୟୋଗରେ ବରଗଡ଼ ସମେତ ସାରା ଅଞ୍ଚଳରେ



ଶୋକର ଛାୟା ଖେଳି ଯାଇଛି।କଳା ମାଧ୍ୟମରେ ବିଶ୍ୱ ବରାଳ ଅନେକ ଲୋକଙ୍କ ମୁହଁରେ ହସ ଫୁଟାଇବା ସହ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ହାସ୍ୟ ଅଭିନୟ ଓ କଳା ପ୍ରତିଭା ଯୋଗୁଁ ସେ ବରଗଡ଼ ସହ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପରିଚିତ ଥିଲେ।ତାଙ୍କ ବିୟୋଗରେ କଳା ଜଗତ ସହ ଜଡ଼ିତ ବ୍ୟକ୍ତିବିଶେଷ, ଶୁଭେଚ୍ଛୁ ଓ ଅଞ୍ଚଳବାସୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଜଣେ ହାସ୍ୟ କଳାକାର ଭାବେ ଲୋକଙ୍କୁ ହସାଇଥିବା ବିଶ୍ୱ ବରାଳଙ୍କ ସ୍ମୃତି ସର୍ବଦା ଲୋକଙ୍କ ମନରେ ଜୀବନ୍ତ ରହିବ।ବିଶ୍ୱ ବରାଳ ଙ୍କ ଅକାଳ ବିୟୋଗରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।

## ଗୁଣ୍ଡା ସାହୁ ଅପହରଣ ମାମଲାରେ ବଡ଼ ଖୁଲାସା ୧୦ କୋଟି ଦାବି, ପିସ୍ତଲ ଦେଖାଇ ଧମକ, ୪ ଅଭିଯୁକ୍ତ ଗିରଫ

ବଲାଙ୍ଗୀର୧୮/୦୮(ଦେବେନ୍ଦ୍ର ପୋଢ଼) ବହୁଚର୍ଚ୍ଚିତ ବ୍ୟବସାୟୀ ଗୁଣ୍ଡା ଓରଫ୍ ନରେନ୍ଦ୍ର ସାହୁଙ୍କ ଅପହରଣ ଘଟଣାରେ ବଲାଙ୍ଗୀର ପୁଲିସ ଏକ ବଡ଼ ଖୁଲାସା କରିଛି। ପୁଲିସ ପ୍ରେସ୍ ନୋଟ୍ ଅନୁସାରେ, ୧୪ ଅଗଷ୍ଟ ରେ ରଣ୍ଡା ଛକରୁ ନରେନ୍ଦ୍ର ସାହୁଙ୍କୁ ଯୋଜନାବଦ୍ଧ ଭାବେ ଅପହରଣ କରାଯାଇ ଭୁବନେଶ୍ୱର ନିଆଯାଇଥିଲା। ସେଠାରେ ତାଙ୍କୁ ଆକ୍ରମଣ କରାଯିବା ସହ ପିସ୍ତଲ ଦେଖାଇ ୧୦ କୋଟି ଦାବି କରାଯାଇଥିଲା।ପୁଲିସ ସୂଚନା ଅନୁସାରେ, ନରେନ୍ଦ୍ର ସାହୁଙ୍କୁ ଭୁବନେଶ୍ୱର ଏକ ଲଜ୍‌ରେ ରଖାଯାଇଥିଲା। ତାଙ୍କୁ ପିସ୍ତଲ ସହ ଫଟୋ ଓ ଭିଡିଓ ରେକର୍ଡ କରାଯାଇଥିଲା ଏବଂ ମିଥ୍ୟା ଅସ୍ତ୍ର ମାମଲାରେ ଫସାଇବା ପାଇଁ ଷଡ଼ଯନ୍ତ୍ର ହୋଇଥିବା ତଦନ୍ତରୁ ପ୍ରାଥମିକ ଭାବେ ଜଣାପଡ଼ିଛି।ପରେ ତାଙ୍କୁ ଖଣ୍ଡଗିରି ଥାନାକୁ ନିଆଯାଇଥିଲା। ସେଠାରେ ଜଣେ ମିଡିଆ କର୍ମୀ ନିଜକୁ ପୁଲିସ ଏସ୍‌ଆଇ ଭାବେ ପରିଚୟ ଦେଇ ଧମକ ଦେବା ସହ ୫୦ ଲକ୍ଷ ଟଙ୍କାର ସମାଧାନ ସମ୍ପର୍କିତ ଲିଖିତ ଅଣ୍ଡରଟେକିଂ ନେଇଥିବା ଅଭିଯୋଗ ରହିଛି। ଜଣେ ଏସ୍‌ଆଇଙ୍କ ସହ ଅଭିଯୁକ୍ତମାନଙ୍କ ଯୋଗାଯୋଗ ଥିବା ନେଇ ମଧ୍ୟ ତଦନ୍ତରେ ପ୍ରାଥମିକ ପ୍ରମାଣ ମିଳିଥିବା ପୁଲିସ କହିଛି।ନରେନ୍ଦ୍ର ସାହୁ ନିଖୋଜ ହେବା ପରେ ବଲାଙ୍ଗୀର ପୁଲିସ ସିସିଟିଭି ଯାଞ୍ଚ ଓ ଟେକ୍ନିକାଲ୍ ସର୍ଭିଲାନ୍ସ ମାଧ୍ୟମରେ ତଦନ୍ତ ଆରମ୍ଭ କରିଥିଲା। ୧୫ ଅଗଷ୍ଟରେ ଖଣ୍ଡଗିରି ଥାନାରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ଡିଏଚ୍, ବଲାଙ୍ଗୀରେ ଡାକ୍ତରୀ ପରୀକ୍ଷା ସମୟରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ୧୬ଟି ଆଘାତ ଚିହ୍ନ ମିଳିଥିବା ପୁଲିସ ପ୍ରେସ୍ ନୋଟ୍‌ରେ କହିଛି।ଏହି ମାମଲାରେ ପୁଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ,କ୍ଷିତିଶ ଚନ୍ଦ୍ର ସାହୁ ଓରଫ୍ ବୁଲୁ,ସଞ୍ଜିତ ବେହେରା,ସଞ୍ଜୟ କୁମାର ଜେନା ଏବଂ ଏସ୍‌ଆଇ ସ୍ନେହା ମଞ୍ଜରୀ ସାହୁ ସେମାନଙ୍କ ନିକଟରୁ ଗୋଟିଏ ପିସ୍ତଲ, ୬ଟି ଜୀବନ୍ତ ଗୁଳି, ନରେନ୍ଦ୍ର ସାହୁଙ୍କ ଜିମ୍ନି ଗାଡ଼ି, ଅପହରଣରେ ବ୍ୟବହୃତ ହୋଇଥିବା ଅଭିଯୋଗ ଥିବା ଗଏ ହେକଟର ଗାଡ଼ି ଏବଂ ମୋବାଇଲ୍ ଫୋନ୍ ଜବତ ହୋଇଛି।ମାମଲାରେ ଆଉ କେତେଜଣଙ୍କ ସମ୍ପୃକ୍ତି ରହିଛି, ତାହା ଜାଣିବା ପାଇଁ ପୁଲିସର ତଦନ୍ତ ଜାରି ରହିଛି। ଅପହରଣ, ଆକ୍ରମଣ, ମିଥ୍ୟା ମାମଲାରେ ଫସାଇବା ଓ ଟଙ୍କା ଆଦାୟ ଅଭିଯୋଗ ସମ୍ପର୍କରେ ଅଧିକ ପ୍ରମାଣ ସଂଗ୍ରହ କରାଯାଉଥିବା ବଲାଙ୍ଗୀର ପୁଲିସ କହିଛି।

## ଯୁବ ସମାଜସେବୀଙ୍କ ସ୍ମୃତିଚାରଣ ସଭା ଓ ସ୍ମରଣିକା ଉନ୍ମୋଚିତ



ଖଣ୍ଡପଡ଼ା ୧୭।୮ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ସହରର ଯୁବ ସମାଜସେବୀ ତଥା ଶିକ୍ଷାବିତ ସ୍ୱର୍ଗତ ବିନାୟକ ସାହୁଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ସାମନ୍ତ ଚନ୍ଦ୍ରଶେଖର ସ୍ମୃତିମନ୍ଦିର ଓ ପାଠାଗାର ସମ୍ମୁଖରେ ଏକ ଶ୍ରଦ୍ଧାଞ୍ଜଳି ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ବିନାୟକ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ସ୍ମୃତିଚାରଣ ସଭାରେ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ, ଖଣ୍ଡପଡ଼ା ରାଜା ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ,ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ,ବରିଷ୍ଠ ଆଇନଜୀବୀ ମାଧବ ପ୍ରସାଦ ମିଶ୍ର, ଶିଶୁ ସାହିତ୍ୟିକ କାଶିନାଥ ଦାସ, ଶିକ୍ଷାବିତ ଆର୍ତ୍ତତ୍ରାଣ ମିଶ୍ର ପ୍ରମୁଖ ଯୋଗଦେଇ ଯୁବ ସମାଜସେବୀଙ୍କ ସ୍ମୃତିଚାରଣ କରିଥିଲେ।ସ୍ୱର୍ଗତ ସାହୁ ଏକାଧାରାରେ ଥିଲେ ଜଣେ ସୁ ସଂଗଠକ,ଶିକ୍ଷାବିତ ଓ ସମାଜସେବୀ ବୋଲି ସ୍ମୃତିଚାରଣ ସଭାରେ ମତ ପ୍ରକାଶ ପାଇଥିଲା। ଅତିଥିମାନେ ସମାଜସେବୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।ଯୁବ ସଂଗଠକ ମହେନ୍ଦ୍ର କୁମାର ବାରିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏ ଅବସରରେ 'ସ୍ମୃତିରେ ବିନାୟକ' ଶିର୍ଷକ ଏକ ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ବେଳେ ସ୍ୱର୍ଗତ ସାହୁଙ୍କ କାର୍ଯ୍ୟଶୈଳୀକୁ ନେଇ ବିଭିନ୍ନ ଫଟୋଚିତ୍ର ପ୍ରଦର୍ଶିତ ହୋଇଥିଲା। ସ୍ମୃତିଚାରଣ ସଭାରେ ଖଣ୍ଡପଡ଼ା ସହରାଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ସମେତ ଛାତ୍ରଛାତ୍ରୀ,ଶିକ୍ଷକ ଶିକ୍ଷୟିତ୍ରୀ ଓ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ। ସନ୍ଧ୍ୟା ସମୟରେ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା।

## ଗ୍ରାମୀଣ ଗୃହ ଯୋଜନା କାର୍ଯ୍ୟକାରିତାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ରାଇକିଆ ବ୍ଲକ ପୁରସ୍କୃତ

ରାଇକିଆ, ୧୮/୦୮ (ଜଗଦୀଶ ଦାଶ)ଗ୍ରାମୀଣ ଗୃହ ଯୋଜନା-୨୦୨୫/୨୬ ରେ ଅଧିକ ଗ୍ରାମୀଣ ଗୃହ ନିର୍ମାଣ କରିବା କାର୍ଯ୍ୟରେ ସମଗ୍ର କନ୍ଧମାଳ ଜିଲ୍ଲାରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ରାଇକିଆ ବ୍ଲକ୍ ପୁରସ୍କୃତ ହୋଇଛି । ଫୁଲବାଣୀ ଠାରେ ଜିଲ୍ଲା ସ୍ତରୀୟ ୮୦ ତମ ସ୍ୱାଧିନତା ଦିବସ ପାଳନ ଅବସରରେ ବାଣିଜ୍ୟ, ପରିବହନ ଓ ଇସ୍ପାତ, ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଙ୍କ ଠାରୁ ରାଇକିଆବ୍ଲକ୍ ବିଡିଓ ସବ୍ୟସାଚୀ ସାହୁ ଏହି ଟ୍ରଫି ଏବଂ ମାନପତ୍ର ଗ୍ରହଣ କରିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ନିର୍ଦ୍ଧାରିତ ସମୟ ରେ ସର୍ବାଧିକ ଗୃହ କାର୍ଯ୍ୟ ଶେଷ ହୋଇଥିବା ଏବଂ ଲକ୍ଷ୍ୟ ପୁରଣ କରାଯାଇଥିବାରୁ ଏହି ପୁରସ୍କାର ପ୍ରଦାନ କରଯାଇଛି ।ଏହି କାର୍ଯ୍ୟକ୍ରମରେ ଜିଲାପାଳ ବେଦ ଭୂଷଣ, ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ୍, କନ୍ଧମାଳ ଏସପି ରମେନ୍ଦ୍ର ପ୍ରସାଦ ଙ୍କ ସମେତ ଜିଲ୍ଲାର ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ଏବଂ ରାଇକିଆ ବିଡିଓଙ୍କ ସହିତ ଏହି କାର୍ଯ୍ୟରେ ବ୍ଲକରେ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିବା (ଇଟଡ- ଜଏଞ୍ଜ) ରୁରାଲ ହାଉସିଂ ସଂଯୋଜକ କମଲ ପ୍ରସାଦ ନାୟକ ଓ ବହୁ ସଂଖ୍ୟାରେ ଜନ ସାଧାରଣ ଉପସ୍ଥିତ ଥିଲେ ।

## ୮୦ ତମ ସ୍ୱାଧୀନତା ଦିବସ ପାଳନ

କଟକ,୧୮/୦୮(ଅକ୍ଷର ଓଡ଼ିଶା): ଦିବ୍ୟ କମ୍ପୁଟର ଏକାଡେମୀ ଖଳର୍ଦ୍ଦା ପରିସରରେ ୮୦ ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି କ୍ଷ କମ୍ପୁଟର ଏକାଡେମିୟ ର ଅଧକ୍ଷ ସଦାନନ୍ଦ ଓଝା ଜାତୀୟ ପତାକା ଉତ୍ତଳନ କରିଥିଲେ। ଅନୁଷ୍ଟନର ଶିକ୍ଷତ୍ରୀ ଅନନ୍ୟା ଦାସ ସ୍ୱାଗତ ଭାଷଣରେ ବର୍ତ୍ତମାନ କମ୍ପୁଟର ସିକ୍ଷ୍ୟା ର ଆବଶ୍ୟକତା ବିଷୟରେ ଆଲୋଚନା କରିଥିବାବେଳେ ଦିଲୀପ ବେହେରା କମ୍ପୁଟର ସେଣ୍ଟରଟି କିଭଳି ଆଖପାଖ ଅଞ୍ଚଳର ପିଲାମାନଙ୍କ ପାଇଁ ଆତ୍ମ ନିଯୁତି ପାଇଁ ସହାୟକ ହଉଛି ଆଲୋଚନ କରିଥିଲେ କ୍ଷ ପରିଶେଷରେ ଅଧକ୍ଷ କୃତି ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ୧୧ ଦଫା ଦାବି ପୂରଣ ନ ହେଲେ ହେବ ଜୋରଦାର ଆନ୍ଦୋଳନ

ବନ୍ତଳା ୧୮/୦୮(ଅକ୍ଷର ଓଡ଼ିଶା) ଭାରତୀୟ ମଜଦୂର ସଂଘର ରାଞ୍ଚି ଠାରେ ହୋଇଥିବା ୧୬୧ତମ କେନ୍ଦ୍ରୀୟ କାର୍ଯ୍ୟ ସମିତି ନିଷ୍ପତି ଅନୁଯାୟୀ ଆଜି ସାରା ଭାରତର ସମସ୍ତ ଜିଲ୍ଲା ମୁଖ୍ୟାଳୟରେ ଶ୍ରମିକ ହିତରେ ପ୍ରତିବାଦ ଦିବସ



ପାଳନ ହେଉଛି। ଏହି ଜାତୀୟ ଆହ୍ୱାନକୁ ସମର୍ଥନ କରି ବିଏମଏସ ରାଜ୍ୟର ସମସ୍ତ ଜିଲ୍ଲାରେ ଏକ ଦିନିକିଆ ପ୍ରତିବାଦ ଦିବସ ଆୟୋଜନ କରିଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦୀର୍ଘଦିନ ଧରି ଅପେକ୍ଷାରତ ଶ୍ରମିକ ସମସ୍ୟାଗୁଡିକର ସମାଧାନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଶ୍ରମିକ ମାନଙ୍କ ଲମ୍ବିତ ଦାବୀ ଗୁଡିକ ଉପରେ ତତ୍କାଳ ପଦକ୍ଷେପ ନେବାକୁ ବାଧ୍ୟ କରିବା। ଭାରତୀୟ ମଜଦୁର ସଂଘ ର ମୁଖ୍ୟ ଦାବିଗୁଡିକ ମଧ୍ୟରେ ଇ.ଏସ.ଆଇ.ସି ଦରମା ସୀମାକୁ ୨୧୦୦୦/-ରୁ ୪୨,୦୦୦/- କୁ ବୃଦ୍ଧି କରିବା, ଇ.ପି.ଏଫ. ନ୍ୟୁନତମ ପେନସନକୁ ୧୦୦୦/-ରୁ ୭,୫୦୦/- କୁ ବୃଦ୍ଧି କରିବା, ଇପିଏଫ୍ ଦରମା ସୀମାକୁ ୩୦, ୦୦୦/- ବୃଦ୍ଧି କରିବା, ବୋନସ ଗଣନା ସୀମାକୁ ୧୮,୦୦୦/- କରିବା, ବୋନସ ଯୋଗ୍ୟତା ସୀମାକୁ ୪୨,୦୦୦ କରିବା, ସ୍କିମ୍ ଶ୍ରମିକ ମାନଙ୍କ ମାନଦେୟ ବୃଦ୍ଧି, ଚୁକ୍ତି ଭିତ୍ତିକ ଶ୍ରମିକଙ୍କୁ "ସମାନ କାମକୁ ସମାନ ଦରମା' ସୁନିଶ୍ଚିତ କରିବା, ଶ୍ରମ ଆଇନରୁ ଶ୍ରମିକ ବିରୋଧୀ ଧାରାଗୁଡିକୁ ବିଲୋପ କରିବା, ବ୍ୟାଙ୍କ କର୍ମଚାରୀ ମାନଙ୍କ ପାଇଁ ପାଞ୍ଚ ଦିନିଆ କାର୍ଯ୍ୟ ସପ୍ତାହ ଲାଗୁକରିବା, ଗ୍ରଚୁଇଟ୍ ସୀମାକୁ ୪୦ ଲକ୍ଷକୁ ବୃଦ୍ଧି କରିବା, କେନ୍ଦ୍ରୀୟ ନ୍ୟୁନତମ ଦରମାକୁ ୩୦, ୦୦୦/- ପ୍ରତିମାସ ନିର୍ଦ୍ଧାରଣ କରିବା ଓ ଜୀବନ ବୀମା ନିଗମରେ କାର୍ଯ୍ୟରତ ଡେଭଲପମେଣ୍ଟ ଅଫିସର ମାନଙ୍କ ପାଇଁ ପୂର୍ଣ୍ଣ ଚାକିରି ସୁରକ୍ଷା ଦେବା ଅନ୍ତର୍ଭୁକ୍ତ କରିବା ଦାବିରେ ଆଜି ଅନୁଗୋଳ ମୁଖ୍ୟାଳୟରେ ଏହାର ପ୍ରତିବାଦ ପାଳନ କରାଯାଉଛି।

## ଅନନ୍ତ ଦଳାଇ ସ୍ମୃତି ବିଦ୍ୟାପୀଠ ଫାଟକ ସମ୍ମୁଖରେ ଆମରଣ ଅନଶନ

ଆଠଗଡ଼,୧୮/୮(ଅକ୍ଷର ଓଡ଼ିଶା) ଆଠଗଡ ବ୍ଲକ ଅନ୍ତର୍ଗତ କୁଲାଇଲୋସ୍ଥିତ ଅନନ୍ତ ଦଳାଇ ସ୍ମୃତି ବିଦ୍ୟାପୀଠ ଫାଟକ ସମ୍ମୁଖରେ ବିଦ୍ୟାଳୟ ପରିଚାଳନା କମିଟିରନବନିର୍ବାଚିତ ସଭାପତି ଅରକ୍ଷିତ ସେଠୀ ଆମରଣ ଅନଶନ ଜାରି ରଖିଛନ୍ତି। ପ୍ରକାଶ ଯୋଗ୍ୟ ବିଦ୍ୟାଳୟରେ ନୂତନ ପରିଚାଳନା କମିଟି ଗଠନ ଉଦ୍ଦେଶ୍ୟରେ ସର୍ବସମ୍ମତକ୍ରମେ ୧୫ ଜଣ ସଦସ୍ୟଙ୍କୁ ପରିଚାଳନା କମିଟି ସଦସ୍ୟ ଭାବରେ ମନୋନୀତ ହୋଇଥିଲେ। ସଭାପତି ପଦ ପାଇଁ ଦୁଇ ଜଣ ଆଶାୟୀ ହେବାରୁ ନିର୍ବାଚନ ହୋଇଥିଲା। ନିର୍ବାଚନରେ ଅରକ୍ଷିତ ସେଠୀ ନିର୍ବାଚିତ ହୋଇଥିଲେ ବୋଲି ପ୍ରଧାନଶିକ୍ଷୟତ୍ରୀ ମୌଖିକ ଭାବରେ ଜଣାଇଥିଲେ। ନିର୍ବାଚନ ପରେ ହଠାତ କିଛି ଅସାମାଜିକ ଯୁବକ ବିଦ୍ୟାଳୟ ମଧ୍ୟରେ ପ୍ରବେଶ କରି ହୋ ହାଲ୍ଲା ଗଣ୍ଡଗୋଳ ସୃଷ୍ଟି କରିଥିଲେ। ପ୍ରଧାନ ଶିକ୍ଷୟତ୍ରୀ ପୋଲିସର ସହାୟତା ନେବା ସହ ଗଣ୍ଡଗୋଳ ଆଶଙ୍କା ଦେଖି ନିର୍ବାଚନର ଫଳାଫଳ ଲିଖିତ ଭାବରେ ଦେଇ ନଥିଲେ। ଏ ବିଷୟରେ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ପଚାରିବାରେ ନିର୍ବାଚନ ଫଳାଫଳ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦିଆଯାଇଛି ବୋଲି ସୂଚନା ଦେଇଥିଲେ। ଏ ବିଷୟରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଯୋଗାଯୋଗରେ କୌଣସି ସନ୍ତୋଷ ଜନକ ଉତ୍ତର ନଦେଇ ସାନି ନିର୍ବାଚନ ପାଇଁ ନୋଟିସ ଜାରି କରିଛନ୍ତି ବୋଲି କହିଥିଲେ। ସାନି ନିର୍ବାଚନକୁ ବନ୍ଦ କରି ପୂର୍ବ ଘୋଷିତ ନିର୍ବାଚନ ଫଳାଫଳ ଘୋଷଣା କରା ନଯିବା ପର୍ଯ୍ୟନ୍ତ ଆମରଣ ଅନଶନ କରିବେ ବୋଲି ଲିଖିତ ଭାବରେ ପ୍ରଶାସନ ଓ ଗଣଶିକ୍ଷା ମନ୍ତ୍ରୀ ଙ୍କୁ ପୂର୍ବରୁ ଅବଗତ କରିଥିଲେ ନବନିର୍ବାଚିତ ସଭାପତି। ଫଳ ଘୋଷଣା କରାନଯିବାରୁ ଆଜି ଅଗଷ୍ଟ ୧୭ ତାରିଖ ଠାରୁ ଅରକ୍ଷିତ ସେଠୀ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆମରଣ ଅନଶନ ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି। ଏଥିପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ, ବ୍ଲକ ଶିକ୍ଷାଧିକାରୀ ଓ ଜିଲ୍ଲା ଶିକ୍ଷାଧିକାରୀ ଦାୟୀ ରହିବେ ବୋଲି ସୂଚନା ଦେଇଛନ୍ତି।

## ଗଞ୍ଜେଇ ଚାଲାଣକାରୀଙ୍କୁ ମାଡ଼ିବସିଲା ରାଇଘର ପୋଲିସ

ରାଇଘର୧୮/୦୮(ଭୁବନେଶ୍ୱର ସୁନାନୀ) ଗଞ୍ଜେଇ ଚୋରାଚାଲାଣ ବିରୋଧରେ ରାଇଘର ପୋଲିସକୁ ମିଳିଛି ବଡ଼ ସଫଳତା। ପେଟ୍ରୋଲିଂ ସମୟରେ ରାଇଘର ବ୍ଲକ ଅନ୍ତର୍ଗତ ଯୋଡିଙ୍ଗା ପଞ୍ଚାୟତର ହିରାପାରା ନିକଟରୁ ୨୨ କେଜି ୩୧୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି ପୋଲିସ।ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲାର କାଳିମେଳାରୁ ଛତିଶଗଡ଼ର ଧମତରୀ ଅଭିମୁଖେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ନେଇ ରାଇଘର ପୋଲିସକୁ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ରାଇଘର ଥାନା ଅଧିକାରୀ ଟେକଚାନ୍ଦ ବାହୁବଳ ଖଟୁଆଙ୍କ ନେତୃତ୍ୱରେ ମନୋରଞ୍ଜନ ମିଶ୍ରଙ୍କ ସମେତ ପୋଲିସ ଟିମ୍ ହିରାପାରା ଅଞ୍ଚଳରେ ପେଟ୍ରୋଲିଂ କରୁଥିଲେ।ଏହି ସମୟରେ ସନ୍ଦେହଜନକ ଭାବେ ଯାଉଥିବା ଦୁଇଟି ମୋଟରସାଇକେଲକୁ ଅଟକାଇ ଯାଞ୍ଚ କରିବାରୁ ଗଞ୍ଜେଇ ମିଳିଥିଲା। ପୋଲିସ ଘଟଣାସ୍ଥଳରୁ ମୋଟ ୨୨ କେଜି ୩୧୦ ଗ୍ରାମ ଗଞ୍ଜେଇ, ୪ଟି ମୋବାଇଲ ଫୋନ୍, ୨ଟି ମୋଟରସାଇକେଲ ଏବଂ ନଗଦ ୧୮ ହଜାର ୬୦୦ ଟଙ୍କା ଜବତ କରିଛି।ଗିରଫ ଅଭିଯୁକ୍ତମାନେ ହେଲେ ମାଲକାନଗିରି ଜିଲ୍ଲା ବାଲିମେଳା ଅଞ୍ଚଳର ରାଜୁ ଚଲାଣ, ଅର୍ଜୁନ ପାଙ୍ଗି ଓ ରାଜେନ୍ଦ୍ର ମାରି।

## ପାଞ୍ଚଗଡ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ପାଳିତ

ବୋଲଗଡ଼ ୧୮/୦୮(ଅକ୍ଷର ଓଡ଼ିଶା)ବୋଲଗଡ଼ ବ୍ଲକ ଅନ୍ତର୍ଗତ ପାଞ୍ଚଗଡ ବରିଷ୍ଠ ନାଗରିକ ସଂଘ ତରଫରୁ ହାଟବସ୍ତସ୍ଥିତ କାର୍ଯ୍ୟାଳୟଠାରେ ୮୦ତମ ସ୍ୱାଧୀନତା ଦିବସ ପାଳିତ



ହୋଇଯାଇଅଛି ! ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି କାଳିଚରଣ ଜୟସିଂହଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସୁମନ୍ତ ଛୋଟରାୟଯୋଗଦେଇ ପତାକା ଉତ୍ତୋଳନ କରିଥିଲେ ! । ସରକାରୀ ପ୍ରାଥମିକ ଶିକ୍ଷକ ତାଲିମ ପ୍ରତିଷ୍ଠାନର ଛାତ୍ରୀମାନେ ଜାତୀୟ ସଂଗୀତ ଓ 'ଝଣ୍ଡା ଉଚା ରହେ ହମାରା' ସଂଗୀତ ଗାନ କରିଥିଲେ । ଏହା ଅବସରରେ ନିକଟସ୍ଥ ବାବା ସ୍ୱପ୍ନେଶ୍ୱର ଦେବ ମନ୍ଦିର ପରିସରରେ ଦେବଦାରୁ, ଆମ୍ବ, ବେଲ, ପିଜୁଳି, ଅଶୋକ, କଦମ୍ବ, ଚମ୍ପା, ଗଙ୍ଗଶିଉଳି ଇତ୍ୟାଦି ବିଭିନ୍ନ ବୃକ୍ଷାରୋପଣ କରାଗଲା ।ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକ୍ରମରେ ସମ୍ପାଦକ ବୈକୁଣ୍ଠ ମହାରଣା, ମାମଲି ସାହୁ, ଗଙ୍ଗାଧର ଜେନା, ଜୟକୃଷ୍ଣ ଫତେହ୍ ସିଂହ, ଗୁଣନିଧି ପାଇକରାୟ, ଗୋପାଳ ମହାନ୍ତି, ଭାଗିରଥୀ ଖଟେଇ, ଭଗବାନ ମହାରଣା, ଯୋଗେନ୍ଦ୍ର ସାହୁ, ଦୁର୍ଯ୍ୟୋଧନ ସୁବୁଦ୍ଧି, କୁଳମଣି ଖଣ୍ଡେଇ, ବସନ୍ତ ମାଝୀ, କିଶୋର ସ୍ୱାଇଁ, ମୋହନ ମହାନ୍ତି, ଜୟକୃଷ୍ଣ ରଥ ପ୍ରମୁଖ ଶତାଧିକ ସଭ୍ୟସଭ୍ୟାମାନେ ସହଯୋଗ କରି ପରିଚାଳନା କରିଥିଲେ ।

## ଥିପାଖୋଲରେ ମର୍ମାନ୍ତାଦ ଅଘଟଣ

## ପାଣିରେ ବୁଡ଼ି ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ନୂଆପଡା ୧୮/୦୮(ଅକ୍ଷର ଓଡ଼ିଶା) ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅଧୀନ ଥିପାଖୋଲ ପର୍ଯ୍ୟଟନସ୍ଥଳୀରେ ଘଟିଛି ଏକ ମର୍ମନ୍ତୁଦ ଅଘଟଣା ବୁଲିବାକୁ ଆସିଥିବା ଜଣେ ଯୁବକ ପାଣିରେ ବୁଡ଼ି ନିଖୋଜ ହେବାର ପ୍ରାୟ ୧୮ ଘଣ୍ଟା ପରେ ତାଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତ ଯୁବକ ଜଣକ ଛତିଶଗଡ଼ ଅମଲିପଦର ଅଞ୍ଚଳର ୨୫ ବର୍ଷୀୟ ବସନ୍ତି କୁମାର ଧ୍ରୁବ ବୋଲି ଜଣାପଡ଼ିଛି । ଏହି ଦୁଃଖଦ ଘଟଣା ପରେ ତାଙ୍କ ସାଙ୍ଗସାଥୀ ଓ ପରିବାର ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।ମିଳିଥିବା ସୂଚନା ଅନୁସାରେ, ବସନ୍ତିକୁମାର ଧ୍ରୁବ ନିଜ ୬ ଜଣ ସାଙ୍ଗଙ୍କ ସହରବିବାର ଥିପାଖୋଲ ପର୍ଯ୍ୟଟନସ୍ଥଳୀକୁ ବୁଲିବା ପାଇଁ ଆସିଥିଲେ। ସମସ୍ତେ ମିଶିପର୍ଯ୍ୟଟନସ୍ଥଳୀର ବିଭିନ୍ନ ସ୍ଥାନ ବୁଲିବା ସହ ଜଳାଶୟ ନିକଟକୁ ଯାଇଥିଲେ। ତେବେ ରବିବାର ଅପରାହ୍ନ ପ୍ରାୟ ୪ଟା ସମୟରେ ସେମାନଙ୍କ ମଧ୍ୟରୁ ୩ ଜଣ ପାଣି ଭିତରକୁ ଯାଇଥିଲେ। ପାଣିର ସ୍ରୋତ ଓ ଗଭୀରତା ସମ୍ପର୍କରେ ସମ୍ଭବତଃ ଠିକ୍ ଅନୁମାନ ନକରି ପାଣି ଭିତରକୁ ଯିବା ପରେ ହଠାତ୍ ବିପଦ ଦେଖାଦେଇଥିଲା ।ଏହି ସମୟରେ ଦୁଇଜଣ ଯୁବକ କୌଣସି ପ୍ରକାରେ ସୁରକ୍ଷିତ ଭାବେ ପାଣିରୁ ବାହାରି ଆସିଥିଲେ। ମାତ୍ର ବସନ୍ତି କୁମାର ପାଣିରୁ ବାହାରି ପାରିନଥିଲେ। ଆଖି ଆଗରେ ସେ ପାଣିରେ ନିଖୋଜ ହୋଇଯିବା ପରେ ସାଙ୍ଗମାନଙ୍କ ମଧ୍ୟରେ ଭୟ ଓ ଆତଙ୍କ ଖେଳିଯାଇଥିଲା। ସାଙ୍ଗମାନେ ତୁରନ୍ତ ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ଜଣାଇବା ସହ ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ସିନାପାଲି ପୁଲିସ ପ୍ରଶାସନ ଓ ଅଗ୍ନିଶମ ବିଭାଗର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ନିଖୋଜ ଯୁବକଙ୍କୁ ଠାବ କରିବା ପାଇଁ ତୁରନ୍ତ ଖୋଜାଖୋଜି ଓ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା ଓ ଜଳାଶୟରେ ପାଣିର ଗଭୀରତା ଓ ସ୍ରୋତ ଅଧିକ ଥିବାରୁ ଉଦ୍ଧାରକାରୀ ଦଳକୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ରାତି ପର୍ଯ୍ୟନ୍ତ ଖୋଜାଖୋଜି ଚାଲିଥିଲେ ମଧ୍ୟ ବସନ୍ତିଙ୍କ ସନ୍ଧାନ ମିଳିନଥିଲା । ପରେ ସୋମବାର ସକାଳୁ ପୁଣିଥରେ ଅଗ୍ନିଶମ ବିଭାଗ ଓ ସମ୍ପୃକ୍ତ ଟିମ୍ ପକ୍ଷରୁ ଜୋରଦାର ଭାବେ ଖୋଜାଖୋଜି ଆରମ୍ଭକରାଯାଇଥିଲା । ଦୀର୍ଘ ସମୟର ଅଭିଯାନ ପରେ ଶେଷରେ ସୋମବାର ଦିନ ପ୍ରାୟ ୧୨ଟା ସମୟରେ ବସନ୍ତିଙ୍କ ମୃତଦେହ ଠାବ କରାଯାଇଥିଲା । ଉଦ୍ଧାରକାରୀ ଦଳ ମୃତଦେହକୁ ପାଣିରୁ ବାହାର କରିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ସାଙ୍ଗସାଥୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏହାକୁ ନେଇ ଗଭୀର ଦୁଃଖ ପ୍ରକାଶ ଘଟଣାଟି ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣିଥରେ ବଡ଼ ପ୍ରଶ୍ନ ଠିଆ କରିଛି। ବିଶେଷକରି ବର୍ଷା ଜଳାଶୟରେ ପାଣି ବଢ଼ିବା ସହ ସ୍ରୋତ ତୀବ୍ର ହୋଇଥାଏ। ଏଭଳି ସମୟରେ ପର୍ଯ୍ୟଟକମାନେ ଅସାବଧାନତାରେ ପାଣି ଭିତରକୁ ପ୍ରବେଶ କଲେ ଜୀବନ ପ୍ରତି ବଡ଼ ବିପଦ ସୃଷ୍ଟି ହେବାର ଆଶଙ୍କା ରହିଥାଏ । ତେଣୁ ଥିପାଖୋଲ ଭଳି ର୍ଯ୍ୟଟନସ୍ଥଳୀର ବିପଦଜନକ ସ୍ଥାନଗୁଡ଼ିକୁ ଚିହ୍ନଟ କରି ସେଠାରେ ସ୍ପଷ୍ଟ ଭାବେ ସତର୍କତାମୂଳକ ଫଳକ ଲଗାଇବା, ପର୍ଯ୍ୟଟକଙ୍କ ଉପରେ ନଜର ରଖିବା ପାଇଁ ସୁରକ୍ଷାକର୍ମୀ ନିୟୋଜନ କରିବା ଏବଂ ଜରୁରୀ ସମୟରେ ତୁରନ୍ତ ଉଦ୍ଧାର ପାଇଁ ଆବଶ୍ୟକ ସାମଗ୍ରୀ ମହଜୁଦ ରଖିବାକୁ ସାଧାରଣରେ ଦାବି ହେଉଛି।

**AFFIDAVIT**

I Seikh Pir Mohammad,S/o-Seikh Abdul Raheman resident of vill-Bada Shankarpur, Po/Ps-Puruna Bazar, Dist-Bhadrak,Pin-756100 declare by this affidavit No.9643, dtd.17.08.2026 that now onwards I shall be Known as SEIKH PEER MOHAMMED for all Future Purposes.

AO-A-26/167

## ଦେଶ ପାଳିଲା ୮୦ ତମ ସ୍ୱାଧିନତା ଦିବସ

ସେମିଲିଗୁଡା :- ୧୮ /୮ ( ଜୟରାମ ଚୌଧୁରୀ ) କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ୍ ଦୁଧାରି ଗ୍ରାମ ପଞ୍ଚାୟତ ମଧ୍ୟ ପାଳନ କରିଛନ୍ତି ସ୍ୱାଧୀନତା ଦିବସ । ଏଥିରେ ମୁଖ୍ୟ ଅତିଥି ଭାବେ ଗ୍ରାମର ସରପଞ୍ଚ ମାଧବ ନନ୍ଦି ବାଲି ପତାକା ଉତ୍ତୋଳନ କରିଥିଲେ । ଏହାସହ ପିଓ ମୋହନ ଖରା, ଏଡିଓ ଅଶୋକ ଟୁରୁକ ଯୋଗ ଦେଇଥିବା ବେଳେ ଦୁଧାରୀ ଗ୍ରାମ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।ଜାତୀୟ ସଙ୍ଗୀତ ଗାନ କରିବା ସହ ବିଭିନ୍ନ ପ୍ରକାରର ଦେଶାତ୍ମକ ସଙ୍ଗୀତ ଗାନ କରିଛନ୍ତି ଛାତ୍ରଛାତ୍ରୀ ମାନେ । ଏବଂ ସହକର୍ମୀ ବ୍ରଜ ମୋହନ ଚୌଧୁରୀ, ପ୍ରଫୁଲ୍ଲ ନାୟକ, ଉପେନ୍ଦ୍ର ନାୟକ, ତୁଳସୀ ମଣ୍ଡଳ ନାୟକ, ଉପେନ୍ଦ୍ର କନ୍ଧ ପାନ ସୁନାମ ହନ୍ତାଲ ନୀଳ କଣ୍ଠ ଚୌଧୁରୀ ଉପସ୍ଥିତ ହୋଇ ସହଯୋଗ କରିଥିଲେ ।

## କୁମ୍ଭାର ସମାଜର ଏକତା ଓ ବିକାଶ ପାଇଁ କରଲଗାରେ ସାମାଜିକ ସଭା

ଦେବଗଡ଼,୧୮।୦୮(ଅକ୍ଷର ଓଡ଼ିଶା): ଜିଲ୍ଲା କୁମ୍ଭାର ସମାଜର ଏକତା, ଜୀବିକାର ସୁରକ୍ଷା ଓ ସାମାଜିକ ବିକାଶ ନେଇ କରଲଗା ଠାରେ ଏକ ସାମାଜିକ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କୁମ୍ଭାର ମହାସଂଘ ସଭାପତି ପ୍ରମୋଦ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ମହାସଂଘର ପୂର୍ବତନ ସଭାପତି ତ୍ରିଲୋଚନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ।ସଭା ଆରମ୍ଭରେ ଜାତୀୟ ପତାକା ଉତ୍ତୋଳନ ପରେ କୁରାଳ ଦେବତାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ନିଜ କୈଳିକ ବୃତ୍ତିର ସୁରକ୍ଷା ସହ ସମାଜର ସାମଗ୍ରିକ ଉନ୍ନତି ପାଇଁ ସମସ୍ତେ ଏକଜୁଟ ହୋଇ ଆଗକୁ ବଢ଼ିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ ।କୁମ୍ଭାର ପରିବାରଗୁଡ଼ିକର ଜୀବିକାକୁ ସୁଦୃଢ଼ କରିବା ପାଇଁ ଜମି, ଆଧୁନିକ ପ୍ରଶିକ୍ଷଣ ଓ ଆବଶ୍ୟକ ଯନ୍ତ୍ରପାତି ଯୋଗାଇଦେବାକୁ ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସରକାରଙ୍କ ସହଯୋଗ ଓ ପ୍ରୋତ୍ସାହନ ମିଳିଲେ କୁମ୍ଭାର ସମାଜର ଲୋକେ ସ୍ୱାବଲମ୍ବୀ ହେବା ସହ ନିଜର କୈଳିକ ବୃତ୍ତିକୁ ଆହୁରି ଆଗକୁ ନେଇପାରିବେ ବୋଲି ଜିଲ୍ଲା ସଭାପତି ପ୍ରମୋଦ କୁମାର ବେହେରା କହିଥିଲେ ।

## 'ଚିତ୍ରଭୂମି' ପରିସରରେ ପୁରସ୍କାର ବିତରଣ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

କଟକ ସଦର:(୧୮/୮(ଅକ୍ଷର ଓଡିଶା ) କଟକ ସଦର ବ୍ଲକ ବୟାଳିଶମୌଜା ଅନ୍ତର୍ଗତ ଶ୍ରୀରାମମାର୍କେଟ ସ୍ଥିତ 'ଚିତ୍ରଭୂମି' ଅନୁଷ୍ଠାନ ଓ ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ଉତ୍କଳ ହେଲପିଙ୍ଗ ହ୍ୟାଣ୍ଡସ ଫାଉଣ୍ଡେସନ'ର ମିଳିତ ଆନୁକୁଲ୍ୟରେ ୮୦ତମ ସ୍ୱାଧୀନତା ଦିବସ ଓ ପୁରସ୍କାର ବିତରଣ ତଥା ସମ୍ବର୍ଦ୍ଧନା ସଭା ଉତ୍ସାହ ଉଦ୍ଦୀପନାର ସହିତ ପାଳିତ ହୋଇଯାଇଛି ।ଚିତ୍ରଭୂମି ଅନୁଷ୍ଠାନ ପରିସରରେ, ଶତାଧିକ ଶିଶୁଙ୍କୁ ନେଇ ଚିତ୍ରାଙ୍କନ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ସତ୍ୟଜିତ ମହାପାତ୍ର, ସତ୍ୟଶେଖର ପରିଡ଼ା, ଶଶୀକାନ୍ତ ଦାଶ, ମିର୍ଜା ସରାଫତ ବେଗ ଓ ପ୍ରକାଶ ମୁଦୁଲି ବିଚାରକ ଭାବରେ ଦାୟିତ୍ୱ ତୁଲାଇଥିଲେ ।ଚିତ୍ରଭୂମି ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ଶ୍ୟାମ ସୁନ୍ଦର ପରିଡ଼ା ଓ ଉତ୍କଳ ହେଲପିଙ୍ଗ ହ୍ୟାଣ୍ଡସର କର୍ମକର୍ତା ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମିର୍ଜା ସରାଫତ ହୁସେନ ବେଗ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ, ମୁଖ୍ୟ ଅତିଥି ଭାବରେ ଡ଼. ପଞ୍ଚାନନ ସାମଲ (ପୂର୍ବତନ ସମ୍ପାଦକ, ଲଳିତ କଳା ଏକାଡେମୀ).ସମ୍ମାନିତ ଅତିଥି ଭାବେ ମହେନ୍ଦ୍ର ପ୍ରସାଦ ମହାପାତ୍ର ଓ ସଂଜୀବ ବିଶ୍ୱାଳ ଯୋଗଦାନ କରି ଥିବା ବେଳେ, ସ୍ୱତନ୍ତ୍ର ଅତିଥି ଭାବରେ ସରଫୁଦ୍ଦିନ ଅହମଦ, ଶୁକଦେବ ମହାରଣା, ସନ୍ତୋଷ ପତି, ପ୍ରଫୁଲ୍ଲ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ ।

## କୃଷକ ଓ ଚାଷୀଙ୍କ ସମସ୍ୟା ନେଇ ଆଲୋଚନା କଲେ ବିଧାୟକ

ପାରଳାଖେମୁଣ୍ଡି, ୧୮/୮(ତାରିଣୀ ପ୍ରସାଦ ପଣ୍ଡା): ପାରଳା ବିଧାୟକ ରୂପେଶ ପାଣିଗ୍ରାହୀ କୃଷକ ଓ ଚାଷୀର ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଆଲୋଚନା କରିବା ପରେ ଚାଷୀଙ୍କ ସହ ମିଳିତ ଭାବେ କ୍ଷେତରେ ନିଆରା ଢଙ୍ଗରେ ବଳଦ ହଳକୁ ଚଲାଇ ଚାଷ କରିବା ଘଟଣା ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି. ବିଧାୟକ ଶ୍ରୀ ପାଣିଗ୍ରାହୀ ଗୁମ୍ମା ବ୍ଲକର ସାରାଜାଲ ଗ୍ରାମ ଗସ୍ତକରି ଗ୍ରାମବାସୀ ଓ ଚାଷୀଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପରେ ସେ ଚାଷୀଙ୍କ ସହ ଚାଷଜମିରେ ଲଙ୍ଗଳ ଧରି ହଳ କରିଥିଲେ। ଚାଷୀଙ୍କ ଜୀବନ ସହ ନିଜକୁ ଯୋଡ଼ିବା ଏବଂ ସେମାନଙ୍କ ସମସ୍ୟାକୁ ନିକଟରୁ ବୁଝିବା ନେଇ ବିଧାୟକଙ୍କ ଏହି ପ୍ରୟାସ ନେଇ ଚାଷୀ ଓ କୃଷକମାନଙ୍କ ଠାରେ ନୂତନ ଆଶାର ସଂଚାର ହୋଇଛି. ବିଧାୟକଙ୍କ ଲଙ୍ଗଳ ଧରିଚାଷ କରୁଥିବା ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ ଭାଇରାଲ ହେବାରେ ଲାଗିଛି ।

# ଜିଲାପାଳ କାର୍ଯ୍ୟାଳୟ ଘେରିଲେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା

ନୂଆପଡ଼ା,୧୮/୦୮ ( ଅକ୍ଷର ଓଡ଼ିଶା ) :ଭାରତୀୟ ମଜଦୁର ସଂଘ ନିର୍ଦ୍ଦେଶକ୍ରମେ ଜିଲା ଶ୍ରମିକ ମହାସଂଘ, ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ ୱାର୍କର ସଂଘ ଓ ଅନ୍ୟାନ୍ୟ ମଜଦୁର ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ଜିଲାପାଳ କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭପ୍ରଦର୍ଶନ କରାଯାଇଥିଲା। ନୂଆପଡ଼ା ମଜଦୁର ସଂଘ ଜିଲା ସଭାପତି ପ୍ରଦୀପ କୁମାର ଦଣ୍ଡସେନାଙ୍କ ନେତୃତ୍ୱରେ ସହସ୍ରାଧିକ ମହିଳା ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ଏକତ୍ରିତ ହୋଇ ପୁଲିସ ପଡ଼ିଆରୁ ଶୋଭାଯାତ୍ରାରେ ବାହାରି ବିଭିନ୍ନ ନାରାବାଜି କରି ସହର ପରିକ୍ରମା କରି ଜିଲାପାଳ କାର୍ଯ୍ୟାଳୟ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ୧୧ ଓ ୮ ଦଫା ସମ୍ବଳିତ ୨ଟି ଦାବିପତ୍ର ଅତିରିକ୍ତ ଜିଲାପାଳ ସୁବାଷ ଚନ୍ଦ୍ର ରଇତଙ୍କୁ ପ୍ରଦାନ କରିଥିଲେ। ଜିଲାରେ ସମନ୍ୱିତ ଶିଶୁବିକାଶ ସମ୍ପୂର୍ଣ୍ଣ ବନ୍ଦ ହେବାରେ ଲାଗିଛି। ପ୍ରାକ୍ ବିଦ୍ୟାଳୟ ଶିଶୁ ମାନଙ୍କ ଗରମ ରନ୍ଧା ଖାଦ୍ୟ ପାଇଁ ୨୦୨୬ ଅପ୍ରିଲ ଠାରୁ ଆଜିପର୍ଯ୍ୟନ୍ତ କୌଣସି ଅନୁଦାନ ପ୍ରଦାନ କରାଯାଇନାହିଁ। ୨୦୨୫ ମାର୍ଚ୍ଚ ମାସର ଏମଏସପିୱାଲ ଓ ଏସଏକି ପାଇଁ ଆସୁଥିବାଭାରତୀୟ ମଜଦୂର ସଂଘଅନୁଦାନକୁ ପ୍ରଦାନ କରାଯାଇନାହିଁ। ଏସଏଜିର ଅନୁଦାନ ୨୦୨୫ ଅକ୍ଟୋବର, ନଭେମ୍ବର ଓ ୨୦୨୬ ଜାନୁଆରୀ ଏବଂ ମାର୍ଚ୍ଚ ମାସର କେବଳ ୨ ଟଙ୍କା ହିସାବରେ ପ୍ରଦାନ କରାଯାଇଛି । ୨୦୨୫ ଡିସେମ୍ବର ଓ ୨୦୨୬ ଫେବୃଆରୀ ମାସର ଏସଏଚଜି ଅନୁଦାନ ପ୍ରଦାନ କରାଯାଇନାହିଁ । ୨୦୨୬ଅପ୍ରିଲରୁ ଆଜିପର୍ଯ୍ୟନ୍ତ ଏମଏସପିୱାଇଅନୁଦାନ ପ୍ରଦାନ କରାଯାଇନାହିଁ। ୨୦୨୬ ଫେବୃଆରୀ ମାସର ଅଧା ଦରମା ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କୁ ମିଳିନାହିଁ ।



୨୦୨୬ଜାନୁଆରୀରୁ ଅରୁଣିମା କିଟସ, ମେଡିସିନ କିଟସ, ଇଣ୍ଟିଜେନ୍ସି ବାବଦକୁ କୌଣସି ଅନୁଦାନ ଓ ଚାଉଳ ପ୍ରଦାନ କରାଯାଉ ନ ଥିବାରୁ କର୍ମୀ ଧାରକରଜ କରି କେନ୍ଦ୍ର ଚଳାଉଛନ୍ତି। ଏହି ସମସ୍ୟା ଗୁଡ଼ିକ ୭ ଦିନ ଭିତରେ ସମାଧାନ ବା ବିକଳ୍ପ ବ୍ୟବସ୍ଥା ନ କଲେ ଆଗାମୀ ଦିନରେ ରନ୍ଧା ଖାଦ୍ୟ ଓ ସୁଖୋଲା ଖାଦ୍ୟ ବଣ୍ଟନ କାର୍ଯ୍ୟ ବନ୍ଦ ରଖିବାକୁ ସେମାନେ ଚେତାବନୀ ଦେଇଛନ୍ତି । ଭାରତୀୟ ମଜଦୁର ସଂଘ ରାଜ୍ୟ ପ୍ରଭାରୀ ବିରଞ୍ଚି ନାରାୟଣ ପଣ୍ଡା, ଜିଲା ପ୍ରଭାରୀ ବିଶ୍ୱରଞ୍ଜନ ସା, ଶ୍ରମିକ ମହାସଂଘ ନୂଆପଡ଼ା ସହ ଆବାହକ ଭକ୍ତବନ୍ଧୁ ଧରୁଆ, ଅଲ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ ୱାର୍କର ସଂଘ ସଭାନେତ୍ରୀ ଲୋଭା ଲୋହାର, ସମ୍ପାଦିକା ଚନ୍ଦ୍ରପ୍ରଭା ପାଣିଗ୍ରାହୀ, ବ୍ଲକ ସଭାନେତ୍ରୀ ଜାନକୀ ମେହେର, ଜାନକୀ ମାଝି, ଷଷ୍ଠୀ ସାହୁ, ଗୀତାଞ୍ଜଳି ବିଶି, ରେସ୍ମା ବାବୁ, ଚନ୍ଦ୍ରକାନ୍ତି ଶବର ପ୍ରମୁଖ ଉପସ୍ଥିତ ଥିଲେ ।

# ଅନୁଗୋଳରେ ABVP ପକ୍ଷରୁ ୧୫୦ ଫୁଟର ତ୍ରିରଙ୍ଗା ଶୋଭାଯାତ୍ରା

ବନ୍ତଳା (୧୭/୦୮) ( ଅକ୍ଷର ଓଡିଶା ) ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଅନୁଗୋଳ ଜିଲ୍ଲା ସମିତି ର ନିଷ୍ପତି କ୍ରମେ ଅନୁଗୋଳ ନଗର ୟୁନିଟ୍ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ଏବଂ 'ବନ୍ଦେ ମାତରମ୍' ର ୧୫୦ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ସକାଳ ୧୦ ଟା ରେ ୧୫୦ ଫୁଟ ର ବିରାଟ ତ୍ରିରଙ୍ଗାକୁ ନେଇ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ବିଜୁ ମୈଦାନରୁ ଆରମ୍ଭ ହୋଇ ଏହି ଶୋଭାଯାତ୍ରା ଥାନା ଛକ, ରାଜା ଛକ, ବଜାର ଛକ, ହରିମୋହରୀ ଛକ ଦେଇ ଜଗନ୍ନାଥ ମନ୍ଦିର ପରିସରରେ ପହଞ୍ଚିଥିଲା। ସେଠାରେ ସମସ୍ତେ ସମବେତ ସ୍ୱରରେ 'ବନ୍ଦେ ମାତରମ୍' ଗାନ କରି ଶୋଭାଯାତ୍ରାର ପରିସମାପ୍ତି କରିଥିଲେ ।ଏହି ଶୋଭାଯାତ୍ରାରେ ଅନୁଗୋଳ ନଗରର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ, ଅଧ୍ୟାପିକା, ଶୁଭେଚ୍ଛୁ ସାମିଲ ହୋଇଥିଲେ। ଶୋଭାଯାତ୍ରା ସମୟରେ ଦେଶପ୍ରେମ ଓ ରାଷ୍ଟ୍ରଭକ୍ତି ଭାବ ଜାଗ୍ରତ କରିବା ପାଇଁ 'ଭାରତ ମାତା କୀ ଜୟ', 'ବନ୍ଦେ ମାତରମ୍', 'ହର ଘର ତିରଙ୍ଗା' ଭଳି



ବିଭିନ୍ନ ଦେଶାତ୍ମବୋଧକ ସ୍ଲୋଗାନ ଦେଇ ଜନସଚେତନତା କରାଯାଇଥିଲା ।ଏହି ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ର ରାଜ୍ୟ ସହ ସମ୍ପାଦକ ଶ୍ରୀ ଆଶିଷ କୁମାର ବେହେରା କହିଲେ ଯେ, 'ହର ଘର ତିରଙ୍ଗା ଅଭିଯାନକୁ ସଫଳ କରିବା ଏବଂ ଯୁବପିଢ଼ି ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା ହିଁ ଏହି ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ'। ସେ ଆହୁରି କହିଲେ ଯେ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗକୁ ସ୍ମରଣ କରି ଆମକୁ ଦେଶ ପାଇଁ କାମ କରିବାକୁ ପଡିବ ।ଏହି କାର୍ଯ୍ୟକ୍ରମରେ ଅଭିଳାଷ ତ୍ରିପାଠୀ, ସତ୍ୟବ୍ରତ ପ୍ରଧାନ, ଆକାଂକ୍ଷା ପ୍ରଧାନ, ତପସ୍ୱିନୀ ସାହୁ, ସ୍ୱିଟି ବେହେରା, ମୁଦ୍ରିକା, ତପନ ସାମଲ, ସଚିନ ପ୍ରଧାନ, ସସ୍ମିତ ବେହେରା ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଅସ୍ତରଙ୍ଗ ବଜାରରୁ ବଡ଼ଧରଣ ଚୋରି

# ୧ କୋଟି ରୁ ଉର୍ଦ୍ଧ ମୋବାଇଲ ସହ ନଗଦ ରାଶି ୧.୫ ଲକ୍ଷ ଲୁଟ୍

ଅସ୍ତରଙ୍ଗ ୧୮/୮(ଅକ୍ଷର ଓଡ଼ିଶା)ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ଏବେ ଚୋରୀ ଡକାୟତି ର ହବ୍ ପାଲଟିଛି.ଅନେକ ମୁହୂର୍ତ୍ତ ରେ ଦେଖିବାକୁ ମିଳିଛି ବିଭିନ୍ନ ମଠ ମନ୍ଦିର ସମେତ ବିଦ୍ୟାଳୟ ରୁ ଲକ୍ଷାଧିକ ଟଙ୍କା ର ସାମଗ୍ରୀ ସହିତ କିଛି ଅର୍ଥ ଚୋରୀ ହେଉଥିବା ବେଳେ ବର୍ତ୍ତମାନ ଲୁଟେରା ଙ୍କ ଲକ୍ଷ ସମ୍ପୂର୍ଣ୍ଣ ରୂପେ ବ୍ୟବସାୟିକ ଅନୁଷ୍ଠାନ ଉପରେ ପଡ଼ିଛି.ଗତକାଲି ବା ସୋମବାର ଦିନ ଅସ୍ତରଙ୍ଗ ପୁରୁଣା ଥାନା ରାସ୍ତା ତିନି ଛକ ନିକଟରେ ଥିବା ସହନ ଗ୍ରାମ ର ଯୁବ ବ୍ୟବସାୟୀ ରାଜେଶ କୁମାର ମହାନ୍ତି ତାଙ୍କ ମହାନ୍ତି କମ୍ୟୁନିକେସ ମୋବାଇଲ ଦୋକାନ ଟିକୁ ସବୁଦିନ ପରି ବନ୍ଦ କରି ରାତ୍ର ୯ ଘଟିକା ୩୦ ମିନିଟ ରେ ଘରକୁ ଯାଇଥିଲେ ମାତ୍ର ସକାଳୁ ଦୋକାନ ଖୋଲିବାକୁ ଆସି ଦେଖିଥିଲେ ତାଙ୍କ ଦୋକାନ ସଟର ତଡାଯାଇଛି ଆଉ ଏକ ସିସି କ୍ୟାମେରା ଭଙ୍ଗାଯାଇ ତଳେ ପଡିଛି, ସେ ସଙ୍ଗେ ସଙ୍ଗେ ଅସ୍ତରଙ୍ଗ ଥାନା କୁ ଯାଇ ଏ ବାବଦରେ ଏତଲା ଦେବା ପରେ ପୋଲିସ ଘଟଣା ସ୍ଥଳକୁ ଆସି ଦୋକାନ ଖୋଲିଥିଲେ ଏବଂ ତଦନ୍ତ ଆରମ୍ଭ କରିଥିଲେ.ଅଭିଯୋଗକାରୀ ଙ୍କ ଏତଲା ମୁତାବକ ନୂଆ ମୋବାଇଲ ସବୁ ଚୋରୀ ହେଇଯାଇଛି ଯାହାର ଆନୁମାନିକ ମୂଲ୍ୟ ଏକ କୋଟି ଟଙ୍କା ରୁ ଉର୍ଦ୍ଧ ହେବ, ଏହା ସହ କ୍ୟାସ ବାକ୍ସ ରୁ ଦେଢ଼ ଲକ୍ଷ ଟଙ୍କା ନଗଦ ଅର୍ଥ ମଧ୍ୟ ଚୋରୀ ହୋଇଛି, ଏହି ଘଟଣା ପରେ ପୋଲିସ ର ନିଷ୍କ୍ରିୟତା କୁ ନେଇ ସାଧାରଣ ରେ ଚର୍ଚ୍ଚା ଜୋର ଧରିଥିବା ବେଳେ, ଅସ୍ତରଙ୍ଗ ବଜାର କମିଟି ଏହାର ଦୃଢ଼ ବିରୋଧ ପଦର୍ଶନ କରିଥିଲେ. ଅସ୍ତରଙ୍ଗ ବଜାର କମିଟି ତରଫରୁ ହାରାହାରି ୨ଶହ ରୁ ଉର୍ଦ୍ଧ ବ୍ୟବସାୟୀ ମାନେ ଆସି ଅସ୍ତରଙ୍ଗ ଥାନା ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ରେ ବସିଥିଲେ, ସେମାନଙ୍କର ଦାବୀ ଥିଲା ଅନେକ ଚୋରୀ ଅସ୍ତରଙ୍ଗ ଅଞ୍ଚଳ ରେ ଘଟୁଛି ମାତ୍ର ଅସ୍ତରଙ୍ଗ ଥାନା ଅଧିକାରିଣୀ ଙ୍କ କୌଣସି ସଫଳତା ଏଥିରେ ମିଳିନାହିଁ, ପେଟ୍ରୋଲିଙ୍ଗ ରେ ଦୁର୍ବଳତା,ବିପର୍ଯ୍ୟୟ ଆଇନ ଶୃଙ୍ଖଳା,ପ୍ରତି କେଶ ରେ ଚାନ୍ଦା ଆଦାୟ, ମିଥ୍ୟା ମାମଲା ରୁଜୁ କରିବା ଉପରେ କାର୍ଯ୍ୟାନୁଷ୍ଠାନ, ତୁରନ୍ତ ମୋବାଇଲ ଦୋକାନ ର ଚୋରୀ ଘଟଣା ରେ ଚୋର କୁ ଧରିବା ମୁଖ୍ୟ ଦାବୀ ରଖିଥିଲେ, ପରେ ନିମାପଡାପୋଲିସ ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ଆସି ସାତ ଦିନ ଭିତରେ ଚୋର କୁ ଧରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ରୁ ବ୍ୟବସାୟୀ ମାନେ ଉଠିଥିଲେ, ଏହି ପ୍ରସଙ୍ଗ ରେ ବଜାର କମିଟି ତରଫରୁ ଏସ୍ ଡିପିଓ ଙ୍କ ମାଧ୍ୟମ ରେ ପୁରୀ ଆରକ୍ଷୀ ଅଧକ୍ଷ ଙ୍କୁ ଏକ ୬ ଦଫା ଦାବି ପ୍ରଦାନ କରାଯାଇଛି ବୋଲି ବଜାର କମିଟି ସଭାପତି ଦୁଷ୍ମନ୍ତ ପରିଡା ମତାମତ ଦେଇଛନ୍ତି ।

# ବେଆଇନ ଭାବେ ଆନ୍ଧ୍ର ଜମି ମାଫିଆଙ୍କ କବଜା ଥାନା ଓ ତହସିଲରେ ଲୋକଙ୍କ ଅଭିଯୋଗ

ବୁଗୁଡ଼ା :୧୮/୦୮ (ଅକ୍ଷର ଓଡିଶା ): ବୁଗୁଡ଼ା ଥାନା ତଥା ତହସିଲ ଇଲାକା ଅନ୍ତର୍ଗତ ମାଣିତରା ଓ ମକରାପଲ୍ଲୀର ରାଉତ ବଂଶର କଣ୍ଡରାଇ ମୌଜାରେ ଥିବା ଖାତା ନଂ ୨୭, ୨୪,୬୨, ୩୦, ୫୮, ୧,୧୪, ୫୫ରେ ପଟ୍ଟାପ୍ରାପ୍ତ କେତେକ ଜମିକୁ ବେଆଇନ ଭାବେ ଆନ୍ଧ୍ରର ଜମି ମାଫିଆ ବଳପୂର୍ବକ ନିଜର କବଜାକୁ ନେଉଥିବା ନେଇ ସଂପୃକ୍ତ ଜମିର ମାଲିକମାନେ ତହସିଲ କାର୍ଯ୍ୟାଳୟ ଏବଂ ପୋଲିସ ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି । ରାଉତ ବଂଶର ଲୋକେ ଅଭିଯୋଗ କରିଛନ୍ତି ଯେ, ଗତ କିଛି ଦିନ ହେଲା ଆନ୍ଧ୍ରର ଜଣେ ବ୍ୟକ୍ତି ଚାରଗୋଲା ଭିରା ଭେଙ୍କେଟା ସତ୍ୟନାରାୟଣ, ଅଳସୁ ଗ୍ରାମର ଦଲାଲ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଏବଂ ଆନ୍ଧ୍ର ବ୍ୟକ୍ତିଙ୍କ ଅଧିନରେ କାର୍ଯ୍ୟରତ କଣ୍ଡରାଇ ଗ୍ରାମର ସୁକାନ୍ତ ନାଇକ ଜୋରଜବରଦସ୍ତ କରି ସେମାନଙ୍କ ଜମିରେ ଜେସିବି ମେସିନ ଲଗାଇ ବହୁ ପୁରାତନ ମୂଲ୍ୟବାନ ଗଛଗୁଡ଼ିକୁ ଉପାଡି ସଫା କରୁଛନ୍ତି। ଏହାର



ପ୍ରତିବାଦ କରିବାରୁ ଜବରଦଖଲକାରୀମାନେ ସେମାନଙ୍କୁ ନାନାଦି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଏବଂ ଧକ୍କା ତଣ୍ଟିଆ ମାରିବା ସହ ହତ୍ୟା ଧମକ ଦେଇଛନ୍ତି । ଏଣୁ, ରାଉତ ବଂଶର ଲୋକେ ସେମାନଙ୍କ ଧନ ଓ ଜୀବନର ସୁରକ୍ଷା ସହ ଜବରଦଖଲକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିବେଦନ କରିଛନ୍ତି। ଏଥି ସହ ସେମାନେ ଭଞ୍ଜନଗର ଏସଡିପିଓ, ଗଞ୍ଜାମ ଏସପି ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ମଧ୍ୟ ଅଭିଯୋଗ ପତ୍ର ପ୍ରେରଣ କରିଛନ୍ତି।

## ସାଲେପୁର ଅଞ୍ଚଳର ବରିଷ୍ଠ ସମାଜସେବୀଙ୍କ ହୃଦ୍‌ଘାତରେ ଦେହାନ୍ତ



ସାଲେପୁର ୧୮/୦୮ ( ମନୋଜ ସାମଲ) ସାଲେପୁର ବ୍ଲକ୍ ଚନ୍ଦ୍ରଦେଇପୁର୍ ଗ୍ରାମର ବରିଷ୍ଠ ସମାଜସେବୀ ନନ୍ଦକିଶୋର ଭୁୟାଁ (ମନୁ ଭାଇ)ଙ୍କ ଅକାଳ ବିୟୋଗ ରେ ସାଲେପୁର ଅଞ୍ଚଳ ରେ ସମସ୍ତଙ୍କ ମନକୁ ଗଭୀର ଭାବେ ବେଥିତ କରିଛି। ସେ ସାଲେପୁର ବଜାର ସ୍ଥିତ ଏକ ଦୋକାନରେ ବସିଥିବା ବେଳେ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିଥଲେ, ତାଙ୍କୁ ସ୍ଥାନୀୟ ମାର୍କେଟ ଲୋକ ସାଲେପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରୁ ଜଗତପୁର ସ୍ଥିତ ଏକ ଘରୋଇ ହସ୍ପିଟାଲ୍ କୁ ସ୍ଥାନାନ୍ତର କରାଯାଇଥିଲା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥଲେ ।ସାଲେପୁର ମାଟିର ଜଣେ ଗର୍ବିତ ପୁଅ, ସାଲେପୁର ଅଞ୍ଚଳ ର ବରିଷ୍ଠ ସମାଜସେବୀ, ସମାଜ ପାଇଁ ତାଙ୍କର ନିଷ୍ଠା, ସରଳତା, ସହଯୋଗୀ ମନୋଭାବ ଲୋକଙ୍କ ପ୍ରତି ଥିବା ଭଲ ପାଇବା ସବୁବେଳେ ସ୍ମୃତିରେ ଅମର ହୋଇ ରହିବ, ତାଙ୍କ ପ୍ରଚେଷ୍ଟାରେ ସାଲେପୁରେ ନୂତନ ବସ୍ ଷ୍ଟାଣ୍ଡ, ସାଲେପୁରକୁ ଏନେଶି ମାନ୍ୟତା କରିବା, ସାଲେପୁର ହାଇସ୍କୁଲ୍ କୁ ଏକ ମଡେଲ ସ୍କୁଲ ରେ ପରିଣତ କରିବା ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା, ତାଙ୍କ ବିୟୋଗରେ ତାଙ୍କ ପରିବାର ପାଇଁ ନୁହେଁ, ସମଗ୍ର ସାଲେପୁର ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କ ମରଶରୀରକୁ ଏକ ବିଶାଳ ଶୋଭାଯାତ୍ରା ରେ ସାଲେପୁର ଅଞ୍ଚଳବାସି ବଜାର ପରିକ୍ରମା କରି ତାଙ୍କ ବାସଭବନକୁ ନେଇଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ତାଙ୍କ ବାସଭବନରେ ଲୋକଙ୍କ ଭିଡ଼ ଜମିଥିଲା। ତାଙ୍କର ଅକାଳବିୟୋଗ ଖବର ପାଇଁ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା , କଂଗେସ ନେତା ହରିବନ୍ଧୁ ଶତପଥୀ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥଲେ।

## ଡ଼. ଘନଶ୍ୟାମ ମହାବିଦ୍ୟାଳୟରେ ନିଶା ମୁକ୍ତି ସଚେତନତା ସମାରୋହ

କବିସୂର୍ଯ୍ୟନଗର୧୮/୦୮ (ବିବେକାନନ୍ଦ ସାହୁ):ସ୍ଥାନୀୟ ଡ଼. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ ଠାରେ କବିସୂର୍ଯ୍ୟ ନଗର ସ୍ଥିତ ଓମ୍ ଶାନ୍ତି, ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ୧୦ କୋଟି ନିଶା ମୁକ୍ତି ପ୍ରତିଜ୍ଞା ମହା ଅଭିଯାନ ଏବଂ ମହାବିଦ୍ୟାଳୟ ଯୁବ ରେଡକ୍ରସ୍ ସହଯୋଗୀତାରେ ସମସ୍ତ କର୍ମଚାରୀ ତଥା ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଡ଼ ଅବନୀ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଓମ୍ ଶାନ୍ତି ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ବ୍ରହ୍ମା କୁମାରୀ ଓ ବ୍ରହ୍ମା କୁମାର ମାନେ ନିଶାଦ୍ରବ୍ୟ ବର୍ଜନ କରିବା ପାଇଁ ଶପଥଗ୍ରହଣ କରାଇଥିଲେ ଏବଂ ଆମ ମହାବିଦ୍ୟାଳୟ କର୍ମଚାରୀ ମାନେ ଓ ଛାତ୍ରଛାତ୍ରୀ ମାନେ ନିଶାଦ୍ରବ୍ୟ ବର୍ଜନ କରିବା ପାଇଁ ଶପଥଗ୍ରହଣ କରିଥିଲେ। ତତ୍ ସହିତ ହର୍ ଘର୍ ତ୍ରୀରଙ୍ଗା କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ,ସମସ୍ତ କର୍ମଚାରୀ ତଥା ଛାତ୍ରଛାତ୍ରୀ ମାନେ ଯୋଗଦେଇ କାର୍ଯ୍ୟକ୍ରମ କୁ ସଫଳତା ଆଣିଥିଲେ।

# କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ଆରମ୍ଭ, ୩୯୨ ଜଣ ଆଶାକର୍ମୀ ନିୟୋଜିତ

ପୁରୀ, ୧୮ ।୮(ଅକ୍ଷର ଓଡ଼ିଶା): କୁଷ୍ଠରୋଗର ଶୀଘ୍ର ଚିହ୍ନଟ, ନିରାକରଣ ଓ ନିୟନ୍ତ୍ରଣ ଉଦ୍ଦେଶ୍ୟରେ ପୁରୀ ସହରର ସମେତ ଗୋପ ବ୍ଲକ ଓ କଣାସ ବ୍ଲକରେ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ଆଜିଠାରୁ ଆରମ୍ଭ ହୋଇଛି ।ଏହା ଅଗଷ୍ଟ ୩୧ ପର୍ଯ୍ୟନ୍ତ ଚାଲିବ। ଏହି ଅଭିଯାନରେ ୩୯ ୨ ଜଣ ଆଶାକର୍ମୀ ଓ ୭୩ ସୁପରଭାଇଜର ଟିମ୍ ନିୟୋଜିତ ହୋଇଛନ୍ତି। ଏହି ଅଭିଯାନ ନିମନ୍ତେ ଏକ ଟାସ୍କଫୋର୍ସ ବୈଠକ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଭିଯାନର ଉଦ୍ଦେଶ୍ୟ, ରଣନୀତି ଓ ଆଦି କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା ହୋଇଥିଲା ।ଏଥି ସହିତ ରାଜ୍ୟ ଅତିରିକ୍ତ କୁଷ୍ଠ ରୋଗ ନିର୍ଦ୍ଦେଶକ ଡାକ୍ତର ଲକ୍ଷ୍ମଣ କୁମାର କର୍ମୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ଡାକ୍ତର ମାନସ ରଞ୍ଜନ ଦାଶ ଓ ଜିଲ୍ଲା କୁଷ୍ଠ ପରାମର୍ଶଦାତା ଡାକ୍ତର ସୁଶାନ୍ତ କୁମାର ରାଉତଙ୍କ ଉପସ୍ଥିତରେ କୁଷ୍ଠରୋଗ ଚିହ୍ନଟ ଅଭିଯାନ ସମ୍ପର୍କରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯାନରେ ଆଶାକର୍ମୀ,



ମହିଳା ସ୍ୱାସ୍ଥ୍ୟକର୍ମୀ ଓ ତାଲିମପ୍ରାପ୍ତ ସୁପରଭାଇଜର ଦଳଗୁଡ଼ିକ ଘରକୁ ଘର ଯାଇ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଚିହ୍ନଟ, ପ୍ରତ୍ୟକ ଘରେ ସ୍କ୍ରିନିଂ ଏବଂ କୁଷ୍ଠରୋଗୀଙ୍କ ସଂସ୍ପର୍ଶରେ ଥିବାବ୍ୟକ୍ତିଙ୍କ ପରୀକ୍ଷା କରିବେ। ସନ୍ଦିଗ୍ଧ ଚିହ୍ନଟ ହେଲେ ଆବଶ୍ୟକ ପରୀକ୍ଷା ଓ ଚିକିତ୍ସା ନିଶ୍ଚିତ କରିବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବେ । କୁଷ୍ଠରୋଗକୁ ନେଇ ସମାଜରେ ଥିବା ଭୟ, ଲଜ୍ଜା ଓ ଭ୍ରାନ୍ତ ଧାରଣା ଦୂର କରିବା ସହିତ ରୋଗୀଙ୍କୁ ଶୀଘ୍ର ଚିହ୍ନଟ କରି ଉଚିତ ଚିକିତ୍ସା ସହିତ ଯୋଡ଼ିବା ଅଭିଯାନର ଅନ୍ୟତମ ପ୍ରମୁଖ ଲକ୍ଷ୍ୟ ।କୁଷ୍ଠ ରୋଗ ସମ୍ପୂର୍ଣ୍ଣ ଭାବେ ଚିକିତ୍ସାଯୋଗ୍ୟ। ଶୀଘ୍ର ଚିହ୍ନଟ ଓ ଠିକ୍ ସମୟରେ ଚିକିତ୍ସା ଦ୍ୱାରା ଅକ୍ଷମତାକୁ ରୋକାଯାଇପାରିବ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ଆସିକା:୧୮/୦୮/(ଅକ୍ଷର ଓଡିଶା )ଆସିକା ପଞ୍ଚାୟତ ସମିତି ପକ୍ଷରୁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ ଆୟୋଜିତ ହୋଇଥିଲା। ଶିବିରରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସହ ବିଭିନ୍ନ ସହାୟକ ଉପକରଣ ପାଇଁ



ଚିହ୍ନଟ ଓ ପଞ୍ଜିକରଣ କରାଯାଇଥିଲା। ।ଉକ୍ତ କାର୍ଯ୍ୟକ୍ରମରେ ବିଡିଓ ରାଜେନ୍ଦ୍ର ନାୟକ, ବିଧାୟକଙ୍କ ପୁତ୍ର ସଙ୍ଗୀତ ପାଢ଼ୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ରେଶମା ଦୋରା, ଏବିଡିଓ ସୁଶାନ୍ତ କୁମାର ବେହେରା, ଆମ୍ବାର ଅଧ୍ୟକ୍ଷ ବିଜୟ ସ୍ୱାଇଁ, ଯୋଗାଣ ଅଧିକାରୀ ଶର୍ମିଷ୍ଠା ଦଳବେହେରା ପ୍ରମୁଖ ମଞ୍ଚାସୀନ ଥିଲେ ।ଶିବିରରେ ଚଳନ ବାଧିତ ୨୧ ଜଣ, ଶ୍ରବଣ ବାଧିତ ୭ ଜଣ, ଦୃଷ୍ଟି ବାଧିତ ୨ ଜଣ, ମାନସିକ ବାଧିତ ୧ ଜଣ ଏବଂ ଅଟିଜିମ୍ ଥିବା ୧ ଜଣଙ୍କ ସମେତ ମୋଟ ୩୪ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପଞ୍ଜିକରଣ ହୋଇଥିଲା ।ଏହି ଶିବିରରେ ୧୫ ଜଣଙ୍କ ପାଇଁ ତିନିଚକିଆ ସାଇକେଲ, ୧୧ ଜଣଙ୍କ ପାଇଁ ବ୍ୟାଟେରି ଚାଳିତ ସାଇକେଲ, ୨ ଜଣଙ୍କ ପାଇଁ ହ୍ୱିଲ୍‌ଚେୟାର, ୬ ଜଣଙ୍କ ପାଇଁ ଆଶା ବାଡ଼ି, ୧୮ ଜଣଙ୍କ ପାଇଁ ଶ୍ରବଣ ଯନ୍ତ୍ର, ୩ ଜଣଙ୍କ ପାଇଁ ଧଳା ବାଡ଼ି, ୩ ଜଣଙ୍କ ପାଇଁ ମାନସିକ ଅନଗ୍ରସରତା କିଟ୍, ୨ ଜଣଙ୍କ ପାଇଁ ସ୍ୱତନ୍ତ୍ର ହ୍ୱିଲ୍‌ଚେୟାର, ୧୪ ଜଣଙ୍କ ପାଇଁ କ୍ୟାଲିପର (ସ୍ୱତନ୍ତ୍ର ଜୋତା) ଏବଂ ୩ ଜଣଙ୍କ ପାଇଁ କୃତ୍ରିମ ଅଙ୍ଗ ଆବଶ୍ୟକତା ଥିବା ଚିହ୍ନଟ କରାଯାଇଥିଲା ।ଏଥିମଧ୍ୟରୁ ଅତିଥିମାନଙ୍କ ଦ୍ୱାରା ୭ ଜଣଙ୍କୁ ତିନିଚକିଆ ସାଇକେଲ, ୧ ଜଣଙ୍କୁ ଧଳା ବାଡ଼ି ଏବଂ ୨ ଜଣଙ୍କୁ ହ୍ୱିଲଚେୟାର, ମୋଟ ୧୦ ଜଣଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା ।କାର୍ଯ୍ୟକ୍ରମକୁ ସଫଳ କରିବାରେ ବ୍ଲକର ପିଇଓ, ଜିଆରଏସ୍, ଏମ୍‌ବିକେ, ସିଆର୍‌ପି, ଅଙ୍ଗନବାଡ଼ି କର୍ମୀ ଏବଂ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ। ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସହ ସେମାନଙ୍କୁ ଆବଶ୍ୟକ ସହାୟତା ଓ ସ୍ୱାବଲମ୍ବନର ସୁଯୋଗ ପ୍ରଦାନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ।

# ନିର୍ବାଚନୀ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ



ଖଣ୍ଡପଡା ୧୮।୮(ଅକ୍ଷର ଓଡ଼ିଶା) ଖଣ୍ଡପଡା ସହରସ୍ଥିତ ମହିଳା ମହାବିଦ୍ୟାଳୟ ପରିସରରେ ନିର୍ବାଚନୀ ସାକ୍ଷରତା ସଂପର୍କିତ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି ।ଖଣ୍ଡପଡା ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୁକ୍ତ ୨ କଳା ଶ୍ରେଣୀର ପ୍ରଥମ ଓ ୨ୟ ବର୍ଷର ଶତାଧିକ ଛାତ୍ରୀ ମାନେ ଅଂଶ ଗ୍ରହଣ କରି ନିର୍ବାଚନୀ ସାକ୍ଷରତା ଶିର୍ଷକ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚନର ଭୂମିକା ଓ ମତଦାତା କିପରି ଶୂନ୍ୟ ସହନଶୀଳତା ପଦ୍ଧତିରେ ଅଂଶ ଗ୍ରହଣ କରି ଦେଶର ସାମଗ୍ରୀକ ବିକାଶରେ ଯୋଡି ହୋଇପାରିବେ ସେ ନେଇ ବକ୍ତା ଓ ଛାତ୍ରୀମାନଙ୍କ ମଧ୍ୟରେ ମତ ବିନିମୟ ହୋଇଥିଲା ।ଯୁକ୍ତ ୨ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଖଣ୍ଡପଡା ବିଡିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀ, ଖଣ୍ଡପଡ଼ା ବ୍ଲକ ଗ୍ରାମ ପଂଚାୟତ ସଂପ୍ରସାରଣ ଅଧିକାରୀ ଅନୀତ କୁମାର ବଡ଼ସେଟ୍ଠ,ବରିଷ୍ଠ ଅଧାପିକା କୃଷ୍ଣପ୍ରିୟା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ନିର୍ବାଚନୀ ସାକ୍ଷରତା ଓ ସଚେତନତା ସଂପର୍କରେ ଛାତ୍ରୀମାନଙ୍କୁ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଅଧାପିକା ବିଶ୍ୱ ଭାରତୀ ମହାରଣା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।ଭବିଷ୍ୟତରେ ଯେଉଁମାନେ ଦେଶର ନାଗରିକ ହେବେ ସେମାନେ କିପରି ସାଧାରଣ ନିର୍ବାଚନରେ ସକ୍ରୀୟ ଅଂଶ ଗ୍ରହଣ କରି ସମୃଦ୍ଧ ଗଣତନ୍ତ୍ର ଜରିଆରେ ଦେଶ ନିର୍ମାଣ କରିବେ ପ୍ରଶାସନିକ ଅଧିକାରୀମାନେ ସେ ନେଇ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ଅଧାପକ, ଅଧାପିକା ଓ କର୍ମଚାରୀମାନେ ସକ୍ରୀୟ ସହଯୋଗ କରିଥିଲେ।

# ସୃଜନ ସାହିତ୍ୟ ସଂସ୍କୃତି ସଂସଦର ଷଷ୍ଠ ବାର୍ଷିକ ଉତ୍ସବ ସମାହିତ



ପୁରୁଷୋତମପୁର ୧୮/୦୮ (ଅକ୍ଷର ଓଡିଶା )ସୃଜନ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ଷଷ୍ଠ ବାର୍ଷିକ ରାଜ୍ୟସ୍ତରୀୟ ସାହିତ୍ୟ ଉତ୍ସବ ଛତ୍ରପୁର ସ୍ଥାନୀୟ ଶିବ କୁମାର ପଟ୍ଟନାୟକ ରିଡିଂ ରୁମ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି ।ସଂସଦର ସଭାପତି କବିଶ୍ରୀ ପ୍ରଶାନ୍ତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ନବରଙ୍ଗପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଡ଼. ପ୍ରମୋଦ କୁମାର ପୃଷ୍ଟି ମୁଖ୍ୟ ଅତିଥି, ବିଶିଷ୍ଟ ସାହିତ୍ୟିକ, ସଂସ୍କୃତି ଗବେଷକ ଓ ପ୍ରାବନ୍ଧିକ ଶାନ୍ତନୁ ରଥ ମୁଖ୍ୟ ବକ୍ତା ଏବଂ ଗଞ୍ଜାମ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଭାଗବତ ତ ଗବେଷକ ଜଗନ୍ନାଥ ପଣ୍ଡା, ଗବେଷକ ଡ଼. ଅନନ୍ତ ରାମ କର (କୌଣ୍ଡିନ୍ୟ), ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ସାହିତ୍ୟିକ ସୁଶାନ୍ତ ଦାଶ, ଧରାକୋଟ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଜିତ କୁମାର ପଣ୍ଡା, ଯୁବ ସମାଜସେବୀ ଦୀପକ କୁମ କୁମାର ମୁଦୁଲି ଏବଂ ରାଧେଶ୍ୟାମ ଫାଉଣ୍ଡେସନର ସଭାପତି ଦେବାଶିଷ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ ଓ ସଂସଦର ସମ୍ପାଦକ ସୋମନାଥ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ ଓ ଉତ୍ସବରେ ସାହିତ୍ୟ ଆଲୋଚନା ଚକ୍ର, କବିତା ପାଠ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ବଦ୍ଧନା ସଭା ଅନୁଷ୍ଠିତ ହୋଇଥୁଲା ଓବକ୍ତାମାନେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶରେ ଏଭଳି ସାହିତ୍ୟ ଉତ୍ସବର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ ଓ ଆଗାମୀ ଦିନରେଯୁବପିଢ଼ିଙ୍କୁ ସାହିତ୍ୟ କ୍ଷେତ୍ରରେ ଅଧିକ ସାମିଲ କରିବ ସହିତ ସେମାନଙ୍କ ମନରେ ସାହିତ୍ୟ ପ୍ରତି ଆଗ୍ରହ ଓ ସୃଜନଶୀଳତା ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ବୁଧବାର ୧୯|୦୮|୨୦୨୬

ଅକ୍ଷର

AKHYARA ODISHA ଓଡ଼ିଶା

## ସମ୍ବଲପୁରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

# ୮୦ତମ ସ୍ୱାଧୀନତା ଦିବସ ସମାରୋହ ସହ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦାନ





















ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das

କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera

Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com

ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera